OCTOBER 07, 2026
WEDNESDAY, BHUBANESWAR

ଅକ୍ଟୋବର ୦୭, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 35 ବର୍ଷ- ୨ ● ସଂଖ୍ୟା- ୩୫ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ପୂର୍ବ ଭାରତରେ ପ୍ରତିରକ୍ଷା ଶିଳ୍ପର ମହାବିସ୍ଫୋରଣ

ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ଭାରତ

ହଲ ଦେଶର ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ହୋଇପାରିଛି : ରାଜନାଥ ସିଂହ

- ଓଡିଶାରେ ଏକ ଆଧୁନିକ ଡିଫେନ୍ସ ମାନୁଫାକ୍ଚରିଙ୍ଗ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ : ମୁଖ୍ୟମନ୍ତ୍ରୀ
- ଓଡ଼ିଶା ମାଟିରୁ ପ୍ରତିରକ୍ଷା ଶିଳ୍ପର ନୂତନ ଯାତ୍ରା
- ଓଡ଼ିଶାରେ ଶକ୍ତି ଇଞ୍ଜିନ୍‌ର ନୂତନ ମାନୁଫାକ୍ଚରିଙ୍ଗ୍ ଲାଇନ୍
- HALରେ ୨୦୦୦ତମ ଇଞ୍ଜିନ୍ ହସ୍ତାନ୍ତରିତ



ସୁନାବେଡା, ୦୬/୧୦ (ସମୀର ରଞ୍ଜନ ପାତ୍ର) : ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଜି ଏକ ଗୌରବମୟ ତଥା ଐତିହାସିକ ଦିନ। କୋରାପୁଟ ଜିଲ୍ଲାର ପାହାଡ଼ ଘେରା ସୁନାବେଡ଼ା ମାଟିରେ ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏକ ନୂତନ ଇତିହାସ ସୃଷ୍ଟି ହୋଇଛି,ଏହି କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (HAL) କୋରାପୁଟ ଡିଭିଜନରେ 'ଶକ୍ତି' (Shakti) ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହି ନୂତନ ଲାଇନ୍ ପ୍ରତିଷ୍ଠା ହେବା ଫଳରେ ଏଠାରେ ବାର୍ଷିକ ୧୦୦ଟି ଶକ୍ତି ଇଞ୍ଜିନ୍ ଉତ୍ପାଦନ ହୋଇପାରିବ, ଯାହା ଲାଇଟ୍ ହେଲିକପ୍ଟରଗୁଡ଼ିକୁ ଆହୁରି ଅଧିକ ଶକ୍ତିଶାଳୀ କରିବ। ଏହି ଅବସରରେ ସୁନାବେଡ଼ା କାରଖାନାରେ ନିର୍ମିତ ୨୦୦୦ତମ ଇଞ୍ଜିନ୍‌କୁ ଅତ୍ୟନ୍ତ ଗର୍ବ ଓ ଉତ୍ସାହର ସହିତ ଭାରତୀୟ ବାୟୁସେନାକୁ ପ୍ରତୀକାତ୍ମକ ଭାବେ ହସ୍ତାନ୍ତର କରାଯାଇଥିଲାଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି HAL ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି।

ସେ କହିଛନ୍ତି ଯେ କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ପ୍ରଷ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା HAL, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି । ସେ ପୁଣି କହିଥିଲେ ଯେ, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଏବଂ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ରକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ। ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ☞ପୃଷ୍ଠା-୨



ମା' କଟକ ଚଣ୍ଡୀଙ୍କ ଉଗ୍ରତାରା ବେଶ

ଆଶୁତୋଷ ଦିକ୍ଷୀତ ଭାରତୀୟ ବାୟୁସେନାର ନୂତନ ମୁଖ୍ୟ



ନୂଆଦିଲ୍ଲୀ, ୦୬/୧୦ : ଭାରତୀୟ ବାୟୁସେନା (IAF)କୁ ମିଳିଛି ନୂତନ ମୁଖ୍ୟ। ଦୀର୍ଘ ଚାରି ଦଶନ୍ଧିର ଅଭିଜ୍ଞତା ଏବଂ ୩,୫୦୦ ଘଣ୍ଟାରୁ ଅଧିକ ଉଡ଼ାଣର ଅଭିଜ୍ଞତା ରଖିଥିବା ସାହସୀ ଯୋଦ୍ଧା ଏୟାର ମାର୍ଶଲ ଆଶୁତୋଷ ଦିକ୍ଷୀତଙ୍କୁ ଭାରତୀୟ ବାୟୁସେନାର ନୂତନ ମୁଖ୍ୟ ଭାବେ

ମିରାଜରୁ ତେଜସ ପର୍ଯ୍ୟନ୍ତ ଚାରି ଦଶନ୍ଧିର ଅଭିଜ୍ଞତା

ନିଯୁକ୍ତ କରାଯାଇଛି।ମିରାଜ-୨୦୦୦ ଠାରୁ ଆରମ୍ଭ କରି ସ୍ୱଦେଶୀ ଲଢୁଆ ବିମାନ 'ତେଜସ' ପର୍ଯ୍ୟନ୍ତ ଆକାଶରେ ନିଜର ଦକ୍ଷତା ପ୍ରମାଣିତ କରିଥିବା ଶ୍ରୀ ଦିକ୍ଷୀତ ୧୯୮୬ ମସିହାରେ ଯୁଦ୍ଧ ଧାରାରେ ଯୋଗ ଦେଇଥିଲେ। 'ନ୍ୟାସନାଲ୍ ଡିଫେନ୍ସ ଏକାଡେମୀ' (NDA)ର ଏହି ଉଜ୍ଜ୍ୱଳ ତାରକା 'ଅପରେସନ୍ ଧଳା ସାଗର' ଠାରୁ ଆରମ୍ଭ କରି 'ଅପରେସନ୍ ସିନ୍ଦୂର' ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁକୁ ପରାସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ଏହି ନୂତନ ନେତୃତ୍ୱ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

ବିନା ପ୍ରମାଣରେ ବୟାନବାଜି ବିରୋଧୀଙ୍କ ହତାଶାର ପ୍ରତୀକ

ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ହୀନ ଉଦ୍ୟମ କରୁଛି ବିରୋଧୀ: ବିରଂଚି ନାରାୟଣ ତ୍ରିପାଠୀ



- ପ୍ରାସଙ୍ଗିକତା ହରାଇ ଓଡ଼ିଶା ସ୍ୱାର୍ଥର ଦ୍ୱାହି ଦେଉଛନ୍ତି ବିରୋଧୀ
- ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ କଂଗ୍ରେସ ନିଜର କଳା ଇତିହାସକୁ ମନେ ପକାଉ

ଭୁବନେଶ୍ୱର, ୦୬/୧୦: କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ଏବଂ ଓଡ଼ିଶାରେ ବିଜେପି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଯୋଗୁଁ ବିରୋଧୀମାନେ ସମ୍ପୂର୍ଣ୍ଣ ମୁଦ୍ଦାହୀନ ହୋଇପଡ଼ିଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଜନସାଧାରଣ ବିଜେପି ଉପରେ ପୂର୍ଣ୍ଣ ଆସ୍ଥା ରଖିଥିବାବେଳେ ବିରୋଧୀମାନେ କେବଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ହୀନ ରାଜନୈତିକ ନାଟକବାଜି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିଜୁ ଜନତା ଦଳ (ବିଜେଡି)ର କଥା ଓ କାର୍ଯ୍ୟରେ ସର୍ବଦା ଆକାଶ-ପାତାଳ ଫରକ ରହିଛି। ବିଜେଡି ଏବଂ 'ଇଣ୍ଡି' ମେଂଟର ସମ୍ପର୍କ କିଛି ନୂଆ ନୁହେଁ, ଏମାନଙ୍କ ଭିତରେ ବହୁ ପୂର୍ବରୁ ଗୁପ୍ତ ମଧୁଚନ୍ଦ୍ରିକା ଚାଲିଆସୁଥିଲା। ଏପରିକି 'ଇଣ୍ଡି' ମେଂଟ ବୈଠକରେ ମଧ ବିଜେଡିର ସଂସଦୀୟ ଦଳ ନେତା ଯୋଗ ଦେଇଥିବାର ପ୍ରମାଣ ରହିଛି। ଆଜି ବିଜେଡି ରାଜନୀତିରେ ଏକ 'ନିର୍ମୂଳୀ ଲତା'ରେ ପରିଣତ ହୋଇସାରିଛି। ନିଜର ଅସ୍ତିତ୍ୱ ବଚାଂଇବା ପାଇଁ ଏବଂ ରାଜନୈତିକ ସାହାରା ପାଇବାକୁ ଯାଇ କେତେବେଳେ 'ସିଜେପି' ତ କେତେବେଳେ 'ଇଣ୍ଡି' ☞ପୃଷ୍ଠା-୨

୮ ବର୍ଷର ବ୍ୟବଧାନ ପରେ ଫେରିଲା ଛାତ୍ର ସଂସଦ ନିର୍ବାଚନ

- ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜନୈତିକ ତତ୍ପରତା
- ଚଳଚଞ୍ଚଳ ଓଡ଼ିଶାର ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍
- ଉତ୍ସାହିତ ଆଶାୟୀ ପ୍ରାର୍ଥୀ ଓ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୦୬/୧୦ : ଓଡ଼ିଶାରେ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣିଥରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୨୦୧୮ ମସିହାରୁ ବନ୍ଦ ରହିଥିବା ଏହି ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ପରେ ଏବେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ଗୁଡ଼ିକ ଅତ୍ୟନ୍ତ ଚଳଚଞ୍ଚଳ ହୋଇପଡ଼ିଛି। ଆଶାୟୀ ପ୍ରାର୍ଥୀ ଓ ବିଭିନ୍ନ ଦଳର ଛାତ୍ର ସଂଗଠନଗୁଡ଼ିକ ତୁରନ୍ତ ନିର୍ବାଚନ ପ୍ରସ୍ତୁତି ପାଇଁ ଲାଗି ପଡିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ୨୦୧୮ ମସିହା ପରଠାରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ । ଏବେ ଯେଉଁମାନେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଛନ୍ତି ସେମାନେ ପୂର୍ବରୁ କେବେ ଛାତ୍ର ସଂସଦ ନିର୍ବାଚନ ଦେଖିନାହାନ୍ତି । ଏମିତିକି ଅନେକ ନବନିଯୁକ୍ତ ଅଧ୍ୟାପକ ଅଧ୍ୟାପିକାଙ୍କର ମଧ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରିବାର ଅଭିଜ୍ଞତା ନାହିଁ । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅର୍ଦ୍ଧାଧିକ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ସଂପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମୁଖ୍ୟମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

କେତେକ ଛାତ୍ର ସଂଗଠନ ନିର୍ବାଚନ ସଂକ୍ରାନ୍ତୀୟ ସରକାରୀ ଘୋଷଣାକୁ ସ୍ୱାଗତ କରୁଥିବାବେଳେ ଆଉ କେତେକ ଛାତ୍ର ସଂଗଠନ ପ୍ରସ୍ତୁତି ପାଇଁ ଅଧିକ ସମୟ ଦିଆଯିବାର ଆବଶ୍ୟକତା ଥିଲା ବୋଲି କହୁଛନ୍ତି । ତେବେ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଅର୍ଥାତ୍ ଚଳିତମାସ ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଭୋଟ ଗ୍ରହଣ ସହ ଫଳାଫଳ ଘୋଷିତ ହେବ ଏବଂ ପରଦିନ ଅର୍ଥାତ୍ ଅକ୍ଟୋବର ୧୬ ତାରିଖରେ ନବନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ । ୧୭ ତାରିଖରୁ ଶିକ୍ଷାନୁଷ୍ଠାନଗୁଡ଼ିକ ☞ପୃଷ୍ଠା-୨

ଚିଲିକାରେ ପକ୍ଷୀ ସୁରକ୍ଷା ଅଭିଯାନ ଆରମ୍ଭ

- ୨୨ଟି କ୍ୟାମ୍ପ୍ ଓ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା
- ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗର କଡ଼ା ନଜର

ଟାଙ୍ଗୀ, ୬।୧୦ : ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଚିଲିକା ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଆରମ୍ଭ ହୋଇଛି ପକ୍ଷୀ ସୁରକ୍ଷା ଅଭିଯାନ । ଶୀତ ଋତୁରେ ଚିଲିକାକୁ ଆସୁଥିବା ପ୍ରବାସୀ ପକ୍ଷୀଙ୍କ ସୁରକ୍ଷାକୁ ଦିଆଯାଇଛି ବିଶେଷ ଗୁରୁତ୍ୱ । ଏଥିପାଇଁ ଚିଲିକାର ବିଭିନ୍ନ ସ୍ଥାନରେ ଖୋଲାଯାଇଛି ଅସ୍ଥାୟୀ ସୁରକ୍ଷା କ୍ୟାମ୍ପ । ପ୍ରତି କ୍ୟାମ୍ପରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ନିୟୋଜିତ ହୋଇ ୨୪ ଘଣ୍ଟିଆ ନଜର ରଖିବେ ।ପ୍ରତିବର୍ଷ ଶୀତ ଋତୁରେ ଚିଲିକାକୁ ଆସିଥାନ୍ତି ହଜାର ହଜାର ବିଦେଶୀ ପକ୍ଷୀ । ଏହି ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ସହିତ ଅବାଧ ବିଚରଣ ଏବଂ ନିରାପଦ ପରିବେଶ ସୁନିଶ୍ଚିତ କରିବାକୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନିଆଯାଇଛି ପଦକ୍ଷେପ । ଚିଲିକାର ବିଭିନ୍ନ ପକ୍ଷୀ ଅଭୟାରଣ୍ୟ ଓ ସମ୍ବେଦନଶୀଳ ଅଞ୍ଚଳରେ ଖୋଲାଯାଇଛି ଅସ୍ଥାୟୀ କ୍ୟାମ୍ପ । ଏହି କ୍ୟାମ୍ପ ଗୁଡ଼ିକରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ପାଳି କରି ୨୪ ଘଣ୍ଟିଆ ☞ପୃଷ୍ଠା-୨

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭



- ଅକ୍ଟୋବର ୨୬ରୁ ଘରକୁ ଘର ସର୍ଭେ
- ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ଆୟୋଗଙ୍କ ଗୁରୁତ୍ୱ
- ବୁଥ୍‌ସ୍ତରୀୟ ଏଜେଣ୍ଟ ନିୟୋଜନ ପାଇଁ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ
- ଅକ୍ଟୋବର ୧୫ ସୁଦ୍ଧା BLA ତଥ୍ୟ ଦାଖଲ

ଭୁବନେଶ୍ୱର, ୦୬/୧୦ : ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭କୁ ସ୍ୱଚ୍ଛ, ନିରପେକ୍ଷ ଏବଂ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ଆୟୋଗଙ୍କ କାର୍ଯ୍ୟାଳୟରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏହି ଆଲୋଚନା କରାଯାଇଛି। ବୈଠକରେ ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ ।ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ (BLA)ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ☞ପୃଷ୍ଠା-୨



ଅକ୍ଷର AKHYARA ODISHA ଓଡ଼ିଶା
ବ୍ୟଙ୍ଗ ବିଚାର
ଡ.ଗିରୀଶ ରଂଜନ

ପର୍ଯ୍ୟଟନ ଆଉ କ୍ରୀଡ଼ାରେ
ଆଗେଇବ ଆମ ଓଡ଼ିଶା
ଡଙ୍ଗାରେ ବସି ଚିଲିକା ବୁଲିବେ
ମାଉସୀ ସାଥିରେ ମଉସା
ଇର୍ଷାରେ ଜଳିବେ ପଡ଼ିଶା
ମାଉସୀ ଦେଖିବ କ୍ରିକେଟ ଖେଳ
ମଉସାଠୁ ନେଇ ପଇସା

ମୋଦୀଜୀଙ୍କ ୨୫ ବର୍ଷର ସେବା **ସଫଳ ନେତୃତ୍ୱକୁ କ୍ୟାବିନେଟ୍‌ର ଐତିହାସିକ ସଂକଳ୍ପ**


ଓଡ଼ିଶା ସମେତ ଦେଶର ୭୫୦ ଜିଲ୍ଲାରେ ହେବ ସଂକଳ୍ପ ସଭା

ଭାରତର ଗଣତାନ୍ତ୍ରିକ ଇତିହାସରେ ଗୌରବମୟ ଦିନ: ମନମୋହନ ସାମଲ



- ଆଜି ଦେଶବ୍ୟାପୀ 'ବିକଶିତ ଭାରତ ସଂକଳ୍ପ ସଭା'
- ୧୪୦ କୋଟି ଜନତାଙ୍କ ସହ କଥା ହେବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୦୬/୧୦ : ସରକାରଙ୍କ ମୁଖ୍ୟ ଭାବରେ ନିରବଚ୍ଛିନ୍ନ ୨୫ ବର୍ଷର ଗୌରବମୟ ନେତୃତ୍ୱ ପୂରଣ କରିଥିବାରୁ କେନ୍ଦ୍ର କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ଅଭିନନ୍ଦନ ଜଣାଇ ଏକ ଐତିହାସିକ ସଂକଳ୍ପ ପାରିତ କରିଛି। ଏହି ସଂକଳ୍ପ କେବଳ ଏକ ଆନୁପାତିକ ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ 'ରାଷ୍ଟ୍ର ପ୍ରଥମ' ଏବଂ 'ନାଗରିକ ପ୍ରଥମ' ନୀତି ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଅସାଧାରଣ ଯାତ୍ରାକୁ ଉତ୍ସବ ଭାବେ ପାଳନ କରେ। ଗୁଜରାଟରେ ତିନୋଟି ପୂର୍ଣ୍ଣ ବହୁମତ ଏବଂ କ୍ରମାଗତ ତିନୋଟି ଲୋକସଭା ନିର୍ବାଚନରେ ଜନସାଧାରଣଙ୍କ ସମର୍ଥନ, ମୋଦୀଜୀଙ୍କ ଉପରେ ଦେଶବାସୀଙ୍କ ନିରନ୍ତର ବିଶ୍ୱାସର ପ୍ରତୀକ। ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶାସନ ଭାର ଗ୍ରହଣ କରିବାଠାରୁ ଆରମ୍ଭ କରି ଆଜି ଦେଶର ପ୍ରଧାନମନ୍ତ୍ରୀ ଭାବେ ଭାରତକୁ ନୂତନ ଉଚ୍ଚତାକୁ ନେବା ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱର ୧୦ଟି ମୁଖ୍ୟ କାର୍ଯ୍ୟକୁ କେନ୍ଦ୍ର କ୍ୟାବିନେଟର ସଂକଳ୍ପରେ ସ୍ଥାନିତ କରାଯାଇଛି । ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ଅତ୍ୟନ୍ତ ଗୌରବମୟ ଦିନ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ମୋଦିଜୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୁଜରାଟର 'ସ୍ୱାଗତ' ଜନ-ଅଭିଯୋଗ ଶୁଣାଣି ବ୍ୟବସ୍ଥା ଏବଂ ଦେଶର ପ୍ରଧାନମନ୍ତ୍ରୀତ୍ୱ ସମୟରେ କେନ୍ଦ୍ରରେ 'ପ୍ରଗତି' ମାଧ୍ୟମରେ ଦେଶର ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି। ସେହିପରି 'ଜ୍ୟୋତିଗ୍ରାମ' ଯୋଜନା ଆଜି ସାରା ଦେଶ ପାଇଁ ଏକ ମଡେଲ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ଅନୁଭୂତି କାରଣରୁ ଆଜି ୬୦ କୋଟି ଜନଧନ ଆକାଉଣ୍ଟ, ୪ କୋଟିରୁ ଅଧିକ ପକ୍କା ଘର ଏବଂ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରି ପରିବାରଗୁଡ଼ିକୁ ସମ୍ମାନର ସହ ଜୀବନଜାପନ କରିବାର ସୁଯୋଗ ଦେଇଛି। ଦେଶରେ ୩.୫ କୋଟି 'ଲକ୍ଷପତି ଦିଦି', 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳା ସଂରକ୍ଷଣ, ପିଏମ-କିଷାନ ମାଧ୍ୟମରେ ୪ ଲକ୍ଷ କୋଟିରୁ ଅଧିକ ଟଙ୍କାର କୃଷକ ସହାୟତା ଏବଂ ପିଏମ-ଜନମନ ମାଧ୍ୟମରେ ଅତି ଦୁର୍ବଳ ଜନଜାତି ସମ୍ପ୍ରଦାୟ ନିକଟରେ ବିକାଶ ପହଞ୍ଚାଯାଇପାରିଛି। ରାଜନୈତିକ କ୍ଷତିର ଭୟ ସତ୍ତ୍ୱେ ଜିଏସଟି ଲାଗୁ କରିବା, କଲ୍ୟାଣକାରୀ ଯୋଜନାରେ ସଂସ୍କାର ଏବଂ ପୁରୁଣା ଉପନିବେଶବାଦୀ ଆଇନର ପ୍ରତ୍ୟାହାର ମୋଦୀଜୀଙ୍କ ଦୃଢ଼ ଇଚ୍ଛାଶକ୍ତିର ☞ପୃଷ୍ଠା-୨



ବୁଧବାର ୦୭।୧୦।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ପ୍ରତିରକ୍ଷା କ୍ଷେତ୍ରରେ...

ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ । ଏହିସବୁ ଶିଳ୍ପଗୁଡ଼ିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍‌ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି । ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥଲେ । ଐଇଖି କୋରାପୁଟ ଡିଭିଜନ୍ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଣ୍ଟ ବିଷୟରେ ମତ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଗତ ୬୦ ବର୍ଷ ଧରି ଏହି ସଂସ୍ଥା ଦେଶର ସୁରକ୍ଷାରେ ଅତୁଳନୀୟ ଯୋଗଦାନ ଦେଇଆସୁଛି । ଆଜି ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍ଚରିଂ ଲାଇନ୍‌ର ଉଦ୍‌ଘାଟନ ଏବଂ ୨୦୦୦ତମ ଇଞ୍ଜିନ୍‌ର ହସ୍ତାନ୍ତର ଭାରତର ବୃଦ୍ଧିପାଉଥିବା ପ୍ରତିରକ୍ଷା ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀକ । ଲାଇଟ୍ ହେଲିକପ୍ଟର ପାଇଁ ନିର୍ମିତ ଏହି ଦ୍ୱିତୀୟ ଲାଇନ୍ ଦ୍ୱାରା ବାର୍ଷିକ ୧୦୦ଟି ଶକ୍ତି ଇଞ୍ଜିନ୍ ଉତ୍ପାଦନ ହୋଇପାରିବ । ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଞ୍ଜିନ୍‌ସରକାର ଆସିବା ପରଠାରୁ ପ୍ରାୟ ୨୨.୫ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରସ୍ତାବ ମିଳିଛି, ଯାହା ମଧ୍ୟରୁ ୧୨.୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇସାରିଛି । ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ୧୫୨ଟି ଶିଳ୍ପର ଗ୍ରାଉଣ୍ଡିଙ୍ଗ୍ ହୋଇସାରିଛି, ଯାହା ଦ୍ୱାରା ୨.୫୦ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି । ବର୍ତ୍ତମାନ କେବଳ ଅଳ୍ପ କେତୋଟି ଜିଲ୍ଲାରେ ଶିଳ୍ପ ସୀମିତ ନରହି ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ସ୍ଥାପନ କରାଯାଉଛି । ସେମିକଣ୍ଡକ୍ଟର କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ନରାଜଠାରେ ୮୭୦ ଏକର ପରିମିତ ସ୍ଥାନରେ 'ଓଡ଼ିଶା ସିଲିକନ ଭ୍ୟାଲି' ପ୍ରତିଷ୍ଠା କରାଯାଉଛି ଏବଂ ସିକ୍ସେମ୍ ଓ 3DGS ପରି ପ୍ରକଳ୍ପଗୁଡ଼ିକ ନିର୍ମାଣାଧୀନ ଅଛି, ଯାହା ଭାରତକୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ ।ଏହି ଅବସରରେ ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ର ବିଧାୟକ ଶ୍ରୀରୂପୁ ଭତ୍ରା, ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉଁଟା, କୋରାପୁଟ ବିଧାୟକ ରଘୁରାମ ମାଛ, କେନ୍ଦ୍ରୀୟ ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର, ହାଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (CMD) କେ. ରବି, ଏୟାର ହେଡକ୍ୱାର୍ଟରର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ (DCAS) ଏୟାର ମାର୍ଶାଲ ତେଜ ପାଲ ସିଂହ, ଏବଂ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ସଂସ୍ଥାର ପ୍ରମୁଖ ବୈଜ୍ଞାନିକ, ଇଞ୍ଜିନିୟର, ବରିଷ୍ଠ ଅଧିକାରୀ ଓ କର୍ମଚାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ବିନା ପ୍ରମାଣରେ ବୟାନବାଜି...

ମେଂଟ ପଛରେ ଗୋଡ଼ାଉଛି । ଲୋକସଭା ଓ ରାଜ୍ୟସଭାରେ ନିଜର ପ୍ରାସଙ୍ଗିକତା ହରାଇବା ପରେ ଓଡ଼ିଶାର ସ୍ୱାର୍ଥର ଦ୍ୱାହି ଦେବା ହେଉଛି କେବଳ 'ଚୋର ମୁହଁ ଟାଣ' ସଦୃଶ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ଓ ଇସ୍ତଫା ଦାବି କରୁଥିବା କଂଗ୍ରେସର ଦୋମୁହାଁ ନୀତି ଉପରେ ଶ୍ରୀ ତ୍ରିପାଠୀ କହିଛି ଯେ, ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଉଥିବା କଂଗ୍ରେସ ନିଜ କଳା ଇତିହାସକୁ ମନେ ପକାଉ । ଦେଶରେ ଆଜି ପର୍ଯ୍ୟନ୍ତ ୧୦ ଥର ଏସ୍‌ଆଇଆର୍ ହୋଇଥିବା ବେଳେ ସେଥିମଧ୍ୟରୁ ୯ ଥର କେବଳ କଂଗ୍ରେସ ଶାସନ କାଳରେ ହୋଇଛି । ଯେଉଁ କଂଗ୍ରେସ ନିରପେକ୍ଷତା ଓ ନୈତିକତାର ବଡ଼ ବଡ଼ ଭାଷଣ ଦେଉଛି, ସେହି କଂଗ୍ରେସ ହିଁ ନିର୍ବାଚନ କମିଶନରଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ କରିଥିଲା ଏବଂ ନିର୍ବାଚନ କମିଶନରଙ୍କୁ ନେଇ ଲାଲକୃଷ୍ଣ ଆଡଭାନୀଙ୍କ ବିରୋଧରେ ପ୍ରାର୍ଥୀ କରାଇଥିଲା । ତେଣୁ କଂଗ୍ରେସ ମୁହଁରେ ନୈତିକତାର କଥା ଆଦୌ ଶୋଭା ପାଉନାହିଁ ।ନିର୍ବାଚନ ସମ୍ବନ୍ଧୀୟ ପ୍ରସଙ୍ଗ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ରେ ଶୁଣାଣି ଚାଲିଛି । ମୁଖ୍ୟ ବିଚାରପତି ମଧ୍ୟ ସ୍ପଷ୍ଟ କରିସାରିଛନ୍ତି ଯେ, ଏଥିରେ ସୁପ୍ରିମକୋର୍ଟ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ । ପୂର୍ବରୁ ପଶ୍ଚିମବଙ୍ଗରେ ମଧ୍ୟ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଆର୍ ହୋଇଥିଲା, କିନ୍ତୁ ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ କୌଣସି ପ୍ରକାର ତ୍ରୁଟି ସାମ୍ନାକୁ ଆସିନଥିଲା । ଯଦି ବିରୋଧୀଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଅଛି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ କାହାର ନାମ କଟାଯାଇଛି, ତେବେ ତାହାକୁ ସାର୍ବଜନୀନ କରି ଗଣତାନ୍ତ୍ରିକ ତଥା ଆଇନଗତ ପ୍ରକ୍ରିୟାର ସାମ୍ନା କରନ୍ତୁ । କୌଣସି ପ୍ରମାଣ ନ ଥାଇ କେବଳ ଗଣମାଧ୍ୟମରେ ବୟାନ ବାଜି କରିବା ବିରୋଧୀଙ୍କ ହତାଶାର ପ୍ରତୀକ ।ଭାରତୀୟ ଜନତା ପାର୍ଟି ସର୍ବଦା ସମ୍ବିଧାନ, ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ନିରପେକ୍ଷ ଆଇନ ଶାସନରେ ବିଶ୍ୱାସ କରେ । ଦେଶ ତଥା ଓଡ଼ିଶାର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟ ବିଜେପି ସରକାରଙ୍କ ସହିତ ଅଛନ୍ତି ଏବଂ ବିଜେପି ନିଷ୍ଠାର ସହିତ ଜନସେବାରେ ନିଜକୁ ନିୟୋଜିତ ରଖିଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

୮ ବର୍ଷର ବ୍ୟବଧାନ...

ଦୁର୍ଗା ପୂଜା ଛୁଟି ପାଇଁ ବନ୍ଦ ରହିବ । ଦୀର୍ଘବର୍ଷ ଧରି ନିର୍ବାଚନ ହୋଇନଥିବାରୁ ଏବେ ବସ୍ତୁତଃ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଛାତ୍ର ସଂଗଠନଗୁଡ଼ିକର ପ୍ରଭାବୀ ଉପସ୍ଥିତି ନାହିଁ । ତେବେ ଏହି ନିର୍ବାଚନ ଦଳୀୟ ଭିତରେ ହେଉନଥିଲେ ମଧ୍ୟ ଆଜିଠାରୁ ବିଭିନ୍ନ ଛାତ୍ରସଂଗଠନର ନେତାମାନେ ଦମ୍ଭର ସହ କହୁଛନ୍ତି ଯେ ସେମାନଙ୍କ ସଂଗଠନର ପ୍ରାର୍ଥୀମାନେ ଅଧିକାଂଶ କଲେଜ୍ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ବିଜୟୀ ହେବେ ବୋଲି । ପୂର୍ବଭଳି ଏଥର ଛାତ୍ର ସଂସଦ ନିର୍ବାଚନ ପାଇଁ ବ୍ୟୟବହୁଳ ପ୍ରଚାର ହୋଇପାରିବ ନାହିଁ କିମ୍ବା ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍ ବାହାରେ ଶୋଭାଯାତ୍ରା ଆଦି କରାଯାଇପାରିବ ନାହିଁ । ଏହାଛଡ଼ା ପ୍ରାର୍ଥୀମାନେ ମୁଦ୍ରିତ ପୋଷ୍ଟର କିମ୍ବା ପ୍ରଚାରପତ୍ର ମଧ୍ୟ ବ୍ୟବହାର କରିପାରିବେ ନାହିଁ । ସାମାଜିକ ଗଣମାଧ୍ୟମରେ ପ୍ରଚାର ଉପରେ ମଧ୍ୟ କେତେକ କଟକଣା ରଖାଯାଇଛି । ବିଶେଷକରି କ୍ୟାମ୍ପସ୍ରେ ଶୃଙ୍ଖଳା ରକ୍ଷା କରାଯିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଛି । ଛାତ୍ର ସଂସଦ ନିର୍ବାଚନ ବିଜେଡି ସରକାର ଅମଳରୁ ବନ୍ଦ ଥିଲା ଏବଂ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଦୁଇବର୍ଷ ଧରିବି ଛାତ୍ର ସଂସଦ ନିର୍ବାଚନ ହୋଇନଥିଲା । ଅତୀତରେ ଜରୁରୀ ପରିସ୍ଥିତି ସମୟରେ ୧୯୭୫ ଓ ୧୯୭୬ ମସିହାରେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ହୋଇନଥିଲା । ନିର୍ବାଚନ ନକରି କର୍ତ୍ତୃପକ୍ଷଙ୍କ ମନୋନୀତ ପ୍ରାର୍ଥୀଙ୍କ ମାଧ୍ୟମରେ କାମ ଚଳାଯାଉଥିଲା । ଏବେ ନିର୍ବାଚନ ପାଇଁ ସରକାରୀ ଘୋଷଣା ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ଏ ସଂକ୍ରାନ୍ତରେ ପରସ୍ପର ଉପରକୁ କାଦୁଅ ଫିଙ୍ଗାରେ ବ୍ୟସ୍ତ ଥିବାଭଳି ମନେ ହେଉଛି । ବିଶେଷକରି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରୀୟ ଛାତ୍ର ସଂଗଠନଗୁଡ଼ିକର ନେତାମାନେ ଚେଇଁ ଉଠିଥିବାବେଳେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ସାଂସଦ, ବିଧାୟକ ଏବଂ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିବା ପ୍ରାର୍ଥୀମାନେ ନିଜ ନିଜ ଅନୁଗତମାନଙ୍କୁ କିଭଳି ଛାତ୍ର ସଂସଦ ନିର୍ବାଚନରେ ଜିଣାଯାଇପାରିବ ସେଥିପାଇଁ ଚଳଚଞ୍ଚଳ ହୋଇପଡିଛନ୍ତି ।

ଚିଲିକାରେ ପକ୍ଷୀ ସୁରକ୍ଷା...

ପହରା ଦେବେ । ବେଆଇନ ଶିକାର, ପକ୍ଷୀ ହତ୍ୟା ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ଉପରେ ରହିବ କଡ଼ା ନଜର । ଏଥିସହ ଚିଲିକାର ବିଭିନ୍ନ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରାଯିବା ସହ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି । ପକ୍ଷୀ ସୁରକ୍ଷା ଅଭିଯାନ ନେଇ ଚିଲିକା ବନ୍ୟପ୍ରାଣୀ ଡିଭିଜନର ଉରଙ୍ଗ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧିନରେ ରହିଛି ୫ ରେଞ୍ଜ ଇଲାକା । ଏହି ୫ ଟି ରେଞ୍ଜ ହେଉଛି ଚିଲିକା, ରମ୍ଭା, ସାତପଡ଼ା, ଟାଙ୍ଗୀ, ବାଲୁଗାଁ । ସର୍ବମୋଟ ୨୨ ଟି ପକ୍ଷୀ ସୁରକ୍ଷା କ୍ୟାମ୍ପ କରାଯାଇଛି । ସେଥିପାଇଁ ଚିଲିକା ରେ ୨ ଟି, ରମ୍ଭା ୩ ଟି, ସାତପଡ଼ା ରେ ୨ ଟି, ଟାଙ୍ଗୀ ରେ ୧୧ ଟି, ବାଲୁଗାଁ ରେ ୪ ଟି କ୍ୟାମ୍ପ କରାଯାଇଛି ।

ଆଗାମୀ ପଞ୍ଚାୟତ ଓ ପୌର...

ଅନୁରୋଧ କରାଯାଇଛି । ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା BLAଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଗ୍ରାମାଞ୍ଚଳ ପାଇଁ ବିଡିଓଙ୍କ ପାଖରେ ସହରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର /ଆସିଷ୍ଟାଣ୍ଟ କମିଶନର ଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ କହିଥିଲେ ଯେ, ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏକ ସୁସ୍ଥ ଓ ସ୍ୱଚ୍ଛ ନିର୍ବାଚନ ବ୍ୟବସ୍ଥାର ମୂଳ ଆଧାର । ତେଣୁ ଭୋଟର ତାଲିକା ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ୱଚ୍ଛତା, ନିରପେକ୍ଷତା ଓ ସମସ୍ତଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ । ରାଜନୈତିକ ଦଳଗୁଡ଼ିକର ସକ୍ରିୟ ସହଯୋଗ ଦ୍ୱାରା ଭୋଟର ତାଲିକାକୁ ଅଧିକ ବିଶ୍ୱସନୀୟ ଓ ତ୍ରୁଟିମୁକ୍ତ କରାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହ ଘରକୁ ଘର ସର୍ଭେ ପ୍ରକ୍ରିୟାରେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସମଗ୍ର ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ସୁଚାରୁ ଭାବେ ସମ୍ପାଦନ କରାଯିବ । ଏଥିସହ ସମସ୍ତ ରାଜନୈତିକ ଦଳ, ପ୍ରଶାସନ ଓ ସାଧାରଣ ଭୋଟରଙ୍କ ସମନ୍ୱିତ ସହଯୋଗରେ ସ୍ୱଚ୍ଛ, ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟ କରୁଛନ୍ତି । ଏହି ବୈଠକରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢୀ ଙ୍କ ସମେତ ,ଆୟୋଗ ର ସଚିବ ସନ୍ତୋଷ କୁମାର ଦାଶ ,ଉପ ସଚିବ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ ।

ଓଡ଼ିଶା ସମେତ ଦେଶର...

ପ୍ରମାଣ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

ସେହିପରି ମୋଦିଜୀ ପ୍ରଧାନମନ୍ତ୍ରୀ ହେବା ପରେ ସରକାରୀ ପୁଞ୍ଜି ବ୍ୟୟ ୨ ଲକ୍ଷ କୋଟିରୁ ୧୨ ଲକ୍ଷ କୋଟିରୁ ଅଧିକ ଟଙ୍କାକୁ ବୃଦ୍ଧି ପାଇଛି । ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୧୩ ଲକ୍ଷ କୋଟି ଟଙ୍କା ଟପିଛି । ପ୍ରତିରକ୍ଷା ଉତ୍ପାଦନ ଓ ସେମିକଣ୍ଡକ୍ଟର ନିର୍ମାଣ ଭାରତକୁ ସ୍ୱାବଲମ୍ବୀ କରିଛି । ଜନଧନ, ଆଧାର, ମୋବାଇଲ୍ ଓ ୟୁପିଆଇ ମାଧ୍ୟମରେ ଡିଜିଟାଲ୍ ବିପ୍ଳବ, ସ୍ୱଦେଶୀ କୋଭିଡ୍ ଟୀକା, ଚନ୍ଦ୍ରଯାନ-୩ର ସଫଳତା, ଏବଂ ଏଆଇ, କ୍ୱାଣ୍ଟମ୍ ଟେକ୍ନୋଲୋଜି ଓ ମହାକାଶ କ୍ଷେତ୍ରରେ ଘରୋଇ ଭାଗୀଦାରୀ ଭାରତକୁ ବିଶ୍ୱର ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ପରିଣତ କରିଛି । ବୈଶ୍ୱିକ କୋଭିଡ୍ ମହାମାରୀ ସମୟରେ ବିଶ୍ୱର ବୃହତ୍ତମ ଟିକାକରଣ ଅଭିଯାନ ଏବଂ ପଶ୍ଚିମ ଏସିଆ ସଙ୍କଟ ସମୟରେ ସମୟୋପଯୋଗୀ ଶକ୍ତି ସୁରକ୍ଷା ପଦକ୍ଷେପ ଦେଶକୁ ଆତ୍ମବିଶ୍ୱାସ ଦେଇଛି । ୨୦୧୬ ସର୍ଜିକାଲ୍ ଷ୍ଟ୍ରାଇକ୍, ୨୦୧୯ ବାଲାକୋଟ୍ ଏୟାର ଷ୍ଟ୍ରାଇକ୍, ୨୦୨୫ ଅପରେସନ୍ ସିନ୍ଦୂର, ଧାରା ୩୭୦ ଉଚ୍ଛେଦ, ଓଆରଓପି ଏବଂ ସିଡିଏସ ପଦବୀ ସୃଷ୍ଟି ଜାତୀୟ ସୁରକ୍ଷାରେ ଏକ ନୂତନ ସୀମାରେଖା ସ୍ଥାପନ କରିଛି । ଜି-୨୦ ଏବଂ ବ୍ରିକ୍ସ ସମ୍ମିଳନୀରେ ସହମତି, ଗ୍ଲୋବାଲ ସାଉଥ୍ ଓ ଆଫ୍ରିକୀୟ ୟୁନିଅନ୍‌କୁ ସାମିଲ କରିବା, ଏବଂ 'ଭାକ୍ସିନ୍ ମୈତ୍ରୀ' ଦ୍ୱାରା ଭାରତର ପ୍ରଭାବ ବିଶ୍ୱ ସ୍ତରରେ ବୃଦ୍ଧି ପାଇଛି । ମୋଦିଜୀଙ୍କୁ ୩୬ଟି ଦେଶରୁ ମିଳିଥିବା ସର୍ବୋଚ୍ଚ ସମ୍ମାନ ଏହାର ପ୍ରମାଣ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ମୋଦିଜୀଙ୍କ ନେତୃତ୍ୱରେ ଗୁଜରାଟର ଜଳବାୟୁ ବିଭାଗରୁ ଆରମ୍ଭ କରି ସୌର ଶକ୍ତି ସମ୍ପ୍ରସାରଣ, ଯୋଗ, ମିଲେଟ୍ସ, କାଶୀ ବିଶ୍ୱନାଥ ଧାମ ଏବଂ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ମାଧ୍ୟମରେ ସାଂସ୍କୃତିକ ଗୌରବକୁ ପୁନଃପ୍ରତିଷ୍ଠା କରାଯାଇଛି । ଏହି ସଂକଳ୍ପ କେବଳ ଗୋଟିଏ କାର୍ଯ୍ୟକାଳର ହିସାବ ନୁହେଁ, ବରଂ ୨୦୪୭ ସୁଦ୍ଧା ଏକ ସମୃଦ୍ଧ, ଆତ୍ମନିର୍ଭର ଏବଂ ବିକଶିତ ଭାରତ ଗଠନ ପାଇଁ ଆମ ସମସ୍ତଙ୍କର ପୁନଃ-ସଂକଳ୍ପବଦ୍ଧ ହେବାର ପ୍ରେରଣା ଯୋଗାଉଛି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା କାଲି ଅକ୍ଟୋବର ୭ ତାରିଖ ଦିନ ଦେଶର ୭୫୦ ଜିଲ୍ଲା ମୁଖ୍ୟାଳୟରେ ''ବିକଶିତ ଭାରତ ସଂକଳ୍ପ ସଭା''ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ କୋଟି ଦେଶବାସୀଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିବେ । ଓଡ଼ିଶାରେ ୩୧ ଟି ରାଜସ୍ୱ ଜିଲ୍ଲା ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଲୋକଙ୍କ ସହ କଥା ହେବେ ମୋଦିଜୀ । ବିଭିନ୍ନ କେନ୍ଦ୍ରୀୟ ଯୋଜନା, ଯାହା ଲୋକଙ୍କ ଜୀବନକୁ ଉନ୍ନତ କରିଛି ତାହାକୁ ନେଇ ଆଲୋଚନା କରିବେ । ଖୋର୍ଦ୍ଧାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ । ରାଜ୍ୟର ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳ ସମସ୍ତ ମନ୍ତ୍ରୀ, ସାଂସଦଙ୍କ ଏବଂ ବିଧାୟକମାନେ ସାମିଲ ହେବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ରାଜ୍ୟ ପ୍ରକୋଷ୍ଠ ସମୂହ ସହ ସଂଯୋଜକ ସୁଦୀପ୍ତ ରାୟ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଖଇରପୁଟ ବ୍ଲକରେ ସେବା ସେତୁ ଅଭିଯାନ ସମ୍ପନ୍ନ

ଭିନ୍ନକ୍ଷମଙ୍କୁ ସହାୟତା ସହ ହିତାଧିକାରୀଙ୍କୁ ମିଳିଲା ତତ୍କାଳୀନ ସରକାରୀ ସୁବିଧା

ମାଲକାନଗିରି,୬/୧୦/(ପ୍ରଦୀପ ରାଉଳ) ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ପଞ୍ଚାୟତ ସମିତି ସ୍ତରରେ ସେବା ସେତୁ ଅଭିଯାନ ସହ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ନରସିଂହ ମାଡ଼କାମୀ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଷାନି, ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ସୀସା ଏବଂ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ପିତା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ଜନପ୍ରତିନିଧି ଓ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଶିବିରରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ପ୍ରଦର୍ଶିତ କରାଯାଇ ଜନସାଧାରଣଙ୍କୁ ସରକାରୀ ଯୋଜନା



ସମ୍ପର୍କରେ ଅବଗତ କରାଯିବା ସହ ତୁରନ୍ତ ସେବା ଯୋଗାଇ ଦିଆଯାଇଥିଲା ।କାର୍ଯ୍ୟକ୍ରମ ଅବସର ବିଧାୟକ ଶ୍ରୀ ମାଡ଼କାମୀ କହିଛନ୍ତି, ସରକାର ପ୍ରତ୍ୟେକ ନାଗରିକଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ । ବିଶେଷ କରି ଦୁର୍ଗମ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମ ଓ ଗରିବ ଶ୍ରେଣୀର ଲୋକଙ୍କୁ ସରକାରୀ ସୁବିଧା ତୁରନ୍ତ ଯୋଗାଇଦେବା ଏହି ସେବା ସେତୁ ଅଭିଯାନର ମୂଳ ଲକ୍ଷ୍ୟ ।ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ୩ଟି ବ୍ୟାଟେରୀ ଚାଳିତ ମୋଟର ସାଇକେଲ, ୧ଟି ଟି.ଏଲ.ଏମ କିଟ୍, ୧ଟି ଫୋଲ୍ଡିଂ ହୁଇଲ୍ ଚେୟାର, ୧ଟି ସୁଗମ୍ୟ ବାଡ଼ି ଏବଂ ୩ ହଳ ଡିଜିଟାଲ ପ୍ରୋଗ୍ରାମେବଲ୍ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି । ଏହା ସହିତ ଜାତୀୟ ପରିବାର ମଙ୍ଗଳ ଯୋଜନା ଅନ୍ତର୍ଗତ ଜଣେ ବିଧବା ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ଶିବିରର ସଫଳତା ସମ୍ପର୍କରେ ଜିଲ୍ଲାପାଳ ପ୍ରକାଶ କରିଛନ୍ତି, ଲୋକଙ୍କୁ ପ୍ରଶାସନିକ ସେବା ପାଇଁ ଯେପରି ଅଯଥା ଦଉଡ଼ିବାକୁ ନପଡ଼େ, ସେଥିପାଇଁ ପ୍ରଶାସନ ସେମାନଙ୍କ ଦ୍ୱାରମୁହଁରେ ପହଞ୍ଚିଛି । ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ଏବଂ ସାମାଜିକ ସୁରକ୍ଷା ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ଆମର ପ୍ରାଥମିକତା । ପ୍ରଶାସନ ପକ୍ଷରୁ ଲୋକଙ୍କୁ ତୁରନ୍ତ ସୁବିଧା ଯୋଗାଇବା ପ୍ରୟାସରେ ୨୦ ଜଣଙ୍କୁ ଶ୍ରମିକ କାର୍ଡ ଏବଂ ୨ ଜଣଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଛି । ସେହିପରି ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବି ଏବଂ ଜୀବିକା ବିକାଶ ପାଇଁ ଗୋଟିଏ ସ୍ୱୟଂ ସହାୟିକା ଗୋଷ୍ଠୀ କୁ ୫.୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଖମାର:୦୬/୧୦ (ଅକ୍ଷର ଓଡିଶା) ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ, ଖମାରର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ତାଳଚେର ଆର୍‌ଟିଓ କାର୍ଯ୍ୟାଳୟର ସହଯୋଗରେ ତଥା 'ସେବା ସଙ୍କଳ୍ପ ଅଭିଯାନ' ଅଧୀନରେ ଏକ ଆନ୍ତଃକ୍ରିୟାତ୍ମକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା ।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଭାସ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରଫେସର ସତୀକାନ୍ତ ରଥ ଯୋଗଦେଇଥିଲେ । ତାଳଚେର ଆର୍‌ଟିଓ କାର୍ଯ୍ୟାଳୟର ଅଧିକାରୀ ଓ ସମ୍ବଳ ବ୍ୟକ୍ତିମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗ୍ରାଫିକ୍ ନିୟମ, ହେଲମେଟ୍‌ଓ ସିଟ୍‌ବେଲ୍ଟ ବ୍ୟବହାର, ନିର୍ଦ୍ଧାରିତ ବେଗ, ମୋବାଇଲ୍ ବ୍ୟବହାର



ନକରିବା, ମଦ୍ୟପାନ କରି ଗାଡ଼ି ନଚଳାଇବା ଏବଂ ଦାୟିତ୍ୱପୂର୍ଣ୍ଣ ଗାଡ଼ି ଚାଳନା ସମ୍ପର୍କରେ ସଚେତନ କରିଥିଲେ ।କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ ଯେ, ସଡ଼କ ସୁରକ୍ଷା କେବଳ ଗ୍ରାଫିକ୍ ନିୟମ ପାଳନର ବିଷୟ ନୁହେଁ, ବରଂ ଏହା ମୂଲ୍ୟବାନ ଜୀବନ ସୁରକ୍ଷା ସହ ଜଡ଼ିତ । ଛାତ୍ରଛାତ୍ରୀମାନେ ନିଜେ ନିୟମ ପାଳନ କରିବା ସହ ପରିବାର ଓ ସମାଜରେ ସଡ଼କ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ କରାଯାଇଥିଲା ।ଏହି ଅବସରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସକ୍ରିୟ ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଓ ଅନୁଭୂତି ଆଦାନପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ''ନିୟମ ମାନନ୍ତୁ, ସଡ଼କକୁ ସମ୍ମାନ କରନ୍ତୁ, ଜୀବନକୁ ସୁରକ୍ଷିତ ରଖନ୍ତୁ'' ବାର୍ତ୍ତା ସହ ସମସ୍ତେ ସଡ଼କ ସୁରକ୍ଷା ପ୍ରତି ସଚେତନ ଓ ଦାୟିତ୍ୱବାନ ହେବାକୁ ସଙ୍କଳ୍ପ ନେଇଥିଲେ ।

ଯାଜପୁର ପୋଲିସର 'ଅପରେସନ୍ ୨.୦': ୨୦୦ରୁ ଉର୍ଦ୍ଧ୍ୱ ଚୋରି ମୋବାଇଲ୍ ଜବତ

ଯାଜପୁର, ୦୬/୧୦ (ଅକ୍ଷର ଓଡ଼ିଶା)ହଜିଯାଇଥିବା କିମ୍ବା ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କ୍ଷେତ୍ରରେ ଯାଜପୁର ଜିଲ୍ଲା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଜିଲ୍ଲା ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ୍ 'ଅପରେସନ୍ ୨.୦' ମାଧ୍ୟମରେ ୨୦୦ରୁ ଉର୍ଦ୍ଧ୍ୱ ଚୋରି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇ ପ୍ରକୃତ ମାଲିକମାନଙ୍କୁ ଫେରସ୍ତ କରାଯାଇଛି ।ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଥାନା ସମେତ ସାଇବର ଥାନାରେ ଦାୟର ହୋଇଥିବା ଅଭିଯୋଗକୁ ଆଧାର କରି କେନ୍ଦ୍ରାଞ୍ଚଳ ଆଇଜି (IG) ସତ୍ୟଜିତ ନାୟକଙ୍କ ନିର୍ଦ୍ଦେଶକ୍ରମେ 'ଅପରେସନ୍ ୨.୦' ଆରମ୍ଭ କରାଯାଇଥିଲା । ଏହି ଅଭିଯାନ ଜରିଆରେ ବିଭିନ୍ନ ସ୍ଥାନରୁ ଚୋରି ଓ ହଜିଯାଇଥିବା ମୋବାଇଲ୍‌ଗୁଡ଼ିକୁ ଟ୍ରାକ୍ କରି ଜବତ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ ଜିଲ୍ଲା ପୋଲିସ ପକ୍ଷରୁ ଏକ ଭବ୍ୟ 'ମୋବାଇଲ୍ ମେଳା'ର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଜି ସତ୍ୟଜିତ ନାୟକ ଯୋଗ ଦେଇ ଲୋକଙ୍କୁ ସେମାନଙ୍କର ମୋବାଇଲ୍ ଫୋନ୍ ହସ୍ତାନ୍ତର କରିଥିଲେ । କାର୍ଯ୍ୟକ୍ରମରେ ଯାଜପୁର ଏସ୍ପି ଯଶପ୍ରତାପ ଶ୍ରୀମଲଙ୍କ ସମେତ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଦୀର୍ଘ ଦିନ ଧରି ହଜିଯାଇଥିବା ପ୍ରିୟ ଫୋନ୍ ଫେରି ପାଇ ଲୋକମାନେ ଖୁସି ବ୍ୟକ୍ତ କରିବା ସହ ଯାଜପୁର ଜିଲ୍ଲା ପୋଲିସର ଏହି ଜନହିତକର ପଦକ୍ଷେପକୁ ଭୂୟସୀ ପ୍ରଶଂସା ଓ ଧନ୍ୟବାଦ ଜଣାଇଛନ୍ତି ।

ମଦ କୋଠି ବନ୍ଦ ଦାବିରେ ଜୟପାଟଣା ଅବକାରୀ ବିଭାଗକୁ ମହିଳାଙ୍କ ଦାବିପତ୍ର



ଜୟପଟଣା, ୦୬/୧୦ (ଟଙ୍କଧରବିହାରୀ) : ଗାଁ ଗାଁରେ କୁଚିଆ ମଦ କୋଠିର ଦୌରାତ୍ମ୍ୟ, ନଷ୍ଟ ହେଉଛି ସଂସାର । ଏହାର ତୀବ୍ର ବିରୋଧ କରି ଅବକାରୀ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅଁଲାଭଟା ଗ୍ରାମରେ ଚାଲିଥିବା ବେଆଇନ ମଦ କୋଠି ଏବଂ କୁଚିଆ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଆଜି ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ଜୟପାଟଣା ଅବକାରୀ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗାଁର ସ୍ଥାନେ ସ୍ଥାନେ ମଦ କୋଠି ଓ କୁଚିଆ ଆଡ୍ଡା ଗଢ଼ି ଉଠିଥିବା ବେଳେ ଅନେକ ଲୋକେ ମଦ ପିଇ ନିଜ ଜୀବନ ନଷ୍ଟ କରୁଛନ୍ତି । ଏହି ନିଶା ଯୋଗୁଁ ଅଧିକାଂଶ ଲୋକଙ୍କ ମତିଭ୍ରମ ହେଉଛି ଏବଂ ସେମାନଙ୍କ ଜୀବନ ବରବାଦ ହେବାକୁ ବସିଲାଣି । ପ୍ରତି ଦିନ ପରିବାରରେ କଳହ, ସୃଷ୍ଟି ହେଉ ଥିବା ମହିଳାମାନଙ୍କୁ ଗାଳିଗୁଲଜ ତଥା ମାରପିଟ୍ ହେଉଥିବା ଅଭିଯୋଗ ହୋଇଛି । ଏପରିକି ଗାଁର ଛୋଟ ପିଲାମାନେ ମଧ୍ୟ ଏହି ମଦ ପିଇବା ଆରମ୍ଭ କଲେଣି, ଯାହା ଗାଁ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି । ଏହାର ଘୋର ବିରୋଧ କରି ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଜୟପାଟଣା ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆସିଥିଲେ । ଗାଁରେ ଚାଲିଥିବା ସମସ୍ତ ମଦ କୋଠି ଓ କୁଚିଆ ବେପାରକୁ ତୁରନ୍ତ ସବୁଦିନ ପାଇଁ ବନ୍ଦ କରିବା ନେଇ ସେମାନେ ଅବକାରୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ବାହାଡା-ବନମାଳୀପୁର ରାସ୍ତା ପାର୍ଶ୍ୱରେ କୁଢକୁଢ ଅଳିଆ, ଆର୍ବଜନା



ଖଣ୍ଡପଡ଼ା, ୬/୧୦ (ଅକ୍ଷର ଓଡ଼ିଶା) କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସଂପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି । ସେହିପରି ପ୍ରତ୍ୟେକ ପଞ୍ଚାୟତରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ନିମନ୍ତେ ସରକାର ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି । ଏତେ ସବୁ ସତ୍ତ୍ୱେ ସଚେତନତାର ଅଭାବ ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଧିନ ବାହାଡା ଛକରୁ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ କୁଢକୁଢ ଅଳିଆ,ଆର୍ବଜନା ଗଦା ହୋଇ ରହିଛି । ବାହାଡ଼ା ଛକର ବ୍ୟବସାୟୀମାନେ ରାସ୍ତା ପାର୍ଶ୍ୱରେ ଅଦରକାରୀ ସାମଗ୍ରୀ ଗୁଡିକ ପକାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି ।ଫଳରେ ଉକ୍ତ ସ୍ଥାନରେ ପୂର୍ତ୍ତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।ଏଥିପ୍ରତି ପ୍ରଶାସନ ଓ ବନମାଳୀପୁର ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ରାସ୍ତା ପାର୍ଶ୍ୱରୁ ଅଳିଆ, ଆବର୍ଜନା ହଟାଇବାକୁ ସାଧାରଣରେ ଦାବି ହେଉଛି ।

ଦରଖାସ୍ତ ଦେବାକୁ ଆସିଥିଲେ ଅଙ୍ଗନୱାଡି କର୍ମୀବୃନ୍ଦ

ଦେଖା ଦେଲେନି ସିଡିପିଓ, ପଦାରେ ପଡିଲା ସମନ୍ୱୟର ଅଭାବ ଘଟଣା

ବୁଗୁଡ଼ା : ୦୬/୧୦/(ଅକ୍ଷର ଓଡିଶା) : ଆସନ୍ତା ୧୨ ତାରିଖ ଦିନ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ଦଶ ଦଫା ଦାବି ପୂରଣ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଥିବାବେଳେ ସେହି ଦିନ ବୁଗୁଡା ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରଖିବା ନେଇ ଏକ ଲିଖିତ ଦରଖାସ୍ତ ସିଡିପିଓଙ୍କୁ ଦେବାକୁ ଆସିଥିଲେ । ଏଥି ସହ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଏବଂ ଶିଶୁଙ୍କ ସମସ୍ୟା ସମ୍ପର୍କରେ ସିଡିପିଓଙ୍କ ସହ ଆଲୋଚନା କରିବାକୁ ଲକ୍ଷ୍ୟ ରଖିଥିଲେ । ଏଥି ନିମନ୍ତେ ବୁଗୁଡା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ସଭାନେତ୍ରୀ ବାସନ୍ତୀ କୁମାରୀ ପ୍ରଧାନଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀଗଣ ଅପରାହ୍ନରେ ଆଇସିଡିଏସ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ ସିଡିପିଓ କାର୍ଯାଳୟ ଛାଡି ଚାଲିଯାଇଥିଲେ । ଅଙ୍ଗନୱାଡି କର୍ମୀମାନେ ସିଡିପିଓଙ୍କ ଫେରିବା ବାଟକୁ ଅପେକ୍ଷା କରି ଅଫିସ୍ ବାରଣ୍ଡାରେ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିଲେ । ଘଣ୍ଟା ଘଣ୍ଟା କାଳ ଅପେକ୍ଷା କରିବା ପରେ ଦରଖାସ୍ତଟିକୁ କାର୍ଯ୍ୟାଳୟ କିରାଣୀଙ୍କୁ ଦେଇଦେବା ନେଇ ସିଡିପିଓଙ୍କଠାରୁ ନିର୍ଦ୍ଦେଶ ମିଳିଲା । ବିଭାଗୀୟ ଅଧିକାରିଣୀଙ୍କ ନିର୍ଦ୍ଦେଶକୁ ଅବମାନନା ନକରି ଅଙ୍ଗନୱାଡି କର୍ମୀମାନେ କିରାଣୀକୁ ଦରଖାସ୍ତଟିକୁ ଦେଇ ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ସହ ଆଲୋଚନା କରିନପାରି ଅସନ୍ତୋଷ ଓ ନିରାଶ ମନରେ ଫେରିଥିଲେ । ତେବେ ବୁଗୁଡା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏବଂ ଅଙ୍ଗନୱାଡି କର୍ମୀବୃନ୍ଦଙ୍କ ମଧ୍ୟରେ ସମନ୍ୱୟର ଅଭାବ ଅଞ୍ଚଳର ଶିଶୁଙ୍କ ବିକାଶରେ ଅନ୍ତରାୟର ସମ୍ଭାବନା ସୃଷ୍ଟି କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ଜଣାଯାଇଛି ।



ଅଧାପନ୍ତରିଆ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ

ସାମ୍ବାଦିକ ସମ୍ମିଳନୀରେ ରାସ୍ତା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ଦାବି

ଗଞ୍ଜାମ:୦୬/୧୦ (କୁରସ ରେଡ୍ଡୀ) ଗଞ୍ଜାମ ଜିଲ୍ଲା ପାତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ତଳ ବସଷ୍ଟାଣ୍ଡ ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କୁ ଆବଶ୍ୟକ ସୂଚନା ମିଳୁନଥିବା ଅଭିଯୋଗ ଉଠିଛି । ରାସ୍ତା ନିର୍ମାଣ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି, କେବେ କାର୍ଯ୍ୟ ଆରମ୍ଭ ହୋଇଛି, ନିର୍ଦ୍ଧାରିତ ସମୟ କେବେ ସରିବ, କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ ଏବଂ ରାସ୍ତାର



ଓସାର କେତେ ରହିବ ଏପରି ଅନେକ ପ୍ରଶ୍ନର ଉତ୍ତର ନାହିଁ ବୋଲି ଏବଂ ଏସବୁ ସମ୍ପର୍କରେ କାର୍ଯ୍ୟସ୍ଥଳରେ ସ୍ପଷ୍ଟ ସୂଚନା ଫଳକ ନଥିବା ମଧ୍ୟ ଅଭିଯୋଗ ହୋଇଛି ।କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଯାଇନଥିବାରୁ ନିର୍ମାଣ କାର୍ଯ୍ୟର ସ୍ୱଚ୍ଛତା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ବର୍ଷ ବର୍ଷ ଧରି ରାସ୍ତା ସମସ୍ୟା ଭୋଗୁଥିବା ସ୍ଥାନୀୟ ବ୍ୟବସାୟୀ ଓ ଲୋକମାନେ ରାସ୍ତା କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ପାତ୍ରପୁର ତଳ ବସଷ୍ଟାଣ୍ଡ ମା' ଦୁର୍ଗାଦେବୀ ବଣିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅଧାପନ୍ତରିଆ ରାସ୍ତା କାର୍ଯ୍ୟକୁ ଶୀଘ୍ର ଆଗେଇ ନେବା ସହ ନିର୍ମାଣ ସମ୍ପର୍କିତ ସମସ୍ତ ତଥ୍ୟ କାର୍ଯ୍ୟସ୍ଥଳରେ ସୂଚନା ଫଳକ ମାଧ୍ୟମରେ ପ୍ରଦର୍ଶନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ସଭାପତି ଲଡୁ କିଶୋର ମହାନ୍ତି,ଉପ ସଭାପତି ଲାଛମାୟା ଆଚାରୀ,ଅଜିତ ସାହୁ,ରବି କୁମାର ସୁବୁଦ୍ଧି, ଗଣେଶ ସାହୁ, ପ୍ରମୋଦ ନାୟକ,ସତ୍ୟବାନ ଯାଦବ ଓ ରବିନ୍ଦ୍ର କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ ।



ବୁଧବାର ୦୭।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ହିନ୍ଦୋଳରେ ମର୍ମନ୍ତୁଦ ଦୁର୍ଘଟଣା, ଜଣେ ଗୁରୁତର



ଖଜୁରିଆକଟା, ୬/୧୦(ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ପୁରୁଣା କଟକ-ସମ୍ବଲପୁର ରାସ୍ତା ମରଣଯନ୍ତା ପାଲଟିଛି, ଦୈନିକ ଶତାଧିକ ମୃତାହତ ହେଲେବି ନିଦ ଭାଙ୍ଗୁନି ଶାସନପ୍ରଶାସନ ଓ ରାଜପଥ ବିଭାଗର। ଖବରରୁ ପ୍ରକାଶ ଆଜି ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ଦେଉଳସାହି କେନାଲ ରାସ୍ତା ନିକଟରେ କଟକ -ସମ୍ବଲପୁର ରାସ୍ତାରେ ଖଜୁରିଆକଟାରୁ କଟକ ଅଭିମୁଖେ ଯାଉଥିବା ଏକ କାର ସହ ରସୋଳ ଆଡୁ ଆସୁଥିବା ହୋଣ୍ଡାସାଇନ ସହ ମୁହାଁମୁହିଁ ହେବାରୁ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ।ଗୁରୁତର ଆହତ ହେଲେ ଅନୁଗୋଳ ଖଲାରୀ ଅଂଚଳର ବିଜନ ପ୍ରଧାନ(୫୨)। ବିଜନଙ୍କୁ ରସୋଳ ଜନମଙ୍ଗଳ ସେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଆମ୍ବୁଲାନ୍ସ ଦ୍ୱାରା ତୁରନ୍ତ ହିନ୍ଦୋଳ ଡାକ୍ତରଖାନା ଏବଂ ପରେ ଅନୁଗୋଳ ଡାକ୍ତରଖାନାକୁ ପଠାଇଦିଆଯାଇଛି। ତେବେ କାର ରେ କଟକ ବିଦ୍ୟୁତବିଭାଗ କର୍ମଚାରୀ ଖଜୁରିଆକଟା ସେକ୍ସନକୁ କାର୍ଯ୍ୟରେ ଆସି ଫେରୁଥିବାବେଳେ ଆହତଙ୍କୁ ସମସ୍ତ ସହାୟତା କରିଥିଲେ।

ସାହସ ଓ ବଳିଦାନର ପ୍ରତୀକ ବାଜିରାଉତଙ୍କୁ ମନେ ପକାଇଲା ଭୁବନ

ଭୁବନ ୦୬/୧୦ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁରଠାରେ ଭାରତର ସର୍ବକନିଷ୍ଠ ଶହୀଦ ବାଜିରାଉତଙ୍କ ୧୦୧ତମ ଜୟନ୍ତୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବାଜିରାଉତ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶହୀଦ ବାଜିରାଉତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଭୁବନ ବିଡିଓ ଆୟୁଷି ମହାପାତ୍ର, ବାଜିରାଉତ ସ୍ମୃତି ପରିଷଦର ସଭାପତି କୋଦଣ୍ଡଧର ସାହୁ, ସମ୍ପାଦକ ବିପିନ ବିହାରୀ ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ଭଞ୍ଜଙ୍କ ସମେତ ସନ୍ତୋଷ କୁମାର ସାହୁ, ସନ୍ତୋଷ କୁମାର ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିମାନେ ଶହୀଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜଣାଇଥିଲେ । ପରେ ବାଜିରାଉତଙ୍କ ଦେଶପ୍ରେମ, ସାହସ, ତ୍ୟାଗ ଓ ଅମର ବଳିଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଅତି କମ୍ ବୟସରେ ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ବଳିଦାନ ଦେଇଥିବା ବାଜିରାଉତଙ୍କ ତ୍ୟାଗ ଓ ଦେଶପ୍ରେମ ଆଜି ମଧ୍ୟ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ବାଜିରାଉତଙ୍କ ଆଦର୍ଶ ଓ ବଳିଦାନକୁ ଆଗାମୀ ପିଢ଼ି ମନେ ରଖିବା ସହ ତାଙ୍କ ଦେଶପ୍ରେମରୁ ପ୍ରେରଣା ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।



ରୀତାଙ୍କ ସଫଳତାରେ ଗର୍ବିତ ରାଇଘର ବ୍ଲକ

ରାଇଘର, ୦୬/୧୦ (ଭୁବନେଶ୍ୱର ସୁନାନୀ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜଣେ ଝିଅ ଏବେ ଦେଶସେବାର ପଥରେ ପାଦ ରଖିଛନ୍ତି। ନବରଙ୍ଗପୁର ରାଇଘର ବ୍ଲକ ଅନ୍ତର୍ଗତ କରଣପଦର ଗ୍ରାମର ରୀତା ଗଣ୍ଡ ଇଣ୍ଡୋ-ତିବ୍ବତିଆନ ବର୍ଡର ପୁଲିସ (ଆଇଟିବିପି)ରେ ନିଯୁକ୍ତି ପାଇ ନିଜ ଗାଁ ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ନିଯୁକ୍ତି ପାଇବା ପରେ ପ୍ରଥମଥର ନିଜ ଗାଁକୁ ଫେରିଥିବା ରୀତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଝିଅର ସଫଳତାରେ ପରିବାର, ସହପାଠୀ, ବନ୍ଧୁ ଓ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଥିଲା।ସମ୍ବର୍ଦ୍ଧନା ସମୟରେ ନିଜ ସଫଳତାର ଶ୍ରେୟ କେବଳ ନିଜକୁ ନଦେଇ ମାଆବାପା, ଶିକ୍ଷକ, ସହପାଠୀ ଓ ସମଗ୍ର ଗ୍ରାମବାସୀଙ୍କ ସହଯୋଗକୁ ମନେ ପକାଇଥିଲେ ରୀତା। ତାଙ୍କ କଥାରେ ଥିଲା ନିଜ ମାଟି ଓ ଲୋକଙ୍କ ପ୍ରତି କୃତଜ୍ଞତା। ଗ୍ରାମବାସୀଙ୍କ କହିବାନୁଯାୟୀ, ରୀତାଙ୍କ ଏହି ସଫଳତା କେବଳ କରଣପଦର ଗାଁର ଗର୍ବ ନୁହେଁ, ସମଗ୍ର ରାଇଘର ବ୍ଲକ ପାଇଁ ଗୌରବର ବିଷୟ। ତାଙ୍କ ସଫଳତା ଅଞ୍ଚଳର ଅନ୍ୟ ଯୁବପିଢ଼ିଙ୍କୁ ମଧ୍ୟ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ଦେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଗାଁର ମାଟିରୁ ଉଠି ଦେଶର ସୁରକ୍ଷା ଦାୟିତ୍ୱ ନେବାକୁ ଯାଉଥିବା ରୀତା ଏବେ କରଣପଦରର ଝିଅରୁ ସମଗ୍ର ଅଞ୍ଚଳର ଗର୍ବରେ ପରିଣତ ହୋଇଛନ୍ତି।

ହିନ୍ଦୋଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତିବୈଠକ

ଖଜୁରିଆକଟା ୬/୧୦(ନିଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଚଳିତ ଗଜଲକ୍ଷ୍ମୀ ପୂଜାପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକଟୋବର ୨୫ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଗଜଲକ୍ଷ୍ମୀପୂଜାପାଇଁ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ତହସିଲଅଫିସ ସଭାଗୃହ ଠାରେ ପ୍ରସ୍ତୁତିବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା ଅବସରରେ ଶାନ୍ତିଶୃଙ୍ଖଳାରେ ନଅ ଦିନବ୍ୟାପି ପୂଜା,ଭସାଣି ଉତ୍ସବ ସହିତ ବିଦ୍ୟୁତ, ସାସ୍ଥ୍ୟପରିମଳ ଓ ମଦ୍ୟପ ଦ୍ରୁତ ବାଇକ ଓ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବା,ମାଦକଦ୍ରବ୍ୟ, ସୃତିକଟୁ ସାଉଣ୍ଡ କୁ ବ୍ୟାନ ସହ କଟକଣା ଇତ୍ୟାଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ପ୍ରତିକାର ନିମନ୍ତେ ନିଷ୍ପତି ହୋଇଥିଲା।



ଏଥିସହ ବିସର୍ଜନ ପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ପୋଖରୀ ନିର୍ମାଣ ସହ ଅପ୍ରୋଚରୋଡ୍ଡ଼ ନିର୍ମାଣ, କଳସଯାତ୍ରା ପାଇଁ ଉଦ୍ଦିଷ୍ଟ ଦୁଇଟି ପୋଖରୀକୁ ସଫା କରିବା ପାଇଁ ହିନ୍ଦୋଳ ଏନଏସି କୁ ଦାୟିତ୍ୱ ଦିଆଯାଇଥିଲା।ଭସାଣି ଦିନ ସମସ୍ତ ମେଢ଼ ନିର୍ଦ୍ଦିଷ୍ଟ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରୁ ବାହାରି ରାତି ୧୦ଘ ମଧ୍ୟରେ ବିସର୍ଜନପାଇଁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ହିନ୍ଦୋଳ ତହସିଲଦାର ଦିଲୀପ ସେଠି,ସୂଚନାପ୍ରସାରଣ ଅଧିକାରୀ ବିଶ୍ୱଜିତ ରାଉତ,ହିନ୍ଦୋଳଥାନା ଅଧିକାରିଣୀ ମମତା ସାମନ୍ତରାୟ,ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ଅତିରିକ୍ତ ତହସିଲଦାର,ସମସ୍ତ ପୂଜାପ୍ରତିଷ୍ଠାନ ସଭାପତି ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ନୟାଗଡ଼, ୦୬/୧୦ (ଅକ୍ଷର ଓଡ଼ିଶା) : ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମିତା ରାଉତ (IAS) ଓ ଡେପୁଟି ଡାଇରେକ୍ଟର ଚନ୍ଦନ କୁମାର ରଥ ୦୬.୧୦.୨୦୨୬ ନୟାଗଡ଼ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାକାର୍ଯ୍ୟର ନିରୀକ୍ଷଣ ଓ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ପି ଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଲାଠିପଡ଼ା , ପି ଏମ୍ ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼,ପି ଏମ୍ ଶ୍ରୀ ଏନ୍ ଏ ସି ଉଚ୍ଚ ବିଦ୍ୟାଳୟ ନୟାଗଡ଼, ପି ଏମ୍ ଶ୍ରୀ ହାଇଅର୍ ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟ ମହିପୁର , ପି ଏମ୍ ଶ୍ରୀ ସୋଲପଟା ଉଚ୍ଚ ବିଦ୍ୟାଳୟ ପରେ ପି ଏମ୍ ଶ୍ରୀ ଆର ସି ଉଚ୍ଚ ବିଦ୍ୟାଳୟ ଖଣ୍ଡପଡ଼ା ଆଦି ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରିଥିଲେ। ସରକାରଙ୍କର ବିଭିନ୍ନ ଯୋଜନା ଗୁଡ଼ିକ ଓ ପି ଏମ୍ ଶ୍ରୀ ବିଦ୍ୟାଳୟର ସୁପରିଚାଳନା ପାଇଁ ମତ ବ୍ୟକ୍ତ କରିବା ସହ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇଥିଲେ । ସରକାରୀ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଅନ୍ୟ ବିଭାଗ ସହ ସହଯୋଗ କରିବା ପାଇଁ ଉପଦେଶ ଦେଇଥିଲେ ।ପରିଦର୍ଶନ ସମୟରେ ଶିଶୁ ବାଟିକା କାର୍ଯ୍ୟକ୍ରମ ସୁଚାରୁ ଭାବେ ଚାଲୁଥିବା ଦେଖାଯାଇଥିଲା। ଖେଳାଧାରିତ ଶିକ୍ଷା ପ୍ରଣାଳୀ ଓ ଟିଚିଂଲର୍ଣ୍ଣିଂ ମେଟେରିଆଲ (ଯାଦୁ ପେଟି) ବ୍ୟବହାର ବ୍ୟାପକ ଭାବରେ ହେଉଥିବା ପରିଲକ୍ଷିତ କରି ଖୁସୀ ବ୍ୟକ୍ତ କରିଥିଲେ। ସମସ୍ତ ବିଦ୍ୟାଳୟରେ ଶିକ୍ଷଣ ସୋପାନ ରେଜିଷ୍ଟର ରଖାଯାଇଥିବା ସହ ପାଠନ ଅଭିଯାନ ଓ ରିମେଡିଆଲ ସହାୟତା ସକ୍ରିୟ ଭାବେ କାର୍ଯ୍ୟକରୀ ହେଉଥିବା ଦେଖିଥିଲେ ।ତାଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବନଲତା ବେହେରା, ବ୍ଲକ୍ ଶିକ୍ଷା ଅଧିକାରୀ ନୂଆଗାଁ,ବ୍ଲକ୍ ଶିକ୍ଷା ଅଧିକାରୀ ଗଣିଆ ଉପସ୍ଥିତ ଥିଲେ।

ହାତରେ ନିଆଁହୁଳା ଧରି ଫସଲକୁ ସୁରକ୍ଷା ଦେଉଛନ୍ତି ଚାଷୀ



କାମାକ୍ଷାନଗର,୬/୧୦ (ସୁମନ୍ତ ଜେନା) ଧାନ କ୍ଷେତରେ ହସୁଛି ସୁନାର ଫସଲ ଆଉ ଏହି ଫସଲକୁ ରକ୍ଷା କରିବା ପାଇଁ ସନ୍ଧ୍ୟା ହେଲେ ଚାଷୀଙ୍କ ହାତରେ ନିଆଁହୁଳା ।ହେଲେ ମନରେ ବନ୍ୟପ୍ରାଣୀ ଆକ୍ରମଣର ଭୟ ବି ରହୁଛି ।ଦିନସାରା କ୍ଷେତରେ ପରିଶ୍ରମ କରିବା ପରେ ରାତିରେ ଘରେ ବିଶ୍ରାମ ନେବା ବଦଳରେ ଧାନକ୍ଷେତ ଜଗିବାକୁ ବାହାରୁଛନ୍ତି ଚାଷୀ। ବାରାହା ଓ ହାତୀଙ୍କ ଭୟ ମଧ୍ୟରେ ନିଜ ଝାଳବୁହା ପରିଶ୍ରମର ଫସଲକୁ ସୁରକ୍ଷା ଦେବାକୁ ରାତି ଉଜାଗର ରହୁଛନ୍ତି କାମାକ୍ଷାନଗର ବ୍ଲକ୍ ଶିବୁଳାପଶି ଗ୍ରାମର ଚାଷୀ । ଶିବୁଳାପଶି ଗ୍ରାମର ଚାଷୀଙ୍କ କହିବା ଅନୁଯାୟୀ, ମାସ ମାସ ଧରି ଶ୍ରମ ଓ ଅର୍ଥ ଖର୍ଚ୍ଚ କରି ଧାନ ଫସଲ ଠିଆ କରିଛନ୍ତି। ଏବେ ଫସଲ ଅମଳ ସମୟ ପାଖେଇ ଆସୁଥିବାରୁ ବନ୍ୟପ୍ରାଣୀଙ୍କ ଭୟ ଆହୁରି ବଢ଼ିଛି। କେତେବେଳେ ହାତୀପଲ ଆସୁଛନ୍ତି ତ କେତେବେଳେ ବାହା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି ।ଫଳରେ ରାତିରେ କ୍ଷେତକୁ ଜଗିବାକୁ ଯିବା ଚାଷୀଙ୍କ ପାଇଁ ଏକପ୍ରକାର ବାଧ୍ୟବାଧକତା ପାଲଟିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ସହ ଚାଷୀଙ୍କ ଫସଲ ସୁରକ୍ଷା ଓ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ବନ ବିଭାଗ ଅଧିକ ନଜର ଦେବାକୁ ଦାବି ହୋଇଛି।

ହାଇସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ




କାମାକ୍ଷାନଗର,୬/୧୦(ସୁମନ୍ତ ଜେନା) କୁସୁମଯୋଡ଼ି ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଅଁଳାବେରେଣୀର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୧୯୭୬ରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ୨୦୨୬ରେ ୫୦ ବର୍ଷ ପୂରଣ କରିଛି। ଦୀର୍ଘ ୫ ଦଶନ୍ଧି ଧରି ଏହି ବିଦ୍ୟାଳୟ ଅଞ୍ଚଳର ଶିକ୍ଷା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସିଛି। ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବୈଠକ ଆୟୋଜିତ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଆୟୋଜନ, ବିଭିନ୍ନ କାର୍ଯ୍ୟକ୍ରମ, ପୁରାତନ ଛାତ୍ରଛାତ୍ରୀଙ୍କ ସମାଗମ ଏବଂ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ପର୍ଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ବିଦ୍ୟାଳୟର ବର୍ତ୍ତମାନର ଭିତ୍ତିଭୂମି, ଶିକ୍ଷା ପରିବେଶ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ସହ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସଭାପତି ରବି ନାରାୟଣ ସାହୁ, ଉପସଭାପତି ପ୍ରଭାତ କୁମାର ସାହୁ, ମହେଶ ଦେହୁରୀ ଓ ପର୍ଶୁରାମ ମହାଭୋଇ, କୋଷାଧ୍ୟକ୍ଷ ବିକ୍ରମ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ୫୦ ବର୍ଷର ଐତିହ୍ୟକୁ ଉଜ୍ଜୀବିତ କରିବା ସହ ଆଗାମୀ ଦିନରେ ଏହାକୁ ଆହୁରି ସମୃଦ୍ଧ କରିବା ନେଇ ବୈଠକରେ ସଂକଳ୍ପ ନିଆଯାଇଥିଲା ।

ପୂର୍ବତନ ମହିଳା ସରପଞ୍ଚଙ୍କ ସନ୍ଦେହଜନକ ମୃତ

ପରଜଙ୍ଗ,୬।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଲାଶ ଗ୍ରାମପଞ୍ଚାୟତ ଅଭିମନ୍ୟୁପୁର ସାହିର ପୂର୍ବତନ ମହିଳା ସରପଞ୍ଚ ଅହଲ୍ୟା ମହାପାତ୍ର (୮୫)ଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଓ ସନ୍ଦେହ ପ୍ରକାଶ ପାଇଛି। ସେ ଘର ଭିତରେ ଝରକାରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଥିବା ବେଳେ ଘଟଣାର ପରିସ୍ଥିତିକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି ।ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପରିବାରର ସମସ୍ତ ସଦସ୍ୟ ଘରେ ଉପସ୍ଥିତ ଥିବାବେଳେ ଅହଲ୍ୟାଙ୍କୁ ଘର ଭିତରୁ ଉଦ୍ଧାର କରାଯାଇଥିଲା। ତେବେ ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନା ଆଣି ନଥିବାରୁ ଘଟଣାକୁ ନେଇ ପ୍ରଶ୍ନ ଉଠିଛି। ଅହଲ୍ୟାଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ଲୋକେ ନିଶ୍ଚିତ ନଥିବା ସତ୍ତ୍ୱେ ଡାକ୍ତରଖାନା ନଆଣିବା ଘଟଣା ମଧ୍ୟ ସନ୍ଦେହ ବଢ଼ାଇଛି ।ପରିବାର ପକ୍ଷରୁ ଘଟଣା ସମ୍ପର୍କରେ ପୁଲିସକୁ ତୁରନ୍ତ ଅବଗତ କରାଯାଇନଥିବା ଜଣାପଡ଼ିଛି। ଅହଲ୍ୟାଙ୍କ ମୃତଦେହ ଦାହ କରିବାକୁ ପରିବାର ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ପରଜଙ୍ଗ ପୁଲିସ ତାଙ୍କ ପୁଅଙ୍କ ସହ ଯୋଗାଯୋଗ କରିଥିଲା। ବିନା ବ୍ୟବଚ୍ଛେଦରେ ମୃତଦେହ ଦାହ ନକରିବାକୁ ପୁଲିସ ପରାମର୍ଶ ଦେଇଥିଲା। ଏହାପରେ ଅପରାହ୍ନ ପ୍ରାୟ ୨ଟାରେ ଏକ ଟାଟା ଏସି ଗାଡ଼ି ଡାଲାରେ ଅହଲ୍ୟାଙ୍କ ମୃତଦେହ ପରଜଙ୍ଗ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଜଙ୍ଗ ଥାନା ଏଏସଆଇ ଜୋସେଫ ପଟ୍ଟନାୟକ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।ଅହଲ୍ୟା ଅସୁସ୍ଥ ଥିବାବେଳେ ଘଟିଥିବା ଘଟଣା, ପରିବାର ପକ୍ଷରୁ ତୁରନ୍ତ ମେଡିକାଲ ନନେବା ଏବଂ ପରେ ଡାଲା ଗାଡ଼ିରେ ମୃତଦେହ ଆଣିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ମତ ପ୍ରକାଶ ପାଉଛି। ଅହଲ୍ୟା କାହ୍ନା ମହାପାତ୍ରଙ୍କ ମାଆ ବୋଲି ଜଣାପଡ଼ିଛି। ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ଆଇନା ତରଫରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ



କାମାକ୍ଷାନଗର,୬/୧୦(ସୁମନ୍ତ ଜେନା) କାମାକ୍ଷାନଗର ର ଅଗ୍ରଣୀ ଅନୁଷ୍ଠାନ ଆଇନା ଦ୍ୱାରା ନୁଆରେକୁଳା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଯାଇଅଛି। ଆଇନା ର ଲଳିତ କୁମାର ସେଠୀ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରୋଜାଲିନ ସାଇଁ, ସମ୍ମାନୀତ ଅତିଥି ଫିଜିଓଥେରାପିଷ୍ଟ ଡଃ ଆଶୀର୍ବାଦ ରାଉତ,ସତନ୍ତ୍ର ଶିକ୍ଷକ ବର୍ଷାରାଣୀ ମଲ୍ଲିକ ଯୋଗ ଦେଇଥିଲେ ।ସଙ୍ଗୀତା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଚିତ୍ତ ରଞ୍ଜନ ଖଟୁଆ ସହଯୋଗ କରିଥିବା ବେଳେ ସଭ୍ୟ ଜୟନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ବସ୍‌କୁ ଘେରିଲେ ପରଜଙ୍ଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀ

ପରଜଙ୍ଗ, ୬।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ଗଡ ପରଜଙ୍ଗ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଗମନାଗମନ ସମସ୍ୟାକୁ ନେଇ ପରଜଙ୍ଗ ବସ୍‌ଷ୍ଟାଣ୍ଡରେ ଅପ୍ରିତୀକର ପରିସ୍ଥିତି ଦେଖିବାକୁ ମିଳିଛି। ନିୟମିତ ବସ୍ ସେବା ମିଳୁନଥିବା ଅଭିଯୋଗ କରି ପରଜଙ୍ଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ବସ୍କୁ ଘେରାଉ କରିଥିଲେ। ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ମହାବିଦ୍ୟାଳୟ କୁ ଯିବାଆସିବା ସମୟରେ ଦୀର୍ଘଦିନ ଧରି ଯାତାୟାତ ସମସ୍ୟା ଲାଗିରହିଛି। ନିୟମିତ ବସ୍ ନମିଳିବାରୁ ବହୁ ଛାତ୍ରଛାତ୍ରୀ ଠିକ୍ ସମୟରେ ମହାବିଦ୍ୟାଳୟ ରେ ପହଞ୍ଚିବା ସହ ଘରକୁ ଫେରିବାରେ ଅସୁବିଧା ଭୋଗୁଛନ୍ତି। ଏହି ସମସ୍ୟାର ସମାଧାନ ଦାବିରେ ଛାତ୍ରଛାତ୍ରୀମାନେ ପରଜଙ୍ଗ ବସ୍‌ଷ୍ଟାଣ୍ଡରେ ମୁଖ୍ୟମନ୍ତ୍ରୀ ବସ୍କୁ ଅଟକାଇ ନିଜର ଦାବି ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ନିୟମିତ ବସ୍ ସେବା ଯୋଗାଇଦେବା ସହ ଗମନାଗମନ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରାଯାଇଛି। ଏହି ଘଟଣାକୁ ନେଇ ବସ୍‌ଷ୍ଟାଣ୍ଡ ପରିସରରେ କିଛି ସମୟ ପାଇଁ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କୁ ମଧ୍ୟ ଅବଗତ କରାଇଥିଲେ। ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ବିଧାୟକ ୪-୫ ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଗମନାଗମନ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଛାତ୍ରଛାତ୍ରୀମାନେ କହିଛନ୍ତି।




କୁଚିଣ୍ଡା ଏନ୍.ଏ.ସି.ରେ ଡ୍ରେନ୍ ସମସ୍ୟା ରାସ୍ତାରେ ଜମୁଛି ପାଣି, ଲୋକେ ହନ୍ତସନ୍ତ

କୁଚିଣ୍ଡା, ୬/୧୦ (ଚତୁର୍ଭୁଜ ଜୟପୁରିଆ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍.ଏ.ସି.) ଅନ୍ତର୍ଗତ ୪ ନମ୍ବର ଓ୍ୱାର୍ଡ଼ ସର୍ଗିଡ଼ିହି ପଡ଼ାରେ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପ୍ରହଲ୍ଲାଦଙ୍କ ଘରଠାରୁ ବିରଞ୍ଚିଙ୍କ ଘର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ ନିଷ୍କାସନ ସୁବିଧା ନ ଥିବାରୁ ସବୁବେଳେ ଆବର୍ଜନା ପାଣି ଜମି ରହୁଛି। ଫଳରେ ପଡ଼ାବାସୀଙ୍କ ସମେତ ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରୀମାନେ ଯାଆସ କରିବାରେ ଘୋର ଅସୁବିଧା ଭୋଗୁଛନ୍ତି। ଦୂଷିତ ପାଣି ଜମି ରହିବା ଯୋଗୁଁ ଦୁର୍ଗନ୍ଧ ବ୍ୟାପିବା ସହ ରୋଗ ସଂକ୍ରମଣର ଭୟ ଦେଖାଦେଇଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏକ ପକ୍କା ଡ୍ରେନ୍ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି। ଏହି ବାବଦରେ ଏନ୍.ଏ.ସି. ଇଓ ଙ୍କୁ ପଚାରିବାରୁ ବହୁତ ଶୀଘ୍ର ଏହାର କାମ ଆରମ୍ଭ ହେବ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି କହିଥିଲେ।


ରାଜେଶ କୁମାର ଦେହୁରୀଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ

କାମାକ୍ଷାନଗର,୬/୧୦(ସୁମନ୍ତ ଜେନା) ଜଙ୍ଗଲ, ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଦୀର୍ଘବର୍ଷର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ଗ୍ରାମର ପରିବେଶବିତ୍ ତଥା ପ୍ରକୃତିବନ୍ଧୁ ରାଜେଶ କୁମାର ଦେହୁରୀଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ପରିଷଦ କାର୍ଯ୍ୟାଳୟଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅନୁଗୁଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦେହୁରୀଙ୍କୁ ପ୍ରମାଣପତ୍ର, ୨୫ ହଜାର ଟଙ୍କାର ଅର୍ଥରାଶି ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ସମାରୋହରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବି. ମାନେ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଶ୍ରୀ ଦେହୁରୀ ଦୀର୍ଘବର୍ଷ ଧରି ବନ୍ୟପ୍ରାଣୀ ସୁରକ୍ଷା, ବନ୍ୟଜନ୍ତୁ ସଚେତନତା, ବୃକ୍ଷରୋପଣ, ବନାଗ୍ନି ପ୍ରତିରୋଧ ସହିତ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ନେଇ ସଚେତନ କରାଇବାରେ ସେ ସକ୍ରିୟ ଭୂମିକା ନେଇଆସୁଛନ୍ତି। ପ୍ରକାଶ ଥାଉକି, ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ମଧ୍ୟ ଶ୍ରୀ ଦେହୁରୀଙ୍କୁ 'ପ୍ରକୃତିବନ୍ଧୁ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପୁନର୍ବାର ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏହି ସମ୍ମାନ ମିଳିବା ତାଙ୍କ କାର୍ଯ୍ୟଧାରାକୁ ଆହୁରି ଉତ୍ସାହିତ କରିଛି। ଆଗାମୀ ଦିନରେ ଜଙ୍ଗଲ, ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଆହୁରି ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଶ୍ରୀ ଦେହୁରୀ କହିଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ପରଜଙ୍ଗରେ ବ୍ଲକସ୍ତରୀୟ ସେବା ସେତୁ ଶିବିର ଅନୁଷ୍ଠିତ

ପରଜଙ୍ଗ,୬।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ 'ସେବା ସେତୁ' ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସରକାରୀ ସେବାକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ଓ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମଞ୍ଚାସୀନ ଥିଲେ।ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା ସହ ଯୋଗ୍ୟ ହିତାଧିକାରୀମାନେ ଯେପରି ସରକାରୀ ସେବାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ ।ଶିବିରରେ ବିଭିନ୍ନ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁବିଧା ପ୍ରଦାନ କରାଯାଇଥିଲା।





ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

କ୍ୟାମ୍ପସରେ ଫେରୁ ଗଣତନ୍ତ୍ର, ଯୁବ ନେତୃତ୍ୱର ନୂଆ ସୂର୍ଯ୍ୟୋଦୟ

ଚେତନାରେ ମୁଖରିତ ହେବାର ଆଶା ଜାଗିଛି। ଦୀର୍ଘ ପ୍ରାୟ ନଅ ବର୍ଷର ବିରତି ପରେ ଛାତ୍ର ସଂସଦ ନିର୍ବାଚନ ପୁନର୍ବାର ହେବା ନେଇ ରାଜ୍ୟ ସରକାରଙ୍କ ସକାରାତ୍ମକ ଆଭିମୁଖ୍ୟ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ମନରେ ନୂଆ ଆଶା ସୃଷ୍ଟି କରିଛି। ଏହା କେବଳ ଏକ ନିର୍ବାଚନ ନୁହେଁ, ଏହା ଯୁବପିଢ଼ିକୁ ଗଣତନ୍ତ୍ରର ପ୍ରଥମ ପାଠଶାଳାକୁ ପୁଣି ଫେରାଇ ଆଣିବାର ଏକ ବଡ଼ ପଦକ୍ଷେପ। ମହାବିଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ। ଏହା ଚରିତ୍ର ଗଠନର କ୍ଷେତ୍ର, ନେତୃତ୍ୱ ଗଢ଼ିବାର କ୍ଷେତ୍ର, ମତପ୍ରକାଶର ଅଧିକାର ଶିଖିବାର କ୍ଷେତ୍ର ଏବଂ ଭବିଷ୍ୟତର ସମାଜ ଓ ରାଜ୍ୟ ଗଢ଼ିବାକୁ ଯାଉଥିବା ଯୁବକଯୁବତୀଙ୍କୁ ଦାୟିତ୍ୱବୋଧ ଶିଖାଇବାର କ୍ଷେତ୍ର। ଏହି କ୍ୟାମ୍ପସରୁ ଅନେକ ଭବିଷ୍ୟତ ନେତା ତିଆରି ହୋଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ସେହି ନେତୃତ୍ୱ ଯାତ୍ରାର ପ୍ରଥମ ପାଇଦାନ। ଦୀର୍ଘ ସମୟ ଧରି ଏହି ପାଇଦାନ ଅବରୁଦ୍ଧ ଥିଲା। ଏବେ ତାହା ଖୋଲିବାର ସମ୍ଭାବନା ଦେଖାଦେଇଛି। ଏହି ସମୟରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସ୍ୱାଗତ କରିବା ଆବଶ୍ୟକ। ବିଶେଷକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଛାତ୍ର ସଂସଦ ନିର୍ବାଚନ ପୁନରୁଦ୍ଧାର ପ୍ରତି ଯେଉଁ ସକାରାତ୍ମକ ମନୋଭାବ ପ୍ରକାଶ କରିଆସିଛନ୍ତି, ତାହା ଯୁବପିଢ଼ି ପାଇଁ ଏକ ସକାରାତ୍ମକ ସନ୍ଦେଶ। ଏକ ଗଣତାନ୍ତ୍ରିକ ସରକାରର ଶକ୍ତି କେବଳ ନିର୍ବାଚନ ଜିତିବାରେ ନୁହେଁଙ୍କ ବିପରୀତ ମତକୁ ସ୍ଥାନ ଦେବା, ଯୁବକଙ୍କୁ କଥା କହିବାର ଅଧିକାର ଦେବା, ନେତୃତ୍ୱର ସୁଯୋଗ ଦେବା ଏବଂ ଗଣତାନ୍ତ୍ରିକ ଅଭ୍ୟାସକୁ ସୁଦୃଢ଼ କରିବାରେ ମଧ୍ୟ ତାହାର ମହତ୍ତ୍ୱ ରହିଛି। ୨୦୧୭ ପରେ ଓଡ଼ିଶାର କ୍ୟାମ୍ପସଗୁଡ଼ିକ ନିୟମିତ ଛାତ୍ର ସଂସଦ ନିର୍ବାଚନରୁ ବଞ୍ଚିତ ହୋଇଆସିଛି। ୨୦୧୮ରେ ବାତ୍ୟା ତିତ୍‌ଲି, କ୍ୟାମ୍ପସ ଅଶାନ୍ତି ଓ ଆଇନଶୃଙ୍ଖଳା ସମସ୍ୟାକୁ ନେଇ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲାଙ୍କ ପରେ ଶାନ୍ତିପୂର୍ଣ୍ଣ ଶିକ୍ଷା ପରିବେଶ ରକ୍ଷାର ଯୁକ୍ତି ଓ କୋଭିଡ୍ ମହାମାରୀ ଯୋଗୁଁ ଏହି ବିରତି ଆହୁରି ଦୀର୍ଘ ହୋଇଥିଲା। ଏହି ଦୀର୍ଘ ବିରତିର ଅର୍ଥ କେବଳ ଏତିକି ନୁହେଁ ଯେ କିଛି ପଦପଦବୀ ଖାଲି ରହିଲା। ଏହାର ଅର୍ଥ ହେଉଛି ଏକ ପୂରା ପିଢ଼ିର ଛାତ୍ରଛାତ୍ରୀ ନିଜ କ୍ୟାମ୍ପସରେ ପ୍ରତ୍ୟକ୍ଷ ନିର୍ବାଚନର ଅଭିଜ୍ଞତାରୁ ବଞ୍ଚିତ ହେଲେ। ସେମାନେ ଭୋଟ ଦେବାର ଅଧିକାର ଜାଣିଲେ, କିନ୍ତୁ ନିଜ ସମସ୍ୟା ପାଇଁ ନିଜ ପ୍ରତିନିଧି ବାଛିବାର ଅନୁଭବ ପାଇଲେ ନାହିଁ। ସେମାନେ ଗଣତନ୍ତ୍ର ବିଷୟରେ ପଢ଼ିଲେ, କିନ୍ତୁ କ୍ୟାମ୍ପସ ଗଣତନ୍ତ୍ରର ଜୀବନ୍ତ ଅଭିଜ୍ଞତାରୁ ଦୂରେ ରହିଲେ। ଏବେ ସେହି ଶୂନ୍ୟତା ପୂରଣ ହେବାର ସମୟ ଆସିଛି। ଏଠାରେ ମୁଖ୍ୟ କଥା ହେଉଛିନିର୍ବାଚନ ହେବା ଦରକାର, କିନ୍ତୁ ତାହାଠାରୁ ବଡ଼ କଥା ହେଉଛି ନିର୍ବାଚନ କିପରି ହେବ। ଛାତ୍ର ସଂସଦ ନିର୍ବାଚନ ନିଶ୍ଚିତ ଭାବେ ହେଉ, କିନ୍ତୁ ତାହା ହେଉ ସ୍ୱଚ୍ଛ, ନିରପେକ୍ଷ, ଭୟମୁକ୍ତ, ଶାନ୍ତିପୂର୍ଣ୍ଣ ଓ ନିୟମନିଷ୍ଠ। କ୍ୟାମ୍ପସ ଗଣତନ୍ତ୍ରର ଅର୍ଥ ହିଂସା ନୁହେଁ, ଧମକ ନୁହେଁ, ବାହୁବଳ ନୁହେଁ, ଟଙ୍କାର ପ୍ରଭାବ ନୁହେଁ, ଅସ୍ତ୍ରର ଦେଖାଣ ନୁହେଁ। କ୍ୟାମ୍ପସ ଗଣତନ୍ତ୍ରର ଅର୍ଥ ହେଉଛି ଚିନ୍ତାର ପ୍ରତିଯୋଗିତା, ନୀତିର ପ୍ରତିଯୋଗିତା, ଯୁକ୍ତିର ପ୍ରତିଯୋଗିତା ଏବଂ ଛାତ୍ରସମାଜର ବିଶ୍ୱାସ ଜିତିବାର ପ୍ରତିଯୋଗିତା। ଯେଉଁ ଛାତ୍ର ନିଜ ସହପାଠୀଙ୍କ ମନ ଜିତିପାରିବ, ସେହି ଛାତ୍ର ନେତା ହେଉ। ଯେଉଁ ଛାତ୍ର ଭୟ ଦେଖାଇ ଭୋଟ ଆଣିବ, ସେ ନୁହେଁ। ଯେଉଁ ଛାତ୍ର ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅପମାନ କରିବ, ସେ ନୁହେଁ। ଯେଉଁ ଛାତ୍ର ଭିନ୍ନ ମତକୁ ସମ୍ମାନ କରିବ, ସେହି ଛାତ୍ର ହିଁ ଭବିଷ୍ୟତର ଭଲ ନେତା ହେବ। ଏହି କାରଣରୁ ରାଜ୍ୟ ସରକାରଙ୍କ ସମ୍ମୁଖରେ ଏବେ ଏକ ଐତିହାସିକ ସୁଯୋଗ ରହିଛି। ଦୀର୍ଘ ବିରତି ପରେ ଯଦି ନିର୍ବାଚନ ଫେରେ, ତେବେ ଏହାକୁ କେବଳ ପୁରୁଣା ପ୍ରଥାର ପୁନରାବୃତ୍ତି ଭାବେ ନ ଦେଖି ଏକ ନୂଆ ଶୃଙ୍ଖଳିତ କ୍ୟାମ୍ପସ ଗଣତନ୍ତ୍ରର ଆରମ୍ଭ ଭାବେ ଦେଖିବା ଦରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ର ନେତୃତ୍ୱକୁ ଗଣତାନ୍ତ୍ରିକ ଅଭ୍ୟାସର ଏକ ଅଂଶ ଭାବେ ଦେଖୁଥିବା ସନ୍ଦେଶ ପୂର୍ବରୁ ଦେଇଛନ୍ତି। ନୂଆ ପିଢ଼ିର ନେତାମାନେ କେବଳ ରାଜନୀତିରେ ନୁହେଁ, ସମାଜସେବା, ଶିକ୍ଷା, ପ୍ରଶାସନ, ଉଦ୍ୟୋଗ, ବିଜ୍ଞାନ, ଆଇନ, ସାହିତ୍ୟ ଓ ସାମାଜିକ ନେତୃତ୍ୱରେ ମଧ୍ୟ ଦେଶ ଓ ରାଜ୍ୟକୁ ଆଗକୁ ନେବେ। ସେମାନଙ୍କୁ ଛୋଟବେଳୁ ନେତୃତ୍ୱର ଅଭ୍ୟାସ ଦେବା ଆବଶ୍ୟକ। ଛାତ୍ର ସଂସଦ ହେଉଛି ସେହି ଅଭ୍ୟାସର ଏକ ସୁନ୍ଦର ମଞ୍ଚ। ଏଠାରେ ଜଣେ ଛାତ୍ର ଜାଣିପାରିବେ ଯେ ନେତୃତ୍ୱ ମାନେ କେବଳ ମଞ୍ଚରେ ଭାଷଣ ଦେବା ନୁହେଁ। ନେତୃତ୍ୱ ମାନେ ଅନ୍ୟର କଥା ଶୁଣିବା। ନେତୃତ୍ୱ ମାନେ ନିଜ ସମର୍ଥକଙ୍କ ସହିତ ନିଜ ବିରୋଧୀଙ୍କ ସମସ୍ୟାକୁ ମଧ୍ୟ ବୁଝିବା। ନେତୃତ୍ୱ ମାନେ ଜିତିବା ପରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶତ୍ରୁ ଭାବିବା ନୁହେଁ। ନେତୃତ୍ୱ ମାନେ ଦାୟିତ୍ୱ ନେବା। ନେତୃତ୍ୱ ମାନେ ଛାତ୍ରଙ୍କ ହଷ୍ଟେଲ ସମସ୍ୟା, ପାଠାଗାର ସମସ୍ୟା, ଶିକ୍ଷକ ଅଭାବ, ପରିଷ୍କାର ପାନୀୟଜଳ, ଶୌଚାଳୟ, ଯାତାୟାତ, ଛାତ୍ରବୃତ୍ତି, ପରୀକ୍ଷା ସମସ୍ୟା, ନିଯୁକ୍ତି ସୁଯୋଗ, ମହିଳା ଛାତ୍ରୀଙ୍କ ସୁରକ୍ଷା, କ୍ରୀଡ଼ା ସୁବିଧା ଓ ମାନସିକ ସୁସ୍ଥତା ଭଳି ବିଷୟକୁ ନିଜର ବିଷୟ କରିବା।

ଆଜିର ଛାତ୍ର ହିଁ ଆସନ୍ତାକାଲିର ଶିକ୍ଷକ, ଡାକ୍ତର, ଅଭିଯନ୍ତା, ଅଧିବକ୍ତା, ଉଦ୍ୟୋଗୀ, ପ୍ରଶାସକ, ବିଜ୍ଞାନୀ, ସାମ୍ବାଦିକ, ସାମାଜିକ କର୍ମୀ ଓ ରାଜନେତା। ଆଜି ସେ କ୍ୟାମ୍ପସରେ ଯେଉଁ ଗଣତାନ୍ତ୍ରିକ ସଂସ୍କାର ଶିଖିବ, ଆସନ୍ତାକାଲି ସେହି ସଂସ୍କାର ସମାଜକୁ ନେଇଯିବ। ଏହି କାରଣରୁ ନିର୍ବାଚନ ହେବା ଦରକାର, କିନ୍ତୁ ତାହା ସହିତ କଠୋର ନିୟମ ମଧ୍ୟ ରହିବା ଦରକାର। କ୍ୟାମ୍ପସରେ ଅସ୍ତ୍ର ପ୍ରବେଶକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବା ଉଚିତ ନୁହେଁ। ଧମକ, ମାରପିଟ, ଭଙ୍ଗାରୁଜା, ଜୋରଜବରଦସ୍ତି, ଭୟ ସୃଷ୍ଟି, ଅନ୍ୟ ଛାତ୍ରଙ୍କୁ ଭୋଟ ଦେବାରୁ ରୋକିବା, ଅନୁଚିତ ଅର୍ଥବ୍ୟୟ ଓ ବାହାର ଲୋକଙ୍କ ଅନୁପ୍ରବେଶକୁ ନେଇ ଶୂନ୍ୟ ସହନଶୀଳତା ରହିବା ଦରକାର। ଛାତ୍ର ନିର୍ବାଚନକୁ ଯଦି ହିଂସା ଗ୍ରାସ କରେ, ତେବେ ତାହା ଗଣତନ୍ତ୍ରର ଉତ୍ସବ ନୁହେଁ, ଗଣତନ୍ତ୍ରର ପରାଜୟ। ଏହି ମାମଲାରେ ରାଜ୍ୟ ସରକାର, ଉଚ୍ଚଶିକ୍ଷା ବିଭାଗ, ମହାବିଦ୍ୟାଳୟ ପ୍ରଶାସନ, ଅଧ୍ୟାପକ, ଅଭିଭାବକ ଓ ଛାତ୍ର ସଂଗଠନ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି। ଛାତ୍ର ସଂଗଠନଗୁଡ଼ିକ ମଧ୍ୟ ବୁଝିବା ଦରକାର ଯେ କ୍ୟାମ୍ପସ କୌଣସି ଯୁଦ୍ଧକ୍ଷେତ୍ର ନୁହେଁ। ଏହା ଜ୍ଞାନର କ୍ଷେତ୍ର। ଏଠାରେ ଭିନ୍ନ ମତ ରହିବ, କିନ୍ତୁ ଭିନ୍ନ ମତର ଅର୍ଥ ଶତ୍ରୁତା ନୁହେଁ। ଜଣେ ଛାତ୍ର ଯଦି ଗୋଟିଏ ନୀତିକୁ ସମର୍ଥନ କରେ ଏବଂ ଅନ୍ୟଜଣେ ତାହାକୁ ବିରୋଧ କରେ, ତେବେ ଦୁଇଜଣଙ୍କର ମତପ୍ରକାଶର ଅଧିକାର ସମାନ। ଆଜିର ଛାତ୍ର ରାଜନୀତିକୁ ଗତକାଲିର ଚଶମାରେ ଦେଖିବା ଠିକ୍ ନୁହେଁ। ଆଜିର ଯୁବକ ଚାହୁଁଛି ଚାକିରି, କୌଶଳ, ଗବେଷଣା, ନୂଆ ଉଦ୍ୟମ, ଉଚ୍ଚମାନର ଶିକ୍ଷା, ସୁରକ୍ଷିତ ପରିବେଶ, ଭଲ ହଷ୍ଟେଲ, ଉନ୍ନତ ପାଠାଗାର, କ୍ରୀଡ଼ା ସୁବିଧା ଏବଂ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ। ତେଣୁ ନୂଆ ଛାତ୍ର ନେତୃତ୍ୱର ଏଜେଣ୍ଡା ମଧ୍ୟ ନୂଆ ହେବା ଦରକାର। କେବଳ ପୋଷ୍ଟର, ନାରା ଓ ଶକ୍ତି ପ୍ରଦର୍ଶନ ନୁହେଁଙ୍କ ଛାତ୍ରଙ୍କ ଭବିଷ୍ୟତ ହିଁ ନିର୍ବାଚନର ପ୍ରଧାନ ବିଷୟ ହେଉ। ଯେଉଁ ପ୍ରାର୍ଥୀ ନିଜ ମହାବିଦ୍ୟାଳୟ ପାଇଁ ପାଞ୍ଚଟି ସ୍ପଷ୍ଟ ପ୍ରସ୍ତାବ ରଖିପାରିବ, ସେ ଅନ୍ୟଠାରୁ ଆଗରେ ରହୁ। ଯେଉଁ ପ୍ରାର୍ଥୀ ଛାତ୍ରଙ୍କ ଅଭିଯୋଗ ଶୁଣିବାକୁ ପ୍ରତିଶ୍ରୁତି ଦିଏ, ସେ ଆଗକୁ ଆସୁ। ଯେଉଁ ପ୍ରାର୍ଥୀ ମହିଳା ଛାତ୍ରୀଙ୍କ ସୁରକ୍ଷା, ଦିବ୍ୟାଙ୍ଗ ଛାତ୍ରଙ୍କ ସୁବିଧା, ଆର୍ଥିକ ଦୁର୍ବଳ ଛାତ୍ରଙ୍କ ସମସ୍ୟା, ପାଠାଗାର ସମୟ, ହଷ୍ଟେଲ ଖାଦ୍ୟର ଗୁଣ, ପରିବହନ ଓ ପରୀକ୍ଷା ବ୍ୟବସ୍ଥାକୁ ନିଜ ଘୋଷଣାପତ୍ରରେ ସ୍ଥାନ ଦିଏ, ସେ ହିଁ ଆଧୁନିକ ଛାତ୍ର ନେତୃତ୍ୱର ପ୍ରତୀକ ହେଉ। ଛାତ୍ର ରାଜନୀତିର ମାନ ବଢ଼ିଲେ ରାଜ୍ୟ ରାଜନୀତିର ମାନ ମଧ୍ୟ ବଢ଼ିବ। କାରଣ ଆଜିର କ୍ୟାମ୍ପସ ନେତା ହିଁ ଆସନ୍ତାକାଲିର ସମାଜ ନେତା। ଏହି ଦୃଷ୍ଟିରୁ ମୋହନ ମାଝୀ ସରକାରଙ୍କ ପାଇଁ ଛାତ୍ର ସଂସଦ ନିର୍ବାଚନ ଏକ ପ୍ରଶାସନିକ କାର୍ଯ୍ୟ ମାତ୍ର ନୁହେଁ, ଏକ ପିଢ଼ି ଗଢ଼ିବାର ସୁଯୋଗ। ସରକାରଙ୍କୁ ଏହି ସୁଯୋଗକୁ ଐତିହାସିକ କରିବାକୁ ହେବ। ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ମହାବିଦ୍ୟାଳୟରେ ନିୟମ ସ୍ପଷ୍ଟ ହେଉ। ପ୍ରାର୍ଥୀଙ୍କ ଯୋଗ୍ୟତା, ପ୍ରଚାର ନିୟମ, ବ୍ୟୟ ସୀମା, ଆଚରଣବିଧି, ଭୋଟ ଦିନର ବ୍ୟବସ୍ଥା, ଅଭିଯୋଗ ନିରାକରଣ ଓ ଫଳାଫଳ ପ୍ରକାଶ ପ୍ରକ୍ରିୟା ସମସ୍ତଙ୍କୁ ଆଗରୁ ଜଣାଇବା ଦରକାର। ନିର୍ବାଚନ ପରିଚାଳନାରେ ଅଧ୍ୟାପକ ଓ ପ୍ରଶାସନଙ୍କ ଭୂମିକା ନିରପେକ୍ଷ ରହିବା ଦରକାର। କୌଣସି ପକ୍ଷକୁ ଅନ୍ୟାୟ ସୁବିଧା ଦେବା ଚାଲିବ ନାହିଁ। ଅଭିଯୋଗ ଆସିଲେ ତାହାର ଶୀଘ୍ର ତଦନ୍ତ ହେବା ଦରକାର। ହିଂସା କରୁଥିବା ବ୍ୟକ୍ତି କେଉଁ ସଂଗଠନର ହେଉ, ତାଙ୍କ ବିରୋଧରେ ନିୟମ ଅନୁସାରେ କାର୍ଯ୍ୟ ହେବା ଦରକାର। ଏହି ନିରପେକ୍ଷତା ହିଁ ସରକାରଙ୍କ ଉପରେ ଆସ୍ଥାର ମୂଳ ଆଧାର ହେବ। ଛାତ୍ର ନିର୍ବାଚନକୁ ନେଇ ଆଉ ଏକ ଦିଗ ଅତ୍ୟନ୍ତ ଜରୁରୀମହିଳା ଛାତ୍ରୀଙ୍କ ଅଂଶଗ୍ରହଣ। ଓଡ଼ିଶାର ଉଚ୍ଚଶିକ୍ଷା ପରିସରରେ ମହିଳା ଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ବଡ଼। ତେଣୁ ଛାତ୍ର ନେତୃତ୍ୱରେ ମଧ୍ୟ ସେମାନଙ୍କୁ ସମାନ ସୁଯୋଗ ମିଳିବା ଦରକାର। କ୍ୟାମ୍ପସରେ ମହିଳା ନେତୃତ୍ୱ ବଢ଼ିଲେ ସୁରକ୍ଷା, ସ୍ୱାସ୍ଥ୍ୟ, ପରିଷ୍କାରତା, ମାସିକ ଋତୁସ୍ରାବ ସୁବିଧା, ଯାତାୟାତ ଓ ଛାତ୍ରୀ ହଷ୍ଟେଲ ଭଳି ଅନେକ ପ୍ରଶ୍ନ ଅଧିକ ଶକ୍ତିଶାଳୀ ଭାବେ ଆଗକୁ ଆସିପାରିବ। ଗଣତନ୍ତ୍ର ସେତେବେଳେ ହିଁ ସଫଳ ଯେତେବେଳେ ସମସ୍ତଙ୍କ ସ୍ୱର ତାହାରେ ଶୁଣାଯାଏ।

ଭାରତ, ସିନ୍ଧୁ ନଦୀ ଓ ପାକିସ୍ତାନ

ନେଦରଲ୍ୟାଣ୍ଡର ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ (ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍) ଏହା ମଧ୍ୟରେ ସିନ୍ଧୁ ଜଳ ବିବାଦ ଉପରେ ଏକ ନିଷ୍ପତ୍ତି ନେଇଅଛି ପାକିସ୍ତାନକୁ ସମର୍ଥନ କରି। ନିଜର ଫଇସଲାରେ ଏହି କୋର୍ଟ ପ୍ରକାଶ କରିଛି କି, ଭାରତ ଏକତରଫା ଭାବରେ ସିନ୍ଧୁଜଳ ଚୁକ୍ତିକୁ ବାତିଲ କରିପାରିବ ନାହିଁ। ଆହୁରି ମଧ୍ୟ ଉକ୍ତ ନ୍ୟାୟାଳୟର ପାଞ୍ଚଜଣିଆ ଖଣ୍ଡପୀଠ ନିଜ ରାୟରେ ଉଲ୍ଲେଖ କରିଛନ୍ତି, ଯେ ଏହି ଚୁକ୍ତି ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ରହିଛି ଓ ଏହାକୁ ନେଇ ଭାରତକୁ ନିଜର ଦାୟିତ୍ୱର ପାଳନ କରିବା ପାଇଁ ପଡ଼ିବ। ଏହି ଦାୟିତ୍ୱରେ ଅନ୍ତର୍ଭୁକ୍ତ ଅଛି ପାକିସ୍ତାନ ପଟକୁ ବହୁଥିବା ନଦୀଗୁଡ଼ିକରେ ଜଳବିଦ୍ୟୁତ୍ ପ୍ରକଳ୍ପର ପରିଚାଳନା। ୨୨ ଏପ୍ରିଲ ୨୦୨୫ ରେ ଜାମ୍ମୁ-କାଶ୍ମୀରର ପହେଲ୍‌ଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଛବିଶଜଣ ନିର୍ଦ୍ଦୋଷ ଜନତା ପ୍ରାଣ ହରାଇଥିଲେ। ଆତଙ୍କବାଦୀମାନେ ଗୁଳି ମାରିବା ପୂର୍ବରୁ ମୃତକମାନଙ୍କୁ ସେମାନଙ୍କର ଧର୍ମ ପଚାରିଥିଲେ। ଏହି ନରସଂହାର ପରେ ଭାରତ ତରଫରୁ ବୟାନ ଜାରି କରାଯାଇଥିଲା କି ସିନ୍ଧୁଚୁକ୍ତିକୁ ସେହି ପର୍ଯ୍ୟନ୍ତ ବାତିଲ୍ କରାଯିବ, ଯେତବେଳ ଯାଏଁ ପାକିସ୍ତାନ ସୀମାପାର ଆତଙ୍କବାଦ ଉପରେ ଅବିଶ୍ୱସନୀୟ ଓ ଅପରିବର୍ତ୍ତନୀୟ ପଦକ୍ଷେପ ନେଇନାହିଁ। ପାକିସ୍ତାନ ଦ୍ୱାରା ହେଗ୍ରେ ଅଣାଯାଇଥିବା ସିନ୍ଧୁଜଳ ଚୁକ୍ତି ମାମଲାରେ ଭାରତ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଅଧିକାର ଓ ରାୟକୁ ମାନିବାକୁ ନାସ୍ତି କରିଦେଇଛି। ସିନ୍ଧୁଜଳ ଚୁକ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ଏକ ଜଳ ବଣ୍ଟନ ଚୁକ୍ତି ନୁହେଁ। ଏହା ସେହି ସମୟର ସୃଷ୍ଟି ଯେତବଳେ ଦୁଇ ଦେଶ ମଧ୍ୟରେ ଗଭୀର ରାଜନୈତିକ ଓ ସୁରକ୍ଷା ସମ୍ପର୍କିତ ମତଭେଦ ଥିବା ସତ୍ତ୍ୱେ ଏଭଳି ଏକ ବିକଳ୍ପର ସନ୍ଧାନ ପାଇଁ ଉଦ୍ୟମ କରାଯାଇଥିଲା, ଯେଉଥିରେ ନଦୀର ପାଣିକୁ ଯୁଦ୍ଧରୁ ଅଲଗା ରଖାଯାଇପାରିବ କିନ୍ତୁ ସାତ ଦଶନ୍ଧିରୁ ଅଧିକ ସମୟ ପରେ ପରିସ୍ଥିତି ଏପରି ବଦଳି ଯାଇଛି କି, ଏହି ଚୁକ୍ତି ଏବେ କେବଳ ଜଳ ପରିଚାଳନାର ବିଷୟ ହୋଇ ରହିନାହିଁ। ଏହା ଭାରତର ସୁରକ୍ଷା, ସଂପ୍ରଭୁତା, ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଓ ପରିବର୍ତ୍ତିତ ଭୂ-ରାଜନୈତିକ ସମୀକରଣ ସହ ମଧ୍ୟ ଜଡ଼ିତ ହୋଇଯାଇଛି।

ସିନ୍ଧୁଜଳ ଚୁକ୍ତି ୧୯୬୦ ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱବ୍ୟାଙ୍କ୍ ମଧ୍ୟସ୍ଥତାରେ ସ୍ୱାକ୍ଷରିତ ହୋଇଥିଲା। ଏହି ରାଜିନାମାରେ ସିନ୍ଧୁନଦୀ ପ୍ରଣାଳିର ଛଅ ପ୍ରମୁଖ ନଦୀରେ ଜଳ ଉପଯୋଗକୁ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ଶତଲେଜ୍, ବ୍ୟାସ ଓ ରାବି ନଦୀର ଅଧିକାଂଶ ଜଳ ଭାରତର ବ୍ୟବହାର ନିମନ୍ତେ ନିର୍ଦ୍ଧାରିତ କରାଗଲା ଯେତବଳେ କି ସିନ୍ଧୁ, ଝେଲମ୍ ଓ ଚେନ୍ନାବର ପାଣିର ଉପଯୋଗରେ ପାକିସ୍ତାନକୁ ପ୍ରମୁଖତା ମିଳିଲା। ତତ୍କାଳୀନ ସମୟରେ ଏହି ଚୁକ୍ତିକୁ ଦୁଇ ଦେଶ ମଧ୍ୟରେ ସହଯୋଗ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ହିସାବରେ ନିଆଗଲା। ଭାରତ, ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲା, ସମ୍ପର୍କରେ ଉନ୍ନତି ଅବନ୍ନତି ଆସିଲା, ସୀମାରେ ଉତ୍ତେଜନା ମଧ୍ୟ ବଢ଼ିଲା କିନ୍ତୁ ସିନ୍ଧୁଚୁକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରହିଲା। ଏହା ହିଁ ଏହି ଚୁକ୍ତିର ଏକ ବିଶେଷତ୍ୱ। କିନ୍ତୁ ଆଜି ଭାରତ ଏକ ଭିନ୍ନ ସନ୍ଦେଶ ଦେଉଛି କି କୌଣସି ଚୁକ୍ତିର ସ୍ଥିରତା କେବଳ ଏହି ପ୍ରସଙ୍ଗରେ ନିର୍ଣ୍ଣୟ କରାଯାଇପାରିବ ନାହିଁ ଯେ ଏହା କେତେ ବର୍ଷ ଧରି ଅସ୍ତିତ୍ୱରେ ଅଛି। ସମୟ ସହିତ ଯଦି ପରିସ୍ଥିତି ବଦଳିଯାଏ, ତେବେ ଚୁକ୍ତିର ବ୍ୟାଖ୍ୟା ଓ ଏହାର କ୍ରିୟାନ୍ୱୟନ ପ୍ରକ୍ରିୟା ଉପରେ ମଧ୍ୟ ନୂଆ ରୂପରେ ବିଚାର ହେବାର ଆବଶ୍ୟକତା ରହିଛି।

ପାକିସ୍ତାନରେ ଜଳବିଦ୍ୟୁତ୍ ଯୋଜନା ନିର୍ମାଣ କରୁଥିବା ଚୀନ ମଧ୍ୟ ଏହି ବିଷୟରେ ନୀରବତା ଅବଲମ୍ବନ କରିଛି। ଚୀନ ମଧ୍ୟ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍ର ଏକ ଐତିହାସିକ ରାୟକୁ ଅତୀତରେ ଖାରଜ କରିଥିଲା, ଯାହାକି ଦକ୍ଷିଣ ଚୀନ ସାଗର ବିବାଦ ଉପରେ ଫିଲିପାଇନସ୍ ସପକ୍ଷରେ ଆସିଥିଲା। ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ ଭାରତ ପାଇଁ କିଛି ନୂଆ ନୁହେଁ। ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ଆଜି ପର୍ଯ୍ୟନ୍ତ ଭାରତ ତିରିଶ୍ରୁ ଅଧିକ ଆନ୍ତର୍ଜାତିକ ମାମଲାରେ ଜଡ଼ିତ ରହିଛି।

ପ୍ରଶ୍ନ ଉଠୁଛି କି ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଯଦି ବି ପାକିସ୍ତାନ ସପକ୍ଷରେ ରାୟ ଦେଲା, ତେବେ ଏହାକୁ କାର୍ଯ୍ୟକାରୀ କେମିତି କରାଇବ ? ଭାରତ କିଛି ଘଣ୍ଟାରେ ହିଁ ଏହି ନିଷ୍ପତ୍ତିକୁ ଖାରଜ କରିଦେଇଛି। ରୋଚକ କଥା ହେଉଛି କି, ୧ ସେପ୍ଟେମ୍ବର ୨୦୨୬ ରେ କିରଗିଜ୍‌ସ୍ଥାନର ବିଶକେକ୍‌ଠାରେ ଅନୁଷ୍ଠିତ ହୋଇଥିବା ଛବିଶତମ ସାଂଘାଇ ସହଯୋଗ ସଙ୍ଗଠନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଶେହେବାଜ୍ ସରିଫ୍ ଗୋଟିଏ ମଞ୍ଚରେ ଉପସ୍ଥିତ ଥିଲେ ମଧ୍ୟ ଦୁଇଜଣଙ୍କ ମଧ୍ୟରେ କୌଣସି ପ୍ରକାର ବାର୍ତ୍ତାଳାପ ହେଲା ନାହିଁ (ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ)।

ଇସ୍ଲାମାବାଦରେ ରହୁଥିବା ହାଇଡ୍ରୋଲୋଜି ଓ ଜଳ ପ୍ରବନ୍ଧନ ବିଶେଷଜ୍ଞ ''ହସନ୍ ଆବାସ୍''ଙ୍କ ମତାନୁସାରେ ଚୁକ୍ତି ବାତିଲ ହେବା ଯୋଗୁଁ ପାକିସ୍ତାନ ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ନାହିଁ। ସେ କହିଛନ୍ତି, ''ମୋତେ ଲାଗୁନାହିଁ ଏବେ କିଛି ବଡ଼ ବିପଦ ଅଛି। ପଶ୍ଚିମା ନଦୀଗୁଡ଼ିକ ପାକିସ୍ତାନ ପାଇଁ ସୁରକ୍ଷିତ ହେବାର ପ୍ରମୁଖ କାରଣ ହେଉଛି



ଡା. ରାଜ କିଶୋର ପଣ୍ଡା
ଓଡ଼ିଶା ସାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୦୪୨୯୯୭

ଏଗୁଡ଼ିକର ଭୌଗୋଳିକ ସ୍ଥିତି। ଭୌଗୋଳିକ ସ୍ଥିତି ତୁଳନାରେ କୌଣସି ଚୁକ୍ତିର ଅବଦାନ ଏଥିରେ ଗୌଣ।'' ହସନ ଆବାସ କହିଛନ୍ତି କି, ''ଚେନାବ୍ ନଦୀ ଉପରେ ଭାରତର ଜଳ ସଂରକ୍ଷଣ କ୍ଷମତା ପ୍ରାୟ ଏକ ମିଲିଅନ ଏକର ଫୁଟ ଅଟେ, ଯାହାକି ପାକିସ୍ତାନର ଜଳସେଚନ ଆବଶ୍ୟକତା ତୁଳନାରେ ଅତ୍ୟନ୍ତ କମ୍। ଯଦି ଭାରତ ପାକିସ୍ତାନ ପଟକୁ ପାଣି ନ ଛାଡ଼ିବ ତାହାହଲେ ସେ ନିଜେ ହିଁ ବନ୍ୟାର କବଳିତ ହେବ।'' ଆହୁରି ମଧ୍ୟ ଆବାସ କହିଛନ୍ତି, ''ଭାରତର ଜଳଭଣ୍ଡାର ଗୁଡ଼ିକ ରନ୍ ଅଫ୍ ରିଭର୍ ହାଇଡ୍ରୋ ପାୱାର ପ୍ଲାଣ୍ଟ ଅଟେ, ଯେଉଥିରେ ପାଣିକୁ ଗଚ୍ଛିତ କରି ରଖିବା ପାଇଁ ସ୍ଥାନ କମ୍ ଥାଏ। ତେଣୁ ଥରେ ଜଳାଶୟ ପୂର୍ଣ୍ଣ ହୋଇଗଲେ ଭାରତ ପାଖରେ ପାକିସ୍ତାନ ପଟକୁ ପାଣି ନିଷ୍କାସନ କରିବା ଛଡ଼ା ଆଉ କୌଣସି ଉପାୟ ନାହିଁ। ପାକିସ୍ତାନରେ ସିନ୍ଧୁ ନଦୀର ମୁଖ୍ୟ ଧାରାରେ ବର୍ତ୍ତମାନ ଅନେକଗୁଡ଼ିକ ଜଳବିଦ୍ୟୁତ୍ ଯୋଜନା ନିର୍ମାଣାଧୀନ ଅଛି।'' ଏଥି ମଧ୍ୟରୁ ''ଦାସୁ'' ଓ ''ଦି ଆମେର ଭାଶା'' ହେଉଛନ୍ତି ବୃହତ୍ ପ୍ରକଳ୍ପ। ଦାସୁ ଜଳବିଦ୍ୟୁତ୍ ଯୋଜନା ଖାଇବର ପାଖ୍ତୁନଖ୍ୱା ପ୍ରାନ୍ତରେ ସିନ୍ଧୁ ନଦୀରେ ନିର୍ମାଣ କରାଯାଉଥିବା ଏକ ବୃହତ୍ ପ୍ରକଳ୍ପ ଯାହା ୨୦୨୭ ରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ସେହିପରି ଦିଆମେର ଭାଶା ଯୋଜନା ଗିଲଗିଟ୍ ବାଲଟିସ୍ତାନ ଓ ଖାଇବର ପାଖ୍ତୁନଖ୍ୱା ସୀମାରେ ସିନ୍ଧୁ ନଦୀରେ ନିର୍ମିତ ହେଉଥିବା ୨୭୨ ମିଟର ଉଚ୍ଚ ବିଦ୍ୟୁତ୍ ଓ ଜଳସେଚନ ଯୋଜନା ଅଟେ। ଏହା ଛଡ଼ା ସିନ୍ଧୁ ନଦୀ ବେସିନ ଓ ଏହାର ସହାୟକ ନଦୀମାନଙ୍କରେ ଆହୁରି ଛୋଟ ବଡ଼ ଜଳବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ଅଛନ୍ତି। ପାକିସ୍ତାନ ନିକଟରେ ପାଣିର ଅଭାବ ଅଛି କିନ୍ତୁ ଜଣାପଡୁନାହିଁ ଏତେ ଜଳବିଦ୍ୟୁତ୍ ଯୋଜନା କାହା ଭରସାରେ ନିର୍ମାଣ କରାଯାଉଛି।

ସିନ୍ଧୁଜଳ ସନ୍ଧିରୁ ହଟିବା ପାଇଁ ଭାରତର ଫଇସଲା ପରେ ପାକିସ୍ତାନର ନେତୃବୃନ୍ଦ ଓ ସାମରିକ କର୍ତ୍ତୃପକ୍ଷ ଏହି ବିବାଦକୁ ଦେଶର ଅସ୍ତିତ୍ୱ ପାଇଁ ବିପଦ ବୋଲି ଘୋଷଣା କରିଛନ୍ତି। ପୂର୍ବ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ବୟାନ ଦେଇଛନ୍ତି କି, ଏହି ବିବାଦ କୌଣସି ଟେକ୍ନୋଲୋଜୀ ବିବାଦ ନୁହେଁ। ଏହା ମଧ୍ୟ କୌଣସି ହାଇଡ୍ରୋଲୋଜୀ ବା ପ୍ରଶାସନିକ ବିଳମ୍ବ ଜନିତ ମାମଲା ନୁହେଁ ବରଂ ଏହା ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରିବାର ପ୍ରକ୍ରିୟା ଅଟେ।

ପାକିସ୍ତାନ ଡେରିରେ ବୁଝିଲା କି ଭାରତ ତା' ବିରୋଧରେ ୱାଟର ବମ୍ବ ବ୍ୟବହାର କରିଛି। ଏହା ମଧ୍ୟରେ ଲାଦାଖରୁ ଯେଉ ଖବର ଆସିଛି, ତାହା ଯଦି ଠିକ୍ରେ ପାଳନ କରାଯିବ, ପାକିସ୍ତାନରେ ପାଣି ଟୋପାଏ ପାଇଁ ହାହାକାର ଖେଳିଯିବ। ଲାଦାଖ୍ ପ୍ରଶାସନ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି, ସିନ୍ଧୁ ନଦୀରେ ଏକା ଥରକେ ୩୬ ଟି ଡ୍ୟାମରେ ଜାଲ ବିଛାଇବା ପାଇଁ। ସେହି ପାଣି ଯାହା ଏ ପର୍ଯ୍ୟନ୍ତ ଦାନ ସୂତ୍ରରେ ସୀମା ଅତିକ୍ରମ କରୁଥିଲା ବର୍ତ୍ତମାନ ଭାରତର ଅନୁର୍ବର ମାଟିରୁ ସୁନା ଉପୁଜାଇବ। ଏଥିରେ ମାତ୍ର ୫୬ କୋଟି ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରସ୍ତାବକୁ ଲାଦାଖର ଏଲ.ଜି. ବିନୟ କୁମାର ସାକ୍ସେନା ଜଳଶକ୍ତି ମନ୍ତ୍ରାଳୟକୁ ବର୍ତ୍ତମାନ ପଠାଇଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ପ୍ରଥମ ପଦକ୍ଷେପ ସ୍ୱରୂପ ଲେହ୍ରେ ସାତୋଟି ଡ୍ୟାମ୍ ତିଆରି କରାଯିବ। ଏହା ହେବ ସିନ୍ଧୁ ନଦୀ ଉପରେ। ଦ୍ୱିତୀୟ ପଦକ୍ଷେପ ସ୍ୱରୂପ କାରଗିଲ୍ରେ ୨୯ ଡ୍ୟାମ୍। ଏହା ହେବ ସୁରୁ ନଦୀ ଉପରେ, ଯାହାକି ସିନ୍ଧୁର ସବୁଠାରୁ ଶକ୍ତିଶାଳୀ ଶାଖା ନଦୀ ମଧ୍ୟରେ ଅନ୍ୟତମ। ନୂଆଦିଲ୍ଲୀ କେବେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବ, ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ଦୀର୍ଘ ସମୟରୁ ସିନ୍ଧୁ ଚୁକ୍ତିକୁ ଭାରତ ସହ ନିଜର ଜଳ ସମ୍ବନ୍ଧରେ ସୁରକ୍ଷା କବଚ ଭାବେ ଦେଖିଆସିଛି। ପାକିସ୍ତାନ ପାଇଁ ସିନ୍ଧୁ ନଦୀ କୃଷି, ଖାଦ୍ୟ ସୁରକ୍ଷା, ବିଦ୍ୟୁତ୍ୱ ଉତ୍ପାଦନ ଓ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ଭଳି ଅଟେ, ତେଣୁ ଭାରତ ତରଫରୁ ସନ୍ଧିକୁ ନେଇ ଗ୍ରହଣ କରାଯାଇଥିବା କଠୋର ଆଭିମୁଖ୍ୟ ଇସଲାମାବାଦ୍ରେ ସ୍ୱାଭାବିକ ଭାବରେ ଚିନ୍ତା ସୃଷ୍ଟି କରିଛି। ଭାରତ ଦୃଷ୍ଟିକୋଣରୁ ପ୍ରଶ୍ନ ହେଉଛି କି, ପାଣି ପାଇଁ ସହଯୋଗର ଅପେକ୍ଷା କ'ଣ ସେହି ସମୟରେ ମଧ୍ୟ କରାଯାଇପାରିବ, ଯେତବଳେ କି ସୀମାରେ ଆତଙ୍କବାଦର ବିବାଦ ଜାରି ରହିଥିବ ? ଭାରତ ଏହି ବିରୋଧାଭାସକୁ ନିଜର ନୀତିର ଆଧାର କରିଛି। ଗୋଟିଏ ପଟେ ଆତଙ୍କବାଦକୁ ଭାରତ ବିରୋଧରେ ବ୍ୟବହାର କରିବା ଓ ଅନ୍ୟ ପଟେ ଜଳ ସମ୍ବନ୍ଧକୁ ସାମାନ୍ୟ ଦ୍ୱିପାକ୍ଷୀୟ ସମ୍ବନ୍ଧରୁ ଅଲଗା ରଖିବାର ଆଶା କରିବା, ଏହା କେବେ କି ଗ୍ରହଣୀୟ ନୁହେଁ।

ଭାରତ, ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଉଛି କି, ରକ୍ତ ଓ ଜଳ କଦାପି ଏକା ସାଙ୍ଗରେ ବହମାନ ହୋଇପାରିବେ ନାହିଁ।

ଅନ୍ତ୍ୟୋଦୟ, ମାନବୀୟ ଚେତନାର ଶଙ୍ଖନାଦ

ଭାରତୀୟ ସାଂସ୍କୃତିକ ନୈତିକତାର ଚିରନ୍ତନ ଧାରାରେ ମଣିଷ ଏକ ଅଖଣ୍ଡ ଚୈତନ୍ୟର ସମଷ୍ଟିଗତ ପ୍ରକାଶ। ଏହି ଆଧାତ୍ମିକ ତଥା ଦାର୍ଶନିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଏକ କାଳଜୟୀ ସାମାଜିକ ସଂକଳ୍ପ ହେଉଛି 'ଅନ୍ତ୍ୟୋଦୟ'। ପ୍ରତିବର୍ଷ ସେପ୍ଟେମ୍ବର ୨୫ ତାରିଖକୁ ସମଗ୍ର ରାଷ୍ଟ୍ର ଅନ୍ତ୍ୟୋଦୟ ଦିବସ ରୂପେ ପାଳନ କରେ, ଯାହା ମହାନ ଦାର୍ଶନିକ, ପ୍ରଖ୍ୟାତ ରାଷ୍ଟ୍ରନୀତିଜ୍ଞ ତଥା 'ଏକାତ୍ମ ମାନବବାଦ'ର ଅମୃତମୟ ପ୍ରବକ୍ତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ।

ଅନ୍ତ୍ୟୋଦୟ କେବଳ ଏକ ରାଜନୈତିକ ସ୍ଲୋଗାନ କିମ୍ବା ଶାସନତନ୍ତ୍ରର କଲ୍ୟାଣକାରୀ ଯୋଜନାର ତାଲିକା ନୁହେଁ। ଏହା ସାମାଜିକ ନ୍ୟାୟ, ମାନବୀୟ ସମ୍ବେଦନଶୀଳତା ଓ ନୈତିକ ଉତ୍ତରଦାୟିତ୍ୱର ଚରମ ଅଭିବ୍ୟକ୍ତି। ସମାଜର ସବାଶେଷ ପାହାଚରେ ଦଣ୍ଡାୟମାନ, ସୁବିଧାବଞ୍ଚିତ, ତିରସ୍କୃତ ତଥା ନିଷ୍କେଷିତ ବ୍ୟକ୍ତିର ମୁହଁରେ ହସ ଫୁଟାଇବା ଏବଂ ତା'ର ସର୍ବାଙ୍ଗୀନ ଉନ୍ନୟନ ସାଧନ କରିବା ହିଁ ଏହି ଦର୍ଶନର କେନ୍ଦ୍ରବିନ୍ଦୁ। ଯେତେବେଳେ ପୃଥିବୀ ଉଗ୍ର ପୁଞ୍ଜିବାଦର ଶୋଷଣ ଓ ଯାନ୍ତ୍ରିକ ସାମ୍ୟବାଦର କଠୋରତା ମଧ୍ୟରେ ଅଣନିଶ୍ୱାସୀ ହେଉଥିଲା, ସେତେବେଳେ ଦୀନଦୟାଲଜୀ ଭାରତୀୟ ଜୀବନ ମୂଲ୍ୟବୋଧ ଆଧାରିତ ଏହି ମାନବ-କେନ୍ଦ୍ରିକ ବିକଳ୍ପ ପ୍ରଦାନ କରିଥିଲେ।

ପଣ୍ଡିତ ଦୀନଦୟାଲଙ୍କ ଦର୍ଶନର ପ୍ରାଣକେନ୍ଦ୍ର ହେଉଛି 'ଏକାତ୍ମ ମାନବବାଦ'। ଏହା ମନୁଷ୍ୟକୁ ଖଣ୍ଡିତ ଭାବେ ଅଧ୍ୟୟନ କରେ ନାହିଁ। ମଣିଷ କେବଳ ଉଦରପୂର୍ତ୍ତି କରୁଥିବା ଏକ ଅର୍ଥନୈତିକ ପ୍ରାଣୀ ନୁହେଁ। ମନୁଷ୍ୟ ହେଉଛି ଶରୀର, ମନ, ବୁଦ୍ଧି ଓ ଆତ୍ମାର ଏକ ଅଭିନ୍ନ ସମନ୍ୱୟ। ଏହି ଚାରିଗୋଟି ଉପାଦାନର ସନ୍ତୁଳିତ ତୃପ୍ତି ବିନା ମାନବୀୟ ସୁଖ ଅସମ୍ଭବ।


ସମଷ୍ଟିଗତ ଚେତନା: ବ୍ୟକ୍ତିଠାରୁ ପରିବାର, ପରିବାରରୁ ସମାଜ, ସମାଜରୁ ରାଷ୍ଟ୍ର, ରାଷ୍ଟ୍ରରୁ ବିଶ୍ୱ ଏବଂ ବିଶ୍ୱରୁ ସମଗ୍ର ସୃଷ୍ଟି ଏହା ଏକ ପରସ୍ପର-ବିରୋଧୀ ସଂଘର୍ଷ ନୁହେଁ, ବରଂ ଏକ ଅନନ୍ତ ବିସ୍ତାରିତ ଏକାତ୍ମତା।

ଏହି ଦାର୍ଶନିକ ସୂତ୍ରରୁ ଉଦ୍ଭବ ହୁଏ ଅନ୍ତ୍ୟୋଦୟ ଯେଉଁଠାରେ ସମାଜର ଅଙ୍ଗବିଶେଷ ଭାବେ ଦୁର୍ବଳତମ ଶ୍ରେଣୀଟି କଷ୍ଟ ପାଇଲେ ସମଗ୍ର ସାମାଜିକ ଶରୀର ରୋଗାକ୍ରାନ୍ତ ହୁଏ। ତେଣୁ ଶେଷ ମଣିଷର ଉତ୍ଥାନ ହିଁ ସମଗ୍ର ସମାଜର ପୂର୍ଣ୍ଣତାର ପ୍ରଥମ ସର୍ତ୍ତ। 'ଅନ୍ତ୍ୟୋଦୟ' ଶବ୍ଦଟି ଦୁଇଟି ଶବ୍ଦର ସନ୍ଧିରୁ ନିଷ୍ପନ୍ନ 'ଅନ୍ତ୍ୟ' (ଅନ୍ତିମ ବା ଶେଷ) ଏବଂ 'ଉଦୟ' (ପ୍ରକାଶ, ଉତ୍ଥାନ ବା ବିକାଶ)। ଏହା କେବଳ ଭୋଗବାଦୀ ଅର୍ଥନୀତିର ଉଚ୍ଛିଷ୍ଟ ବଣ୍ଟନ ନୁହେଁ, ଏହା ହେଉଛି ନ୍ୟାୟୋଚିତ ଅଧିକାରର ପ୍ରତିଷ୍ଠା। ପଣ୍ଡିତ ଦୀନଦୟାଲଙ୍କ ଭାଷାରେ, ଯେପରି ଗୋଟିଏ ଶରୀରର ଶକ୍ତି ତା'ର ସବଳ ହସ୍ତ ଦ୍ୱାରା ନୁହେଁ, ବରଂ ଦୁର୍ବଳତମ ଅଙ୍ଗର ଆରୋଗ୍ୟ ଦ୍ୱାରା ମପାଯାଏ। ଠିକ୍ ସେହିପରି ଗୋଟିଏ ରାଷ୍ଟ୍ରର ପ୍ରକୃତ ଉନ୍ନତି କୋଠାବାଡ଼ି କିମ୍ବା ଧନୀକ ବର୍ଗଙ୍କ ସଂଖ୍ୟାରେ ନୁହେଁ, ବରଂ ଅନ୍ଧକାରରେ ପଡ଼ିରହିଥିବା କ୍ଷୁଧାର୍ତ୍ତ ବ୍ୟକ୍ତିର ସୁରକ୍ଷାରେ ହିଁ ପ୍ରତିଫଳିତ ହୁଏ।

ଭାରତବର୍ଷର ଇତିହାସରେ ବହୁ ଶତାବ୍ଦୀ ଧରି ଜାତିଗତ ଭେଦଭାବ, ସାମନ୍ତବାଦୀ ମାନସିକତା ଏବଂ ବୈଦେଶିକ ଶାସନର କୁପରିଣାମ ସ୍ୱରୂପ ଏକ ବିରାଟ ଜନସମୁଦାୟ ସାମାଜିକ ସମ୍ମାନ ତଥା ଅର୍ଥନୈତିକ ସୁଯୋଗରୁ ବଞ୍ଚିତ ହୋଇ ରହିଥିଲା। ଦଳିତ, ଆଦିବାସୀ ଓ ଶ୍ରମଜୀବୀ ଶ୍ରେଣୀ ଶୋଷଣର ଚକ୍ରବ୍ୟୂହରେ ନିଷ୍କେଷିତ ହେଉଥିଲେ।

ଅନ୍ତ୍ୟୋଦୟ ଦର୍ଶନ ଏହି ଅସମାନତା ବିରୁଦ୍ଧରେ ଏକ ଆଧାତ୍ମିକ ତଥା ବ୍ୟବହାରିକ କ୍ରାନ୍ତି: ଜାତିଗତ ସଂକୀର୍ଣ୍ଣତାର ବିଲୋପ: ମଣିଷ-ମଣିଷ ମଧ୍ୟରେ କୌଣସି ଜନ୍ମଗତ ଉଚ୍ଚ-ନୀଚ ଭେଦଭାବ ପ୍ରକୃତିର ନିୟମ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏକାତ୍ମ ପରମଚେତନା ବିଦ୍ୟମାନ। କରୁଣା ନୁହେଁ, ଅଧିକାର: ଦଳିତ ଓ ନିଷ୍କେଷିତଙ୍କୁ ଦୟା କିମ୍ବା ଅନୁକମ୍ପା ଦେଖାଇବା ପରିବର୍ତ୍ତେ ତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସମାନ ମର୍ଯ୍ୟାଦା ପ୍ରଦାନ କରିବା ଅନ୍ତ୍ୟୋଦୟର ମୂଳମନ୍ତ୍ର।

ସାମାଜିକ ସମରସତା: ବର୍ଗ-ସଂଘର୍ଷ ବଦଳରେ ସମନ୍ୱୟ ଓ ଭ୍ରାତୃଭାବ ହିଁ ସମାଜକୁ ଦୃଢ଼ ରଖିପାରିବ। ଯେତେବେଳେ ଉଚ୍ଚବର୍ଗ ଓ ସମ୍ପନ୍ନ ଶ୍ରେଣୀ ନିଜର ସାମାଜିକ ଦାୟିତ୍ୱକୁ ନୈତିକ ଧର୍ମ ଭାବେ ଗ୍ରହଣ କରିବେ, ସେତେବେଳେ ସମରସତାର ପ୍ରକୃତ ଉଦୟ ଘଟିବ। ଅର୍ଥନୈତିକ ସ୍ୱାବଲମ୍ବନ ଓ ବିକେନ୍ଦ୍ରୀକରଣ ପଣ୍ଡିତଜୀଙ୍କ ଅର୍ଥନୀତି ପାଶ୍ଚାତ୍ୟ ଅନ୍ଧାନୁକରଣର



ମନୋଜ କୁମାର ଶତପଥୀ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩,
ନୟାଗଡ, ୯୯୩୮୫୫୯୫୬୮

ସମ୍ପୂର୍ଣ୍ଣ ବିରୋଧୀ ଥିଲା। ସେ ସ୍ପଷ୍ଟ କରିଥିଲେ ଯେ ବିଦେଶୀ ମଡେଲ୍ ଭାରତର ଆତ୍ମା ଓ ଆବଶ୍ୟକତା ସହିତ ଖାପ ଖାଇବ ନାହିଁ। ଭାରତ ପାଇଁ ଏପରି ଏକ ଅର୍ଥନୀତି ଦରକାର, ଯାହା ଶ୍ରମ-କେନ୍ଦ୍ରିକ ହେବ, ପୁଞ୍ଜି-କେନ୍ଦ୍ରିକ ନୁହେଁ। ପ୍ରତ୍ୟେକ ହାତକୁ କାମ, ପ୍ରତ୍ୟେକ କ୍ଷେତକୁ ପାଣି: ବେକାରୀ ଦୂରୀକରଣ ଥିଲା ତାଙ୍କ ଅର୍ଥନୀତିର ପ୍ରଥମ ଲକ୍ଷ୍ୟ। ପ୍ରତ୍ୟେକ ସକ୍ଷମ ନାଗରିକକୁ ଉତ୍ପାଦନଶୀଳ କର୍ମ ଯୋଗାଇବା ରାଷ୍ଟ୍ରର ପରମ ଧର୍ମ। କୁଟୀର ଓ କ୍ଷୁଦ୍ର ଶିଳ୍ପର ସୁରକ୍ଷା: ବିରାଟକାୟ ଯନ୍ତ୍ରଶିଳ୍ପ ମଣିଷକୁ କର୍ମହୀନ କରେ ଏବଂ ସମ୍ପଦକୁ ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ ଠୁଳ କରେ। ଏଣୁ ଗ୍ରାମୀଣ ହସ୍ତତନ୍ତ, କୁଟୀର ଶିଳ୍ପ ଓ ସ୍ଥାନୀୟ ସମ୍ବଳର ଉପଯୋଗ ମାଧ୍ୟମରେ ବିକେନ୍ଦ୍ରୀକୃତ ଅର୍ଥନୀତି ଗଠନ ହେବା ଉଚିତ। ସ୍ୱଦେଶୀ ଓ ସ୍ୱାବଲମ୍ବନ: ବିଦେଶୀ ନିର୍ଭରଶୀଳତାରୁ ମୁକ୍ତ ହୋଇ ସ୍ଥାନୀୟ ଉତ୍ପାଦନ ଓ ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯାହା ଦ୍ୱାରା ଗ୍ରାମଗୁଡ଼ିକ ଆତ୍ମନିର୍ଭରଶୀଳ ହୋଇପାରିବେ। ଅନ୍ତ୍ୟୋଦୟର ବାସ୍ତବ ଉଦ୍ଦେଶ୍ୟ ହେଉଛି: ମଣିଷକୁ ସ୍ନେହ, ପ୍ରେମ ଓ ସହାନୁଭୂତିର ଚକ୍ଷୁରେ ଦେଖିବା। ଅନ୍ୟର ଯନ୍ତ୍ରଣାକୁ ନିଜର ମନେ କରି ତାହା ଲାଘବ କରିବା ପାଇଁ ଉଦ୍ୟମ କରିବା। ସମାଜ ପ୍ରତି ଆତ୍ମସମର୍ପଣ। ବ୍ୟକ୍ତି ସମାଜଠାରୁ ଯାହା ଗ୍ରହଣ କରେ, ତାହାଠାରୁ ଅଧିକ ସମାଜକୁ ଫେରାଇଦେବା। ଶ୍ରେଣୀହୀନ, ଶୋଷଣମୁକ୍ତ ଏବଂ ପରସ୍ପର-ନିର୍ଭରଶୀଳ ସାମାଜିକ ବ୍ୟବସ୍ଥାର ନିର୍ମାଣ। ଭାରତର ପାରମ୍ପରିକ 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ବିଶ୍ୱ ଏକ ପରିବାର) ଏବଂ 'ସର୍ବେ ଭବନ୍ତୁ ସୁଖିନଃ' ଭାବନାକୁ ବ୍ୟବହାରିକ ରୂପ ଦେବା। ପ୍ରକୃତି ସହିତ ମଣିଷର ସହାବସ୍ଥାନ ଯେଉଁଠି ପ୍ରକୃତିର ଦୋହନ ହେବ, ଶୋଷଣ ନୁହେଁ। କର୍ମରେ ସ୍ୱଚ୍ଛତା, ନ୍ୟାୟପୂର୍ଣ୍ଣ ଆଚରଣ ଏବଂ ପରୋପକାର। ସ୍ୱାର୍ଥପରତାରୁ ଊର୍ଦ୍ଧ୍ୱକୁ ଉଠି ସମଗ୍ର ସୃଷ୍ଟି ମଧ୍ୟରେ ନିଜ ସତ୍ତାକୁ ଉପଲବ୍ଧି କରିବା।

ଏକବିଂଶ ଶତାବ୍ଦୀର ଉତ୍ତର-ଆଧୁନିକ ଯୁଗରେ ଅନ୍ତ୍ୟୋଦୟର ଚିନ୍ତାଧାରା ଅତ୍ୟନ୍ତ ଅପରିହାର୍ଯ୍ୟ। ଭାରତ ସରକାର ତଥା ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବହୁ ଜନକଲ୍ୟାଣକାରୀ ଯୋଜନା ଯଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଉଥିବା 'ଅନ୍ତ୍ୟୋଦୟ ଅନ୍ନ ଯୋଜନା', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା', 'ଉଜ୍ଜ୍ୱଳା ଯୋଜନା', ସମସ୍ତଙ୍କ ପାଇଁ ବ୍ୟାଙ୍କ ଖାତା ସୁନିଶ୍ଚିତ କରୁଥିବା 'ଜନ ଧନ ଯୋଜନା', ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଦେଉଥିବା 'ଆୟୁଷ୍ମାନ ଭାରତ' ଏସବୁ ମୂଳତଃ ଦୀନଦୟାଲଜୀଙ୍କ ଅନ୍ତ୍ୟୋଦୟ ଦର୍ଶନର ବ୍ୟବହାରିକ ରୂପାନ୍ତର। ଆଜିର ଡିଜିଟାଲ୍ ଯୁଗରେ ସିଧାସଳଖ ହିତାଧିକାରୀଙ୍କ ପାଖକୁ ସୁବିଧା ପହଞ୍ଚାଇବା ପ୍ରକୃତରେ ସେହି ଶେଷ ମଣିଷଟିକୁ ହିଁ ଶକ୍ତିଶାଳୀ କରୁଛି, ଯିଏ ଦିନେ ଦୁର୍ନୀତି ଓ ମଧ୍ୟସ୍ଥିଙ୍କ କବଳରେ ନିଜ ଅଧିକାର ହରାଉଥିଲା।

ଅନ୍ତ୍ୟୋଦୟ କେବଳ ଅତୀତର ଏକ ତତ୍ତ୍ୱ ନୁହେଁ, ଏହା ଭବିଷ୍ୟତ ଭାରତର ରୋଡମ୍ୟାପ୍। ଏକ ଆତ୍ମନିର୍ଭର, ସମର୍ଥ ଓ ସମୃଦ୍ଧ ରାଷ୍ଟ୍ରର ସ୍ୱପ୍ନ ସେତେବେଳେ ହିଁ ସାକାର ହେବ, ଯେତେବେଳେ ଦେଶର ଦଳିତ, ଶ୍ରମିକ, କୃଷକ, ଆଦିବାସୀ ଏବଂ ସମାଜର ନିମ୍ନତମ ପାହାଚରେ ଥିବା ବ୍ୟକ୍ତିଟି ନିଜର ସାମାଜିକ, ଆର୍ଥିକ ତଥା ନୈତିକ ଅଧିକାର ଲାଭ କରିବ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀରେ ଅନ୍ତ୍ୟୋଦୟ ଦିବସ ପାଳନ କରିବା ଅର୍ଥ ହେଉଛି ଆମର ସାମୂହିକ ବିବେକକୁ ପୁନର୍ଜାଗ୍ରତ କରିବା। ଶୋଷଣମୁକ୍ତ ସମାଜ ଗଠନ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସେବା, ସମର୍ପଣ ଓ ସହାନୁଭୂତିର ବ୍ରତ ଗ୍ରହଣ କରିବାକୁ ହେବ।

ନୀରବ ରାତି

ରାତି ପ୍ରାୟ ଏଗାରଟା। ସମଗ୍ର କଲେଜ କ୍ୟାମ୍ପସ୍ ନିରବ ହୋଇଯାଇଥିଲା। ଦିନସାରା ଛାତ୍ରଛାତ୍ରୀଙ୍କ ହସ, କଥାବାର୍ତ୍ତା ଓ ଚଳଚଞ୍ଚଳତାରେ ଭରି ରହୁଥିବା ସେହି କ୍ୟାମ୍ପସ୍ ଏବେ ଅଜଣା ଶାନ୍ତିରେ ବୁଡିଥିଲା। ହଷ୍ଟେଲ୍‌ର ଝରକାଗୁଡ଼ିକ ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଯାଉଥିଲା। କିନ୍ତୁ ଆରାଧାର ଆଖିରେ ନିଦ ନଥିଲା। ସେ ବାରମ୍ବାର ନିଜ ଫୋନ୍‌ର ସ୍କ୍ରିନ୍‌କୁ ଚାହୁଁଥିଲା। ଆଦିତ୍ୟଠାରୁ ଗତ ତିନି ଘଣ୍ଟା ହେଲା କୌଣସି ମେସେଜ୍ ଆସିନଥିଲା। ସନ୍ଧ୍ୟାରେ ସେ ତାକୁ କେବଳ ଏତିକି କହିଥିଲା ''ଆଜି ରାତିରେ ତୋତେ ଗୋଟିଏ ଜରୁରୀ କଥା କହିବାର ଅଛି। ଘଣ୍ଟାଘର ପାଖକୁ ଆସିବୁ।'' ସେହି କଥାଟି ଆରାଧାର ମନରେ ଅଜଣା ଭୟ ସୃଷ୍ଟି କରିଥିଲା।



କିଛି ସମୟ ପରେ ଆରାଧା ଚୁପ୍‌ଚାପ୍ ହଷ୍ଟେଲ୍‌ରୁ ବାହାରିଲା। ହାତରେ ଛୋଟ ଟର୍ଚ୍ଚ ଓ ମୋବାଇଲ୍ ଥିଲା। ଆକାଶରେ ମେଘ ଥିଲା, ଚନ୍ଦ୍ର କେବେ ଦେଖାଯାଉଥିଲା ତ କେବେ ମେଘ ପଛରେ ଲୁଚିଯାଉଥିଲା। ଗଛର ପତ୍ରଗୁଡ଼ିକ ପବନରେ ହଲୁଥିଲେ ମଧ୍ୟ ତା'ର ଶବ୍ଦ ଏହି ନୀରବତା ଭିତରେ ଅତ୍ୟନ୍ତ ଭୟଙ୍କର ଲାଗୁଥିଲା। ଆରାଧା ଧୀରେ ଧୀରେ ଘଣ୍ଟାଘର ଆଡ଼କୁ ଚାଲିଲା। ହଠାତ୍ ତା' ପଛରୁ କାହାରୋ ପାଦଚାଲି ଭଳି ଶବ୍ଦ ଶୁଣାଗଲା। ସେ ଅଟକିଗଲା। ଶବ୍ଦଟି ମଧ୍ୟ ବନ୍ଦ ହୋଇଗଲା। ସେ ପଛକୁ ଫେରି ଚାହିଁଲା, କିନ୍ତୁ ରାସ୍ତାରେ କେହି ନଥିଲା। ନିଜକୁ ବୁଝାଇଲା ଯେ ହୁଏତ ପବନରେ ଗଛର ଡାଳ ଘଷା ହୋଇ ଏମିତି ଶବ୍ଦ ହୋଇଥିବ।

ଘଣ୍ଟାଘର ପାଖରେ ପହଞ୍ଚି ଆରାଧା ଦେଖିଲା ଆଦିତ୍ୟ ସେଠାରେ ନଥିଲା। ସେ ଫୋନ୍ କଲା। ରିଙ୍ଗ୍ ହେଉଥିଲା, କିନ୍ତୁ କେହି ଫୋନ୍ ଉଠାଉନଥିଲେ। ପୁଣି ଥରେ କଲା। ଏଥର ଫୋନ୍‌ଟି ସ୍ୱିଚ୍ ଅଫ୍ ହୋଇଗଲା। ଆରାଧାର ହୃଦୟ ଜୋରରେ ଧଡ଼ଧଡ଼ କରିବାକୁ ଲାଗିଲା। ହଠାତ୍ ତା' ଆଖି ଘଣ୍ଟାଘରର ପୁରୁଣା ଦୁଆର ଉପରେ ପଡ଼ିଲା। ଦୁଆରଟି ଅଧା ଖୋଲା ଥିଲା। ଭିତରୁ ହାଲୁକା ଆଲୋକ ଆସୁଥିଲା। ଆଦିତ୍ୟ ଭିତରେ ଥାଇପାରେ ଭାବି ସେ ଦୁଆର ଖୋଲି ଭିତରକୁ ପଶିଗଲା। ଭିତରେ ଧୂଳି, ପୁରୁଣା କାଠ ଓ ଭଙ୍ଗା ଘଡ଼ିର ଯନ୍ତ୍ରପାତି ଛଡ଼ା କିଛି ନଥିଲା। କିନ୍ତୁ ଗୋଟିଏ ଟେବୁଲ୍ ଉପରେ ଜଳୁଥିବା ଲଣ୍ଠନ ଦେଖି ଆରାଧା ଆଶ୍ଚର୍ଯ୍ୟ ହୋଇଗଲା।

ଲଣ୍ଠନ ପାଖରେ ଥିଲା ଗୋଟିଏ ଛୋଟ ଚିଠି। ଚିଠି ଉପରେ ଆରାଧାର ନାମ ଲେଖାଥିଲା। ତା'ର ହାତ କମ୍ପିବାକୁ ଲାଗିଲା। ସେ ଚିଠିଟି ଖୋଲିଲା। ଭିତରେ ମାତ୍ର ଗୋଟିଏ ଧାଡ଼ି ଲେଖାଥିଲା ''ଆଦିତ୍ୟକୁ ଖୋଜିବା ପୂର୍ବରୁ ନିଜ ଅତୀତକୁ ଖୋଜ।'' ତଳେ ଥିଲା ସେହି ପୁରୁଣା ଚିହ୍ନ, ଯାହାକୁ ଆରାଧା କିଛି ଦିନ ପୂର୍ବରୁ ପୁରୁଣା ଫଟୋରେ ଦେଖିଥିଲା। ଚିଠିଟି ପଢ଼ି ତା' ମୁଣ୍ଡରେ ଅନେକ ପ୍ରଶ୍ନ ଘୁରିବାକୁ ଲାଗିଲା। ଆଦିତ୍ୟ କେଉଁଠି ଗଲା ? ତା'କୁ ଏହି ଚିଠି କିଏ ଦେଲା ? ଆଉ ତା'ର ଅତୀତରେ ଏମିତି କ'ଣ ଅଛି, ଯାହାକୁ ସେ ନିଜେ ମଧ୍ୟ ଜାଣେନାହିଁ ?

ସେତିକିବେଳେ ଘଣ୍ଟାଘରର ଉପର ମହଲାରୁ ଭାରୀ କିଛି ପଡ଼ିବାର ଶବ୍ଦ ହେଲା। ଆରାଧା ଭୟରେ ଚମକିଉଠିଲା। ସେ ଟର୍ଚ୍ଚ ଜଳାଇ ସିଡ଼ି ଆଡ଼କୁ ଚାହିଁଲା। ସିଡ଼ିଗୁଡ଼ିକ ଅନ୍ଧାରରେ ହଜିଯାଇଥିଲା। କିନ୍ତୁ ଉପରୁ ହାଲୁକା ପାଦଚାଲିର ଶବ୍ଦ ଆସୁଥିଲା। ଆରାଧାର ମନ କହୁଥିଲା ସେଠାରୁ ଚାଲିଯିବାକୁ, କିନ୍ତୁ ଆଦିତ୍ୟର କଥା ମନେ ପଡ଼ିବାରୁ ସେ ଧୀରେ ଧୀରେ ସିଡ଼ି ଚଢ଼ିଲା। ଉପରେ ପହଞ୍ଚିବା ପରେ ଏକ ଲମ୍ବା କରିଡର ଦେଖାଗଲା। କରିଡରର ଶେଷରେ ଗୋଟିଏ ଦୁଆର ଥିଲା। ଦୁଆର ତଳୁ ଆଲୋକ ବାହାରୁଥିଲା।

ଆରାଧା ଦୁଆର ନିକଟକୁ ଯାଇ କାନ ଲଗାଇଲା। ଭିତରୁ ଦୁଇଜଣ ଲୋକଙ୍କ କଥାବାର୍ତ୍ତା ଶୁଣାଗଲା। ଜଣେ କହୁଥିଲା, ''ସେ ଝିଅଟି ଯଦି ସତ୍ୟ ଜାଣିଯାଏ, ତେବେ ସବୁକିଛି ଶେଷ ହୋଇଯିବ।'' ଆଉ ଜଣେ କହିଲା, ''ଆଦିତ୍ୟ ମଧ୍ୟ ଅଧିକ ଖୋଜାଖୋଜି କରୁଛି। ତାକୁ ଅଟକାଇବାକୁ ପଡ଼ିବ।'' ଆରାଧାର ଆଖି ବଡ଼ ହୋଇଗଲା। ସେମାନେ ତା' ବିଷୟରେ ଓ ଆଦିତ୍ୟ ବିଷୟରେ କଥା ହେଉଥିଲେ। ସେ ଆଉ କିଛି ଶୁଣିବାକୁ ଚାହୁଁଥିଲା, କିନ୍ତୁ ହଠାତ୍ ତା' ପଛରେ ଥିବା କାଠର ଫ୍ଲୋର୍‌ରୁ ଶବ୍ଦ ହେଲା। ଭିତରେ ଥିବା ଦୁଇଜଣ ଚୁପ୍ ହୋଇଗଲେ।

ଆରାଧା ତୁରନ୍ତ ପାଖରେ ଥିବା ଏକ ଅନ୍ଧାର କୋଣରେ ଲୁଚିଗଲା। କିଛି ସେକେଣ୍ଡ ପରେ ଦୁଆର ଖୋଲିଲା। ଦୁଇଜଣ ଲୋକ ବାହାରକୁ ଆସି ଚାରିଆଡ଼େ ଚାହିଁଲେ। ସେମାନଙ୍କ ମଧ୍ୟରୁ ଜଣକୁ ଆରାଧା ଚିହ୍ନିପାରିଲାସେ ଥିଲେ କଲେଜର ପୁରୁଣା ପ୍ରଶାସନିକ କର୍ମଚାରୀ। ଦୁଇଜଣ ତଳକୁ ଚାଲିଯିବା ପରେ ଆରାଧା ଧୀରେ ଧୀରେ ସେହି କୋଠରୀ ଭିତରକୁ ପଶିଲା। ଟେବୁଲ୍ ଉପରେ ଥିଲା ଅନେକ ପୁରୁଣା ଫାଇଲ୍। ଗୋଟିଏ ଫାଇଲ୍ ଉପରେ ଲେଖାଥିଲା ''ଅର୍ଣ୍ଣବ ନିଖୋଜ ଘଟଣା।'' ଆଉ ଗୋଟିଏ ଫାଇଲ୍ ଉପରେ ଥିଲା ''ଆରାଧା ବ୍ୟକ୍ତିଗତ ରେକର୍ଡ।''

ଆରାଧା ନିଜ ନାମ ଦେଖି ଭୟରେ ପଛକୁ ହଟିଗଲା। ସେ ଧୀରେ ଫାଇଲ୍‌ଟି ଖୋଲିଲା। ଭିତରେ ଥିଲା ତା'ର ଜନ୍ମ ସମ୍ପର୍କିତ କିଛି ପୁରୁଣା କାଗଜ, ଶିଶୁବେଳର ଫଟୋ ଓ ଏକ ହସ୍ପିଟାଲ୍ ରେକର୍ଡ। ସବୁଠାରୁ ତଳେ ଥିବା ଏକ କାଗଜରେ ଲେଖାଥିଲା ''ଶିଶୁକୁ ତୁରନ୍ତ ଅନ୍ୟ ପରିବାରକୁ ଦିଆଯିବ। ତା'ର ପ୍ରକୃତ ପରିଚୟ ଗୋପନ ରଖାଯିବ।'' ଆରାଧାର ହାତ ଥରିବାକୁ ଲାଗିଲା। ସେ ନିଜ ଜନ୍ମ ବିଷୟରେ ଏପର୍ଯ୍ୟନ୍ତ ଯାହା ଜାଣିଥିଲା, ସବୁକିଛି ମିଛ ଥିଲା କି ?

ସେ ଆଉ ଏକ ପୃଷ୍ଠା ଓଲଟାଇଲା। ସେଠାରେ ଥିଲା ଗୋଟିଏ ଫଟୋ। ଫଟୋରେ ଥିଲା ଛୋଟ ଆରାଧା, ତା' ପାଖରେ ଜଣେ ଯୁବକ ଓ ଆଉ ଜଣେ ମହିଳା। ଫଟୋର ପଛପଟେ ଲେଖାଥିଲା ''ଶେଷଥର ପାଇଁ ଏକାଠି।'' ଆରାଧାର ଆଖିରେ ଲୁହ ଆସିଗଲା। ସେ ଫଟୋରେ ଥିବା ଯୁବକକୁ ଭଲଭାବରେ ଚାହିଁଲା। ସେହି ମୁହଁଟି ଆଦିତ୍ୟ ସହିତ ଅଦ୍ଭୁତ ଭାବରେ ମିଶିଥିଲା। ତା'ର ହୃଦୟରେ ହଠାତ୍ ଏକ ଭୟଙ୍କର ସନ୍ଦେହ ଜନ୍ମ ନେଲା।

ସେତିକିବେଳେ ତଳ ମହଲାରୁ ଆଦିତ୍ୟର କଣ୍ଠସ୍ୱର ଶୁଣାଗଲା ''ଆରାଧା !'' ସେ ତୁରନ୍ତ ଫାଇଲ୍‌ଟି ବନ୍ଦ କରି ସିଡ଼ି ଆଡ଼କୁ ଦୌଡ଼ିଲା। ତଳେ ଆଦିତ୍ୟ ଠିଆ ହୋଇଥିଲା। ତା' ମୁହଁରେ ଚିନ୍ତା ସ୍ପଷ୍ଟ ଥିଲା। ''ତୁ ଏଠାକୁ କାହିଁକି ଆସିଲୁ ? ମୁଁ ତୋତେ କହିଥିଲି ଏକୁଟିଆ ଆସିବୁ ନାହିଁ।'' ଆରାଧା କିଛି କହିଲା ନାହିଁ। ସେ କେବଳ ତା' ମୁହଁକୁ ଚାହିଁ ରହିଲା। ଆଦିତ୍ୟ ପଚାରିଲା, ''କ'ଣ ହେଲା ?'' ଆରାଧା ଫାଇଲ୍‌ଟି ତା' ସାମ୍ନାରେ ଧରି କହିଲା, ''ମୋତେ ସତ୍ୟ କୁହ... ତୁ ମୋ ବିଷୟରେ ଆଗରୁ କିଛି ଜାଣୁଥିଲୁ କି ?''

ଆଦିତ୍ୟର ମୁହଁ ହଠାତ୍ ଗମ୍ଭୀର ହୋଇଗଲା। ସେ କିଛି ସମୟ ଚୁପ୍ ରହି କହିଲା, ''ହଁ।'' ଆରାଧାର ଆଖିରୁ ଲୁହ ଗଡ଼ିଆସିଲା। ''ତାହେଲେ ତୁ ମୋତେ ଏତେଦିନ ଧରି କାହିଁକି କିଛି କହିନଥିଲୁ ?'' ଆଦିତ୍ୟ ଧୀରେ କହିଲା, ''କାରଣ ମୁଁ ନିଶ୍ଚିତ ନଥିଲି। ମୋ ଭାଇ ଅର୍ଣ୍ଣବ ନିଖୋଜ ହେବା ପୂର୍ବରୁ ତୁମ ପରିବାର ସହିତ ତା'ର ସମ୍ପର୍କ ଥିଲା। ମୋତେ ଲାଗୁଥିଲା ତୁମେ ହୁଏତ ସେହି ରହସ୍ୟର ଏକ ଅଂଶ।'' ଆରାଧା କମ୍ପିତ



ସନ୍ତୋଷ ମଲ୍ଲିକ୍
ନିଆଳି କଟକ

ସ୍ୱରରେ ପଚାରିଲା, ''ଆଉ ଏବେ ?'' ଆଦିତ୍ୟ ତା' ଆଖିକୁ ଚାହିଁ କହିଲା, ''ଏବେ ମୋତେ ଲାଗୁଛି ତୁମେ ଏହି ରହସ୍ୟର ଅଂଶ ନୁହଁ... ତୁମେ ହେଉଛ ଏହାର ସବୁଠାରୁ ବଡ଼ ଚାବି।''

ଆରାଧାର ଆଖିରେ ଲୁହ ଥିଲା, କିନ୍ତୁ ତା' ମନରେ ଆଦିତ୍ୟ ପାଇଁ ଥିବା ବିଶ୍ୱାସ ଆହୁରି ଗଭୀର ହୋଇଗଲା। ସେ ଧୀରେ କହିଲା, ''ମୁଁ ମୋ ଅତୀତ ଜାଣେନି। କିନ୍ତୁ ତୁମେ ଯଦି ମୋ ସହିତ ରହିବ, ମୁଁ ସତ୍ୟ ଖୋଜିବାକୁ ଡରିବି ନାହିଁ।'' ଆଦିତ୍ୟ କିଛି କହିଲା ନାହିଁ। କେବଳ ତା' ହାତଟି ଧରିଲା। ସେହି ନୀରବ ରାତିରେ ଦୁଇଟି ହୃଦୟ ମଧ୍ୟରେ ଏକ ନୂଆ ବିଶ୍ୱାସ ଜନ୍ମ ନେଲା। ଦୁହେଁ ଜାଣିନଥିଲେ ଆଗକୁ କ'ଣ ହେବ, କିନ୍ତୁ ଏଥର ସେମାନେ ଏକା ନଥିଲେ।

ଘଣ୍ଟାଘରରୁ ବାହାରିବା ପୂର୍ବରୁ ଆଦିତ୍ୟ ହଠାତ୍ ଅଟକିଗଲା। ସେ ଭୂମିରେ ପଡ଼ିଥିବା ଗୋଟିଏ ଛୋଟ ଧାତୁର ଲକେଟ୍ ଉଠାଇଲା। ଲକେଟ୍ ଭିତରେ ଥିଲା ଦୁଇଟି ଛୋଟ ଫଟୋ। ଗୋଟିଏ ଥିଲା ଅର୍ଣ୍ଣବର ଏବଂ ଅନ୍ୟଟି ଥିଲା ଛୋଟ ଆରାଧାର। ଦୁଇଟି ଫଟୋ ପଛରେ ଏକେ ତାରିଖ ଲେଖାଥିଲା। ଆଦିତ୍ୟ ଚମକି କହିଲା, ''ଏହି ତାରିଖ... ଅର୍ଣ୍ଣବ ନିଖୋଜ ହେବାର ଦିନ।'' ଆରାଧା ନିର୍ବାକ ହୋଇଗଲା। ହଠାତ୍ ଲକେଟ୍‌ର ଭିତରୁ ଗୋଟିଏ ଛୋଟ କାଗଜ ଖସିପଡ଼ିଲା। ତା'ରେ ଲେଖାଥିଲା ''ଦୁହେଁ ଭାଇଭଉଣୀ ନୁହଁ... କିନ୍ତୁ ସେମାନଙ୍କ ଭାଗ୍ୟ ଏକ।''

ଆରାଧା କାଗଜଟି ପଢ଼ି ଆଦିତ୍ୟ ଆଡ଼କୁ ଚାହିଁଲା। ଦୁହେଁ କିଛି ବୁଝିପାରୁନଥିଲେ। ହଠାତ୍ ଘଣ୍ଟାଘରର ବଡ଼ ଘଣ୍ଟି ରାତି ବାରଟା ବଜାଇଲା। ଢଙ୍ଗ... ଢଙ୍ଗ... ଢଙ୍ଗ... ପ୍ରତ୍ୟେକ ଶବ୍ଦ ଯେମିତି ସେହି ରହସ୍ୟର ଆଉ ଗୋଟିଏ ପରଦା ହଟାଉଥିଲା। ଦୁହେଁ ବାହାରକୁ ଆସିବାବେଳେ ଆରାଧା ହଠାତ୍ ପଛକୁ ଚାହିଁଲା। ଘଣ୍ଟାଘରର ଉପର ଝରକାରେ ଜଣେ ଲୋକ ଠିଆ ହୋଇ ସେମାନଙ୍କୁ ଦେଖୁଥିଲା। ଆରାଧା ଆଦିତ୍ୟକୁ ଦେଖାଇବା ପୂର୍ବରୁ ଝରକାଟି ଖାଲି ହୋଇଗଲା।

ସେମାନେ ହଷ୍ଟେଲ୍ ଆଡ଼କୁ ଫେରୁଥିଲେ। ଆଦିତ୍ୟ ଆରାଧାକୁ କହିଲା, ''ଆଜି ଯାହା ଘଟିଲା, କାହାକୁ କହିବୁ ନାହିଁ। ଆସନ୍ତାକାଲି ଆମେ ସହରର ପୁରୁଣା ରେକର୍ଡ ଅଫିସ୍କୁ ଯିବା। ସେଠାରେ ହୁଏତ ତୁମ ଜନ୍ମର ସତ୍ୟ ମିଳିପାରେ।'' ଆରାଧା ମୁଣ୍ଡ ହଲାଇଲା। କିନ୍ତୁ ତା'ର ମନରେ ଆଉ ଗୋଟିଏ ପ୍ରଶ୍ନ ଥିଲାଯଦି ତା'ର ଅତୀତ ସହିତ ଅର୍ଣ୍ଣବର ସମ୍ପର୍କ ଅଛି, ତେବେ ଆଦିତ୍ୟର ଜୀବନରେ ତା'ର ଆଗମନ କେବଳ ସଂଯୋଗ ଥିଲା କି ? ନା ଏହା ସବୁ ପୂର୍ବରୁ ଲେଖାଯାଇଥିବା ଏକ ନିୟତି ?

ହଷ୍ଟେଲ୍ ଗେଟ୍ ପାଖରେ ପହଞ୍ଚି ଆଦିତ୍ୟ ହଠାତ୍ କହିଲା, ''ଆରାଧା, ଗୋଟିଏ କଥା...'' ସେ ଅଟକିଗଲା। ଆରାଧା ପଚାରିଲା, ''କ'ଣ ?'' ଆଦିତ୍ୟ ତା' ଆଖିକୁ ଚାହିଁ କହିଲା, ''ତୁମେ ଯେତେବେଳେ କହିଲୁ ମୁଁ ତୁମ ସହିତ ରହିଲେ ତୁମେ ଡରିବୁ ନାହିଁ... ସେହି କଥାଟା ମୋ ପାଇଁ ବହୁତ ବଡ଼ କଥା।'' ଆରାଧା ହସିଲା। କିନ୍ତୁ ସେହି ହସ ଭିତରେ ଅନେକ ଅକୁହା ଭାବନା ଲୁଚିଥିଲା। ଦୁହେଁ ପରସ୍ପରକୁ ଶୁଭରାତ୍ରି କହି ଅଲଗା ହେଲେ। କିନ୍ତୁ ଦୁହେଁ ଜାଣିନଥିଲେସେହି ରାତି ସେମାନଙ୍କ ଜୀବନର ଶେଷ ଶାନ୍ତ ରାତି ଥିଲା।

ଆରାଧା ରୁମ୍‌କୁ ଫେରି ଫୋନ୍ ଖୋଲିଲା। ତା' ଫୋନ୍‌ରେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା।

''ତୁମେ ଯାହା ଖୋଜୁଛ, ସେହି ସତ୍ୟ ତୁମଠାରୁ ମାତ୍ର ଗୋଟିଏ ରାତି ଦୂରରେ। କିନ୍ତୁ ଆଦିତ୍ୟକୁ ବିଶ୍ୱାସ କରନି... ସେ ତୁମକୁ ଯାହା କହିଛି, ସେ ସବୁ ସତ୍ୟ ନୁହେଁ।'' ମେସେଜ୍‌ଟି ପଢ଼ି ଆରାଧାର ମୁହଁ ଫିକା ପଡ଼ିଗଲା। ସେ ଧୀରେ ଝରକା ଖୋଲି ବାହାରକୁ ଚାହିଁଲା। ଦୂରରେ ଘଣ୍ଟାଘରର ଉପରେ ଜଣେ ଛାୟା ଠିଆ ହୋଇଥିଲା। ଆଉ ସେହି ଛାୟାର ହାତରେ ଥିଲା... ଆରାଧାର ଶିଶୁବେଳର ସେହି ଫଟୋ।

''ନୀରବ ରାତି'' ଏଠାରେ ଶେଷ... କିନ୍ତୁ ରହସ୍ୟ ଏବେ ଆରମ୍ଭ ହେଲା।

ପରବର୍ତ୍ତୀ ଅଧ୍ୟାୟରେ: ଆଦିତ୍ୟ କ'ଣ ସତରେ ଆରାଧାଠାରୁ କିଛି ଲୁଚାଉଛି ? ଅର୍ଣ୍ଣବ ଓ ଆରାଧାର ଅତୀତ ମଧ୍ୟରେ କ'ଣ ସମ୍ପର୍କ ? ଆଉ ସେହି ଅଜଣା ଛାୟା କିଏ ?

ମିଛେଇ ବୋଉ !



ଅଭିମନ୍ୟୁ ଧଳ
ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୯୮୬୧୦୪୮୦୫୨

ତୁ ବଂଚିଥିବା ବେଳେ କହୁଥିଲି ''ମିଛେଇ ବୋଉ''। ମୋ ପାଟିରୁ ଏହି କଥା ପଦକ ଶୁଣି ତୁ ମୁରୁକି ହସିଦେଉ। ସତେ ଯେପରି ତୁ ସାରା ଦୁନିଆକୁ ଜିତିଯାଇଛୁ। ତୋ ପାଦୁକାର ପବିତ୍ର ଜଳ ପାଇବାବଳେ ତୋ କଥା ବେଶୀ ମନେପଡେ। ପ୍ରତିଦିନ ଗାଧୋଇସାରି ଠାକୁର ପୂଜା କରିବା ପୂର୍ବରୁ ତୋ ପାଦୁକା ପାଇବା ବେଳେ ବେଶୀ ତୋ କଥା ମନେପଡ଼େ। ତୋ ବୋହୂ ବି ପାଏ। ତୋ ଶ୍ୟାମଳୀ ବୋହୂ ! ମୁଁ ଗୋରା ବୋଲି ଗୋରୀ ବୋହୂଟିଏ କରିବା ପାଇଁ ତୋର ଭାରି ଇଚ୍ଛା ଥିଲା। ଯେଉଥିପାଇଁ ଏମିତି କେତେ ପ୍ରସ୍ତାବ ଭାଙ୍ଗିଛି। ଶେଷ ପ୍ରସ୍ତାବରେ ଯେଉଦିନ ଆମଘରୁ ବୋହୂ ଦେଖିବାକୁ ଗଲେ, ସେ ଦିନ ଦାଣ୍ଡ ଦୁଆରରେ ଗୋଟେ ଗୁଆ ପୋତିଦେଲୁ, କାମ ସଫଳ ହେବା ପାଇଁ। ଯେତବଳେ ଶୁଣିଲୁ ଝିଅଟି ଶ୍ୟାମଳୀ ବୋଲି, ପୁଣି ଯାଇ ଗୁଆଟି ଖୋଳିଦେଇ କହିଲୁ, ''ସେ ବାହାଘର ହେବନି''। ଗୁଡେଇ ତୁଡେଇ ହୋଇ ସେଇ ଶ୍ୟାମଳୀ ଝିଅଟି ପାଇଁ ବାହାଘର ସ୍ଥିର ହେଲା ଓ ହେଲା ମଧ୍ୟ। ମୋତେ ଦେଇଥିବା କଥା ମିଛ ହେଲା। ''କଣରେ, ଗୋରାରୁ ମିଳିବ ? ଦେଖିବାକୁ ସୁନ୍ଦର କଲୁରେଇ ଫୁଲ''। ବୋଉ ! ତୁ ଏକାକୀ ମିଛେଇ ନୁହେଁ, ଦୁନିଆଁରେ ସବୁ ବୋଉ ମିଛେଇ। ମୋର ସିନା ଶୈଶବ କଥା ମନେ ନାହିଁ, ତୋର ଥିଲା ନା ! ଖାଇବାବଳେ ନଖାଇ କାନ୍ଦିବାବଳେ କାଉକୁ ଦେଖାଇ କହୁ,''ଆରେ କାଉ, ମୋ ଧନପାଖକୁ ଆ...!!!'' ଖାଇବା ଲୋଭରେ କାଉ ଡେଇଁ ଡେଇଁ ଖାଇବା ପାଖକୁ ଆସେ। ମୋ ଖାଇବାରୁ ଟିକିଏ ପକାଇଲେ ସେ ଟକ୍ ଟକ୍ କରି ଖାଇଦିଏ। ''କାଉ ଖାଇଲାଣି, ନେ ଖାଇଦେ...'' କାଉ ଖାଇବା ଦେଖି ମୁଁ ଖାଇଦିଏ। କହିଲୁ ବୋଉ, ସତରେ କ'ଣ କାଉ ପାଖକୁ ଆସି ଧରାଦିଏ ? ଜହ୍ନରାତିରେ ଜହ୍ନକୁ ଦେଖାଇ କହୁ, ''ଆ.. ଜହ୍ନମାମୁଁ ସରଗ ଶଶୀ, ମୋ ଧନ ହାତରେ ପଡ଼ରେ ଖସି...'' ମୁଁ ମଧ୍ୟ ବିହ୍ୱଳ ହୋଇ ଜହ୍ନମାମୁଁ ଆଡକୁ ହାତ ବଢେଇ ଡାକେ ଆ...! ଆ...! ମୁଁ ତାହାରି ଭିତରେ ଖାଇଦେଇଥାଏ। ସତରେ କ'ଣ ଜହ୍ନମାମୁଁ ମୋ ହାତରେ ଓହ୍ଲେଇପଡ଼େ ? ମୁଁ ପାଠ ପଢିବାବଳେ ବିଜ୍ଞାନ ବହିରୁ ଜାଣିଲି, ଜହ୍ନମାମୁଁ ପୃଥିବୀର ଏକମାତ୍ର ଉପଗ୍ରହ। ସବୁ ବୋଉମାନେ ମିଛେଇ ନୁହନ୍ତି କି !

ମୁଁ ବଡ଼ ହେବା ବେଳକୁ ମୋର ସବୁ ଅଳି ଅର୍ଦ୍ଦଳି କୁ ସହି ତୋର ମମତାପଣିଆ ଦେଖାଉ। ଟିକିଏ ବଡ଼ ହେଲେ ବାଘ, ବିଲୁଆ, ଭୂତକଥା କହି ଖୋଇଦିଏ। ସତରେ କ'ଣ ବାଘ, ବିଲୁଆ, ଆସନ୍ତି ନା ଭୂତ ଆସେ ! ରାତିରେ ଭଲ ତରକାରୀ ହୋଇନଥିଲେ ନ ଖାଇବାକୁ ଜିଦ୍ କରେ। ତୁ କୋଳରେ ବସେଇ ଭାତ ଡାଲି ଗୋଳେଇ ଥାଳିରେ ଛୋଟ ଛୋଟ ଭାଗ କରି ଦେଇ କହୁ, ଏଇଟା ମୋର ଆଉ ମୁଁ ଖୁସିରେ ଖାଇଦିଏ। ଏଇଟା ବାପାଙ୍କର, ଏଇଟା ଭାଇର, ଏଇଟା କାଳିଆ ବଳଦର। ତାଙ୍କ ମୁହଁ ଆଖି ଆଗରେ ଖେଳିଯିବାରୁ, ଆନନ୍ଦରେ ଖାଇଦିଏ। ଶେଷ ଭାଗଟା ସାନଭାଇର କହିବାରୁ ମୁଁ ତା ଭାଗଟା ନ ଖାଇବାକୁ ଜିଦ୍ କରେ। ଚଗଲା ହେଲେ ଚାପୁଡାଟାଏ ପକେଇଲେ ମୋ ବହିଖାତା ଚିରିଦେବ। ସାନଟା ଏକଜିଦିଆ ତୁ କ'ଣ ଜାଣିନୁ ! ସେ ଖାଇଲାବଳେ ଜଣଜଣଙ୍କ କଥା ପଚାରେ ଏମାନେ ଖାଇସାରିଲେଣି। ତାରି ପ୍ରତି ଦୟା ଆସେ, ତା ଭାଗଟା ଖାଇଦିଏ। କହିଲୁ ବୋଉ, ଇଏ ତୋର ବାହାନା ନୁହେଁ କି ?

ଆମ ତିନି ଭାଇ ଓ ସାନ ଭଉଣୀଙ୍କୁ ମନେଇବା ପାଇଁ କେତେ ବାହାନା କରି, ମିଛ କହି, ମନ ଜିଣିଛୁ। ତୁ ଯେଉଦିନ ଆରପୁରକୁ ଯିବୁ, ସେଦିନ ଭଲ ବାର୍ତ୍ତା କଲୁ। ରାତି ଆଠଟାରେ କହିଲୁ, 'ଆରେ ସମସ୍ତେ ଖାଇନିଅ'। ଆମେ ଭୟରେ ପଚାରିଲୁ, ''ବୋଉ ! ତୋର ଦେହ କ'ଣ ଖରାପ ଲାଗୁଛି କି'' ତୁ ବାରମ୍ବାର କହିଲୁ, ମୋ ପାଇଁ ଡରୁଛ କି ? ମୁଁ କ'ଣ ଏବେ ମରୁଛି ନା କ'ଣ ? ଶହେ ଟପିବି''। ଆମେ ଖାଇସାରିବା ପରେ ତୁ ଗାଢ ନିଦରେ ଶୋଇଗଲୁ ଯେ ଯେତେ ଡାକିଲେ ବି ଆଖିପତା ଖୋଲିଲୁ ନାହିଁ କିମ୍ବା ଉ ବୋଲି ଜବାବ୍ ଦେଲୁନାହିଁ। ୨୦ ମିନିଟ୍‌ପରେ ତୁ ଆରପାରିକୁ ଚାଲିଗଲୁ। ଶେଷବେଳକୁ ବି ତୁ ମିଛ କହିଲୁ ନା ବୋଉ ! ଆମେ କାଳେ ଡରିଯିବୁ ବୋଲି ନା ! ୧୦୦ରେ ଯିବାକୁ କହି ୯୮ରେ ଚାଲିଗଲୁ। ତୁ ତାରା ହୋଇଗଲୁ। ସବୁ ବୋଉ ପରି ତୁ ମଧ୍ୟ ମାମୁଁ ସାଙ୍ଗରେ ବୋଧେ ରାଗରେ କଥା ହେବା ବନ୍ଦ କରିଦେଲୁ। ମାମୁଁ ଆକାଶରେ ପନ୍ଦରଦିନ ଦେଖାଦଲେ ତମେ ସବୁ ବୋଉମାନେ ନଥାଅ। ତମେସବୁ ଆସିଗଲେ ମାମୁଁଙ୍କ ଦେଖାମିଳେନା। ଆକାଶରେ ତୁମର ଛୁଆବେଳର ଲୁଚକାଳି ଖେଳ ବୋଧେ ଚାଲେ।

ତୁ ତ ନିଜେ ଦେଖୁଛୁ, ତୋର ବୋହୂମାନେ 'ମିଛେଇ ବୋଉ'ର ଖୋଳପା ପିନ୍ଧି ନାତି ନାତୁଣୀଙ୍କ ମନ ନେବାପାଇଁ କେତେ ମିଛ କଥା କହି ପିଲାଙ୍କ ମନରେ ଆନନ୍ଦ ଓ ଆଶା ଭରିଦିଅନ୍ତି। ସତରେ ବୋଉ ! ଈଶ୍ୱର ତମଭଳି ବୋଉମାନଙ୍କୁ ସ୍ନେହ, ମମତା, ପ୍ରେମର ପ୍ରଲେପ ଲଗାଇ ସୃଷ୍ଟି କରିଛି। ନିଜ ପିଲାଙ୍କୁ ଭଲ ପାଇବା ପରି ଅନ୍ୟର ପିଲାଙ୍କୁ ଭଲପାଇବା ଗୁଣ କେତେଜଣ ପୁରୁଷଙ୍କର ଅଛି। ମାଉସୀ ଡାକଟିଏ ପାଇଲେ, ସବୁ ବୋଉ ବାଳୟ ମମତାରେ ଉଦବେଳିତ ହୋଇଉଠନ୍ତି।

ଏବେ ତୋ ନାତୁଣୀ ବୋହୂମାନେ ତାଙ୍କ ପିଲାଙ୍କୁ ମିଛ କହି କାଉ, କୁକୁର, ଭୂତ ପ୍ରେତ, ବାଘ, ଏପରିକି ଜହ୍ନମାମୁଁ ଆଡେ ହାତ ବଢାଇ କହୁନାହାନ୍ତି, ''ଆ... ଜହ୍ନମାମୁଁ ସରଗ ଶଶୀ,.. ମୋ ଧନ ହାତରେ ପଡ଼ରେ ଖସି...'' କାଉକୁ ଦେଖାଇ କହୁନାହାନ୍ତି, ''ଡାମରା କାଉରେ ଡାମରା କାଉ... ଉଚ ପରବତେ ବୋବାଉ ଥାଉ...''

କୋଳରେ ଶୁଆଇ ଦେଇ ଅବା ବସାଇ ଦେଇ ମୋବାଇଲ୍ ଲଗାଇଦେଇ ଚିତ୍ର ସହିତ ଗୀତ ଶୁଣାଇଲେ ସେଆଡ଼େ ପିଲାଙ୍କ ମନ ଚାଲିଗଲେ ଫଟାଫଟ୍ ବଳାଇ ଦେଉଛନ୍ତି। ପିଲା ନା ଖାଦ୍ୟର ସ୍ୱାଦ ଜାଣୁଛି ନା ମା' କଣ୍ଠର ମନମତାଣିଆ ଗୀତ ଶୁଣିପାରୁଛି। ଏହାର ପରିଣତି ଏବକାର ବାପାମା' ଛୋଟପିଲାଙ୍କ ହାତରେ ମୋବାଇଲ୍ ଧରାଇଦେଇ ସେମାନେ ନିଶ୍ଚିତରେ ରହୁଛନ୍ତି। ସେମାନଙ୍କ ମତରେ ଜହ୍ନମାମୁଁ, ସେ ତ ପୃଥିବୀର ଗୋଟିଏ ଉପଗ୍ରହ। ଭୂତପ୍ରେତ ଭଳି କାଳ୍ପନିକ କଥା କହି ଭୟ ସୃଷ୍ଟି କରିବାରେ ପିଲାଙ୍କ ପାଇଁ କ୍ଷତି। ସେମାନେ ଟିଭିରେ ଯେଉ ପ୍ୟାକ୍ ପକାନ୍ତି, ପିଲା ଏହାକୁ ଦେଖି ସେଥିରେ ହଜିଯିବେ, ଏହା ପିଲାଙ୍କ ପାଇଁ କ୍ଷତିକାରକ ଓ ଯାହା ଦେଖନ୍ତି ତାହା କଳ୍ପନାପ୍ରସୂତ। ଯେତେ ନିଜକୁ ମିଛେଇ ବୋଉରୁ ଅଲଗା ହେବା ପାଇଁ ଚେଷ୍ଟା କଲେ ମଧ୍ୟ ପରୋକ୍ଷରେ ସେଇ 'ମିଛେଇ ବୋଉ' ହୋଇଯାନ୍ତି।

ବୋଉଙ୍କର ଦେହ ଭୀଷଣ ଖରାପ ହେଲେବି, ସେ ପିଲାଙ୍କ ଠାରୁ ସତ୍ୟ ଲୁଚାଇଥାନ୍ତି, କାଳେ ପିଲାମାନେ ଡରିଯିବେ, ମାନସିକ ଚାପ ବଢିଯିବ। ଯେତେକ ବୋଉ ଡାକ୍ତରଖାନାକୁ ଯାଆନ୍ତି, ପିଲାଙ୍କ ଜୋରଜବରଦସ୍ତିରେ। ବୋଉର ବମନ ହଟିଗଲେ, ସେମାନେ ତ ଆଦୌ ରାଜି ହୁଅନ୍ତି ନାହିଁ ଡାକ୍ତରଖାନା ଯିବାକୁ। ପିଲାମାନଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେବ, ତକଲିଫ୍ ସହିବେ, କାମ ବନ୍ଦକରି ସେଠାରେ ବସିରହିବେ। ସମୟ ହେଲା, ଉପରକୁ ଯିବାର। ''ଆରେ, ତମେ ମୋ ପାଇଁ ଜମା ବ୍ୟସ୍ତ ହୁଅନାହିଁ। କ'ଣ ଟିକିଏ ହୋଇଛି, ଛାଏଁ ଭଲ ହୋଇଯିବନି ! ଘରେ ରହିଲେ ତମମାନଙ୍କୁ ଦେଖିବି, ଧିରେ ଧିରେ ଭଲ ହୋଇଯିବ''।

କଥା ଟିଏ, ଆମେରିକାର ଏକ ଦାମୀ ବିଦ୍ୟାଳୟରେ ପଢୁଥିବା ପିଲା ହାତରେ ଅଧିକ୍ଷକ ଏକ ଚିଠି ଲଫାପାରେ ଦେଲେ ତା' ମା' ପାଖକୁ। ମା' ଚିଠିଟି ପଢି କାନ୍ଦି ପକାଇଲେ, ପିଲାଟି ଉଦବେଳିତ ହୋଇ ପଚାରିଲା, ''ମା'! ସେଥିରେ କ'ଣ ଲେଖାହୋଇଛି ଯେ ତୁମେ ତାକୁ ପଢି କାନ୍ଦୁଛ !'' ମା' ଲୁହ ପୋଛି କହିଲେ, ''ଧନରେ, ତୁ ତୋ କ୍ଲାସରେ ଏତେ ଭଲ ପଢୁଛୁ ଯେ, ତୋର ଅଧକ୍ଷ ଲେଖିଛନ୍ତି ତମ ପୁଅକୁ ଆମେ ପଢାଇପାରିବୁ ନାହିଁ। ତାକୁ ସବୁଠାରୁ ଭଲ ସ୍କୁଲ୍ରେ ପଢାଅ। ମୁଁ ତୋତେ ନିଜେ ପଢାଇବି''। ପିଲାଟି ଘରେ ରହି ମା'ଙ୍କ ପାଖରେ ପଢିଲା। ସେ ହେଲେ ଆମେରିକାର ବିଜ୍ଞାନର ଯାଦୁକର ମାଇକେଲ୍ ଫାରାଡେ। ମା' ଚାଲିଗଲେ। ଦିନେ ସେ ଉକ୍‌ତାର ସହିତ ମା'ଙ୍କ ବାକ୍ସଖୋଲି ଦେଖୁଥିବାବଳେ ତାଙ୍କ ହାତରେ ଅଧକ୍ଷ ଦେଇଥିବା ଚିଠିଟି ପଡିଲା। ସେ କୌତୁହଳବଶତଃ ଚିଠିଟି ଖୋଲି ପଢିଲେ। ସେଥିରେ ଲେଖାଥିଲା, ''ମାଡାମ୍ ! ଆପଣଙ୍କ ପୁଅ ଏତେ ଗଧ ଯେ, ଆମେ ତାକୁ ପଢାଇପାରିବୁ ନାହିଁ। ଅନ୍ୟ ପିଲାଙ୍କୁ ସେ ଗଧ କରିଦେବ। ତା' ପାଇଁ ଆମ ସ୍କୁଲ୍ ଫାଟକ ବନ୍ଦ। ତାକୁ ଆପଣ ନିଜେ ଘରେ ପଢାନ୍ତୁ। ଅବା ଯାଇତାହି ସ୍କୁଲ୍ରେ ପଢାନ୍ତି''। ଫାରାଡେଙ୍କ ଆଖିରୁ ଦୁଇ ଧାର ଲୋତକ ଝରିଗଲା। ବୋଉମାନେ ଏଭଳି ପରିସ୍ଥିତିରେ ମିଛେଇ ହୋଇଥାନ୍ତି। ପିଲାଙ୍କୁ ଆଘାତ ନହେବାପାଇଁ ମିଛ କହିଥାନ୍ତି। ଏହି ମିଛ ପିଲାଙ୍କୁ ପ୍ରେରଣା ଦେଇଥାଏ, ଉାହିତ କରାଏଙ୍କ ଧୈର୍ଯ୍ୟ, ଶକ୍ତି, ସାହସ ପ୍ରଦାନ କରେ। ସତରେ ''ବୋଉ ମିଛେଇ''!!!

ଜଙ୍ଗଲ ହିଁ ଜୀବନ, ଜଙ୍ଗଲ ହିଁ ଜୀବିକା



ଡା. ରାଜାରାମ ଷଡ଼ଙ୍ଗୀ
ଶିଶୁ ମଙ୍ଗଳ ସମିତି, ସମ୍ବଲପୁର
୯୪୩୭୪ ୦୫୪୫୫

ଜଙ୍ଗଲକୁ ଆମେ ଅନେକ ସମୟରେ କେବଳ ଗଛ, ଲତା ଓ ବନ୍ୟଜନ୍ତୁର ସମାହାର ବୋଲି ଭାବୁ। କିନ୍ତୁ ଜଙ୍ଗଲ ଅନେକ ଆଦିବାସୀ ଓ ଗ୍ରାମୀଣ ପରିବାର ପାଇଁ ଜୀବନର ଆଧାର। ଜାଳେଣି କାଠ ଠାରୁ ଆରମ୍ଭ କରି ମହୁ, କେନ୍ଦୁପତ୍ର, ବାଉଁଶ, ହରିଡ଼ା, ବାହାଡା, ଅଁଳା, ଧୂପ,କାଠି, ପତ୍ର ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ଜଙ୍ଗଲ ତାଙ୍କ ଜୀବିକାର ଏକ ଅବିଚ୍ଛିନ୍ନ ଅଂଶ।

ଡେବ୍ରିଗଡ଼ ଅଞ୍ଚଳର ଧୋଡ୍ରୋକୁସୁମ ଗାଁର ମୈଥିଳି ଭୁଏଙ୍କ ଜୀବନ ଏହି ବାସ୍ତବତାର ଏକ ଉଦାହରଣ। କିଛି ବର୍ଷ ପୂର୍ବରୁ ସେ ପ୍ରାୟ ପ୍ରତିଦିନ ଜଙ୍ଗଲକୁ ଯାଇ ପରିବାରର ଆବଶ୍ୟକତା ପୂରଣ ପାଇଁ ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ। କିନ୍ତୁ ଇକୋ-ଟୁରିଜମ୍ ସହ ଯୋଡ଼ି ହେବା ପରେ ତାଙ୍କ ଜୀବନରେ ଆସିଲା ଏକ ନୂଆ ମୋଡ଼। ଜଙ୍ଗଲ ଆଉ କେବଳ ସମ୍ପଦ ସଂଗ୍ରହର ସ୍ଥାନ ରହିଲା ନାହିଁ। ତାହାର ସୁରକ୍ଷା ମଧ୍ୟ ତାଙ୍କ ଜୀବିକାର ଅଂଶ ହୋଇଗଲା। ଏହି ପରିବର୍ତ୍ତନର ଗୁରୁତ୍ୱ ଏଠାରେ ପରିବେଶ ସଂରକ୍ଷଣ ଓ ଆର୍ଥିକ ସଶକ୍ତୀକରଣ ପରସ୍ପରର ସମ୍ପର୍କ ନିବିଡ଼ ଏହା ଦର୍ଶାଉଛି।ସୁରକ୍ଷା ଓ ଜୀବନ ରକ୍ଷା ଭଳି ଶକ୍ତିର ଇନ୍ଧନ ଏହା ଆଜି କେହିବି ବୁଝିପାରିବ ଓ ସ୍ପଷ୍ଟ ଭାବେ ବୁଝାଇପାରିବ। ବୁଝିବାକୁ ହେବ ମୈଥିଳିଙ୍କ ଉଦ୍ୟମର ପ୍ରଭାବ ତାଙ୍କ ନିଜ ଜୀବନରେ ସୀମିତ ରହିନାହିଁ। ପ୍ରଧାନମନ୍ତ୍ରୀଙ୍କ କହିବା ଅନୁସାରେ, ଆଜି ଦିନରେ ୬୦ରୁ ଅଧିକ ମହିଳା ଡେବ୍ରିଗଡ଼ ଅଞ୍ଚଳରେ ଜଙ୍ଗଲ ସଂରକ୍ଷଣ ସହିତ ସକ୍ରିୟ ଭାବେ ଜଡ଼ିତ। କେହି ବନ୍ୟଜନ୍ତୁ ସୁରକ୍ଷା କରୁଛନ୍ତି, କେହି ଘାସଭୂମି ବିକାଶରେ ଯୋଗଦେଉଛନ୍ତି ଏବଂ କେହି ଇକୋ-ଟୁରିଜମ୍‌ରେ ଅବଦାନ ରଖୁଛନ୍ତି। ଏହି ଘଟଣା ଆମକୁ ଏକ ବଡ଼ ପ୍ରଶ୍ନ ସାମ୍ନାରେ ଠିଆ କରାଇଛି।ଜଙ୍ଗଲ ବଞ୍ଚିଲେ ହିଁ କି ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନ ବଞ୍ଚିବ ? ଏହା ଆମ୍ଭଙ୍କୁ ମାନିବାକୁ ହେବ। କିନ୍ତୁ ଏଥିପାଇଁ ସଂରକ୍ଷଣକୁ କେବଳ ନିୟମ, ନିଷେଧ ଓ ଜରିମାନା ଭିତରେ ସୀମିତ ନରଖି, ସ୍ଥାନୀୟ ଲୋକଙ୍କ ଜୀବିକା ସହିତ ଯୋଡ଼ିବା ଆବଶ୍ୟକ। ଯେଉଁ ଲୋକ ଜଙ୍ଗଲକୁ ନିଜ ଜୀବନର ଅଂଶ ଭାବେ ଦେଖନ୍ତି, ସେମାନଙ୍କୁ ସଂରକ୍ଷଣର ସହଭାଗୀ କରିବା ହିଁ ଦୀର୍ଘମିଆଦୀ ସମାଧାନ।ଡେବ୍ରିଗଡ଼ର ମୈଥିଳି ଭୁଏ ଏହାର ଏକ ସଫଳ ଉଦାହରଣ। ତାଙ୍କ କାହାଣୀ ତେଣୁ କେବଳ ଜଣେ ମହିଳାଙ୍କ ସଫଳତାର କାହାଣୀ ନୁହେଁ। ଏହା ହେଉଛି ଏକ ସାମାଜିକ ପରିବର୍ତ୍ତନର କାହାଣୀ। ଯେଉଁଠି ଜଙ୍ଗଲରୁ ଜୀବିକା ନେଉଥିବା ମଣିଷ ଜଙ୍ଗଲର ରକ୍ଷକ ହେଉଛନ୍ତି।

ମୈଥିଳିଙ୍କ ଉଦାହରଣ ଆମକୁ ଆଉ ଏକ କଥା ଶିଖାଏ ଯେ, ପ୍ରକୃତିକୁ ବଞ୍ଚାଇବା ଓ ମଣିଷର ଜୀବନକୁ ଉନ୍ନତ କରିବା, ଏହି ଦୁଇଟି ଲକ୍ଷ୍ୟ ଏକାସାଙ୍ଗରେ ପୂରଣ ହୋଇପାରେ। ଡେବ୍ରିଗଡ଼ର ମାଟିରୁ ଉଠିଥିବା ଏହି ବାର୍ତ୍ତା ଆଜି ଜାତୀୟ ମଞ୍ଚରେ ପହଞ୍ଚିଛି। ମନ କି ବାତରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମୁହଁରୁ କହିବା ପରେ ମୈଥିଳି ସାଜିଗଲେ ଏକ ଜାତୀୟ ଚରିତ୍ର। ଆଉ ଯାହା ଦେଶର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏତେ ତୃଣମୂଳ କଥା ଚିନ୍ତା କରିପାରନ୍ତି ତାହାହିଁ ଜୀବନ ଦର୍ଶନ। ଏହା ନିଶ୍ଚିତ ଭାବେ ସମ୍ବଲପୁର ଓ ସମଗ୍ର ଓଡ଼ିଶା ସହିତ ଦେଶ ପାଇଁ ଗର୍ବର ବିଷୟ।

ବୁଧବାର ୭।୧୦।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

ଜ୍ୟୋତିର୍ମୟୀ ନାୟକ ସମ୍ବର୍ଦ୍ଧିତ



କଟକ, ୬।୧୦: କଟକ ସଦର ଗୋପାଳପୁର ୱାର୍ଡ ୫୭ ଠାରେ ଅନୁଷ୍ଠିତ ଗଣେଷ ମହୋତ୍ସବରେ ୟୁନିଅନ୍ ଫର୍ କଟକ ସଦର ଡେଭଲପମେଣ୍ଟ ର ସଭାପତି ପ୍ରଫେସର୍ ମନୋଜ୍ କୁମାର ନାୟକ ଯୋଗଦାନ କରିବା ସହ ଇଣ୍ଡିଆନ୍ ଆଇଡଲ୍ ୨୦୨୬ ର ବିଜେତା ଜ୍ୟୋତିର୍ମୟୀ ନାୟକ ଙ୍କୁ ସମ୍ବର୍ଦ୍ଧିତ କଲେ। ଏଥିରେ ସମସ୍ତ କମିଟି ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅତିଥି ମାନେ ଉପସ୍ଥିତ ରହି କମିଟି ସଦସ୍ୟ, ଗ୍ରାମବାସୀ ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାପାଙ୍କ ଶୁଦ୍ଧିକ୍ରିୟା ସାରି ଜଗନ୍ନାଥ ଦର୍ଶନରୁ ଫେରୁଥିବା ବେଳେ ଗୋପ କଲେଜ ଛକରେ ଅଘଟଣ

ଗୋପ,୬।୧୦ (ସନ୍ତୋଷ କୁମାର ଭୋଳ): ନୟାଗଡ଼ ଜିଲ୍ଲା ସୁନାଖଳା ଅଞ୍ଚଳର ବିନୋଦପଡ଼ା ଗ୍ରାମର ବାସିନ୍ଦା ହୁସିକେଶ ମହାପାତ୍ରଙ୍କ ସଡ଼କ ଦୁର୍ଘଟଣାରେ ଦୁଃଖଦ ମୃତ୍ୟୁ ଘଟିଛି। ବାପାଙ୍କ ଶୁଦ୍ଧିକ୍ରିୟା ସାରି ପରିବାର ସହ ଜଗନ୍ନାଥ ଦର୍ଶନ କରି ଘରକୁ ଫେରୁଥିବା ସମୟରେ ଗୋପ କଲେଜ ଛକ ନିକଟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ହୁସିକେଶ ଜଗନ୍ନାଥ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ଗୋପ କଲେଜ ଛକ ନିକଟରେ ଗୋପରୁ ବେଗୁନିଆ ଅଭିମୁଖେ ଯାଉଥିବା ଏକ ଧଳା ରଙ୍ଗର ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ପରିବାର ଲୋକେ ତୁରନ୍ତ ହୁସିକେଶଙ୍କୁ ଗୋପ ଗୋଷ୍ଠୀ ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣାରେ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ଛାନଭିନ ଆରମ୍ଭ କରିଛି।

ଡିଜେ ଗାଡି ଜବତ, ଚାଳକ ଗିରଫ



ହିଞ୍ଜିଳିକାଟୁ,୬।୧୦(ଅବନି କାନ୍ତ ପଟ୍ଟନାୟକ):ହିଞ୍ଜିଳି ଥାନା ଅନ୍ତର୍ଗତ ଗିରିଆ ଗ୍ରାମରେ ରବିବାର ରାତିରେ ଡିଜେ ଉଚ୍ଚ ଶବ୍ଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଘଟଣାରେ ଚାଳକଙ୍କୁ ଗିରଫ ସହ ଡିଜେ ଗାଡ଼ି ଜବତ ହୋଇଥିବା ଜଣାପଡିଛି ଛୁଏ ନେଇ ହିଞ୍ଜିଳି ଥାନାରେ ୭୨୮/୨୬ ରେ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି ଛଡିଜେ ଶବ୍ଦରେ ତିନୋଟି ଘରର ଛାତର କିଛି ଅଂଶ ଓ ପ୍ଲାଷ୍ଟର ଖସିଥିବା ନେଇ ରବିବାର ରାତିରେ ଥାନାରେ ଅଭିଯୋଗ ହୋଇଥିଲା।

ଜନ ଅଭିଯୋଗ ଶୁଣାଣି ଶିବିରରେ ୪୬ ଅଭିଯୋଗ



ଦେବଗଡ଼ ,୬।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଏସ୍ପି କିଶୋର ଚନ୍ଦ୍ର ମୁଣ୍ଡଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୋଟ ୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ରାସ୍ତା ନିର୍ମାଣ, ଜମି ବିବାଦ, ପଟ୍ଟା, ବିଦ୍ୟାଳୟ ଗୃହ ନିର୍ମାଣ, ବିଦ୍ୟୁତ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା ସମେତ ବିଭିନ୍ନ ସମସ୍ୟା ନେଇ ଲୋକେ ଜିଲ୍ଲାପାଳ ଓ ଏସ୍ପିଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ। ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବ୍ୟଙ୍ଗ କବି ଆର୍ତ୍ତତ୍ରାଣ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



ଖଣ୍ଡପଡା, ୬।୧୦ (ଅକ୍ଷର ଓଡ଼ିଶା) ରାଜ୍ୟର ଜଣେ ସୁନାମଧନ୍ୟ ବ୍ୟଙ୍ଗ କବି ଭାବେ ସୁପରିଚିତ ଦିବଂଗତ ଆର୍ତ୍ତତ୍ରାଣ ମିଶ୍ରଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପୁରାତନ ଛାତ୍ର ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ବିଦ୍ୟାଳୟର ଛାତ୍ର, ଛାତ୍ରୀ,ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ। ଯୁବ ସମାଜସେବୀ ମହେନ୍ଦ୍ର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶିଶୁ କବି କାଶିନାଥ ଦାସ, ସଂଗଠକ ପରମେଶ୍ୱର ମହାନ୍ତିଙ୍କ ସମେତ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ବିୟୋଗରେ ରାଜ୍ୟର କଳାକାର ଜଗତରେ ଏକ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଥିଲେ।

ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୬।୧୦(ଦେବେନ୍ଦ୍ର ପୋଡ଼): ସାମ୍ବାଦିକ ଭବନ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନିତୀ ବିରୋଧ ରେ ବ୍ୟାପକ ସଶସ୍ତ୍ର ଆନ୍ଦୋଳନ କରିବାକୁ ଧାର୍ଯ୍ୟ କରାଯାଇଥିଲା। ଅନ୍ୱେଷା ଯୋଜନା ବନ୍ଦ କରିଛି ଓଡ଼ିଶା ସରକାର। ପ୍ରାଇଭେଟ ଇଂଲିଶ ମିଡ଼ିଅମ ସ୍କୁଲରେ ମାଗଣାରେ ଆଦିବାସୀ ଛାତ୍ରଛାତ୍ରୀ ପଢ଼ିବାପାଇଁ ପୂର୍ବପରି ଅନ୍ୱେଷା ଯୋଜନା ଲାଗୁ କରିବା, ସେହିପରି ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଆର୍ଥିକ ସହାୟତା ବନ୍ଦ କରିଛି କେନ୍ଦ୍ର ସରକାର। ଆଦିବାସୀ ଛାତ୍ରଛାତ୍ରୀ ବିଏସସି ନର୍ସିଙ୍ଗ ଓ ଜିଏନଏମ ପଢ଼ିବା ପାଇଁ ୫୦ହଜାର ଆର୍ଥିକ ସହାୟତା ପୁନଃ ପ୍ରଦାନ, ଆଦିବାସୀ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ବନ୍ଦ କରିଛି ରାଜ୍ୟ ସରକାର। ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସତ୍ତ୍ୱେ ଆଇନକୁ ଉଲଂଘନ କରି ପଟ୍ଟା ଦେବା ବନ୍ଦ କରିଛି ସରକାର। ଆଦିବାସୀ ନିର୍ଯାତନା ନିବାରଣ ଆଇନ ରେ ବର୍ତମାନ ସରକାର ଅପରାଧୀ ମାନଙ୍କୁ ଗିରଫ କରୁନାହିଁ କିମ୍ବା ପୀଡ଼ିତ ଆଦିବାସୀ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯାଉନାହିଁ ବୋଲି ଆଦିବାସୀ ମାନେ ଉଦବେଗ ପ୍ରକାଶ କରିଥିଲେ।

ସେହିପରି ଖଣି ଖଣିଜ ସମ୍ପଦ ନିୟନ୍ତ୍ରଣ ଆଇନରେ ଆଦିବାସୀ ବହୁଳ ଓଡିଶା ରାଜ୍ୟର ଜମି ଜଙ୍ଗଲ, ପାହାଡ଼ ପର୍ବତ ଜଙ୍ଗର, ନଦୀ ନାଳ ଝରଣା, ପ୍ରକୃତି ପରିବେଶ ଧ୍ୱଂସ ହେବ। ଆଦିବାସୀ ଜୀବନ ଜୀବିକା ହରାଇବା ସହ ଆଦିବାସୀ ଅସ୍ମିତା ବିଲୋପ ହେବ। ଜମି ଜଙ୍ଗଲ ଖଣିଜ ସମ୍ପଦ ଅଧିକାରରୁ ଆଦିବାସୀ ସର୍ବହରା ହୋଇଯିବେ ବୋଲି ଆଦିବାସୀ କ୍ଷୋଭ ପ୍ରକାଶ କରିଥିଲେ। ସମାନ ନାଗରିକ ସଂହିତା ଦ୍ୱାରା ଆଦିବାସୀଙ୍କ



ସ୍ୱତନ୍ତ୍ର ସଂସ୍କୃତି, ପ୍ରଥା ପରମ୍ପରା, ରୀତିନୀତି, ଦେବକ୍ଷଦେବୀ ପୂଜା ପଦ୍ଧତି, ଭାଷା ବୋଲି ଧର୍ମ ବିଲୁପ୍ତ ହେବ, ଆଦିବାସୀ ଅସ୍ମିତା ନିଶ୍ଚିହ୍ନ ହେବ ତେଣୁ ୟୁ ସି ସି କୁ କଡ଼ା ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଆଦିବାସୀ ଜମି ବିକ୍ରି ବନ୍ଧକି ମାଧ୍ୟମରେ ଅଣ ଆଦିବାସୀଙ୍କୁ ହସ୍ତାନ୍ତର ପାଇଁ ଉପ ଜିଲ୍ଲାପାଳ ଅନୁମତି କୁ ସମ୍ପୂର୍ଣ ବନ୍ଦ କରିବାକୁ ଦାବୀ କରାଯାଇଥିଲା। ନକଲି ଆଦିବାସୀ ମାନଙ୍କ ଜାଲଜାତି ପ୍ରମାଣପତ୍ର ରଦ୍ଦ କରିବା ସହିତ ଚଞ୍ଚକତା ପୂର୍ବକ ଅନ୍ୟ ପଛୁଆ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ତେଲେଙ୍ଗା ଜାତିର ଲୋକ କୋଣ୍ଡାଦୋରକ୍ଷ ଆଦିବାସୀ ପ୍ରମାଣ ପତ୍ର ଦ୍ୱାରା ଚାକିରି କରୁଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଥିଲା। ସଭା ରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ବନଲତା ମାଝି, ଟିଟିଲାଗଡ଼ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ବଲାଙ୍ଗିର ବ୍ଲକ ସଭାପତି ପାଳେଶ୍ୱର ଭୋଇ, ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନରଞ୍ଜନ ଭୋଇ,ପାଟଣାଗଡ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ବେଲପଡା ବ୍ଲକ ସଭାପତି ରସିକ ଧରୁଆ,ମୁରିବାହାଲ ସଭାପତି ରାଜୀବ କୁଅଁର, ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝି,ସଇଁତଲା ବ୍ଲକ ସଭାପତି ସନ୍ତୋଷ ପୁଟା,ଦେଓଗାଁ ବ୍ଲକ ସଭାପତି ସୁରଥ ଧରୁଆ, ଗୁଡ଼ଭେଲା ବ୍ଲକ ସମ୍ପାଦକ ବିକ୍ରମ ଭୋଇ,ସଂଗଠନ ସମ୍ପାଦକ ଥବିର ପୁଝାରୀ,ନଗର ସଭାପତି ନିତ୍ୟାନନ୍ଦ ମାଝି, ସହ ସମ୍ପାଦକ ଗିରିଧାରୀ ଭୋଇ, ମଧୁ ବିଶ୍ୱାଳ, ଧନିରାମ ଭୋଇ,ନାରୀନେତ୍ରୀ ଶ୍ରୀମତୀ ପତ୍ରଙ୍ଗି ମାଝି, ମାହେଶ୍ୱରୀ ମାଝି,ଶ୍ରୀମତୀ ଲକ୍ଷ୍ମୀ ଭୋଇ, ଶ୍ରୀମତୀ ସରସ୍ୱତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ସଭା ପରିଚାଳନା କରିଥିଲେ।

ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଜନ୍ମଦିନ ପାଳିତ

ଯାଜପୁର,୬।୧୦ (ଅକ୍ଷର ଓଡ଼ିଶା): ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ୫୫ତମ ଜନ୍ମଦିନ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଦାନଗଦି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଆଜି ସକାଳେ ଦାନଗଦି ବିଜେଡି ନେତୃବୃନ୍ଦଙ୍କ ପକ୍ଷରୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ, ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯାଇଥିଲା। ଏହାପରେ ମଙ୍ଗଳପୁରସ୍ଥିତ ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାରରେ ଅନାଥ ଶିଶୁ ଏବଂ ଅନ୍ତେବାସୀ ମହିଳାମାନଙ୍କୁ ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ, ମିଷ୍ଟାନ୍ନ



ସହ ଫଳ ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ କେକ୍ କାଟି ଶିଶୁଙ୍କ ଗହଣରେ ଜନ୍ମଦିନ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜଖପୁରା ପଞ୍ଚାୟତ ବାଲୁଙ୍ଗାବନ୍ଧୀସ୍ଥିତ ବଗେଇ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡ଼ାଇଙ୍କ ଦୀର୍ଘ ନିରାମୟ ଜୀବନ ଓ ଉଜ୍ଜ୍ୱଳ ରାଜନୈତିକ ଭବିଷ୍ୟତ କାମନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ବ୍ଲକ ଉପାଧକ୍ଷ ଅଜୟ ବିନ୍ଧାଣି,୧୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଟିନା ହାଇବ୍ରୁ, ତ୍ରିଜଙ୍ଗା ପଞ୍ଚାୟତ ସରପଞ୍ଚ କାଗଜି ପାତ୍ର, ବ୍ଲକ ସଭାପତି ଗୋପାଳ ବାରିକ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧୀର, ବରିଷ୍ଠ ବିଜେଡି ନେତା ପ୍ରଦୀପ ମହାନ୍ତି, ଲୋକନାଥ ଧୀର, ସୁଦାମ ପାତ୍ର, ଧର୍ମେନ୍ଦ୍ର ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

ନୂତନ ଜିଲ୍ଲାପାଳ ଭାବେ ଦେବାଶିଷ ସିଂହ ପ୍ରଥମେ ସୋନପୁର ବ୍ଲକ ଗ୍ରିଭେନ୍ସରେ ଯୋଗ ଦେଲେ



ସୁବର୍ଣ୍ଣପୁର:୬।୧୦(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲାରେ ଆଜି ନୂତନ ଜିଲ୍ଲାପାଳ ଭାବେ ଶ୍ରୀ ଦେବାଶିଷ ସିଂହ ପ୍ରଥମେ ମା ସୁରେଶ୍ୱରୀଙ୍କୁ ଦର୍ଶନ କରି ଜିଲ୍ଲାପାଳ କାର୍ଯ୍ୟାଳୟ ରେ ଦାୟିତ୍ୱ ଗ୍ରହଣ କଲେ। ପରେ ପ୍ରଥମେ ସୋନପୁର ବ୍ଲକ ଗ୍ରିଭେନ୍ସରେ ଯୋଗ ଦେଇ ସଧାରଣ ଲୋକଙ୍କ ଅଭିଯୋଗ ଶୁଣିଲେ। ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦେବାଶିଷ ସିଂହ ଓ ଏସ୍ପି ନାରାୟଣ ନାଏକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୯ଟି ଅଭିଯୋଗ ଗ୍ରହଣ ହୋଇଥିବାବେଳେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ଆଜି ନୂତନ ଭାବେ ଦାୟିତ୍ୱ ନେବା ପରେ ଜିଲ୍ଲାପାଳଙ୍କ ଥିଲା ଏଇଟା ପଥମ ଅଭିଯୋଗ ସମାଧାନ ଶିବିର। ନୂତନ ଆଶା ଓ ଭରଷା ନେଇଁ ଆଜି ଅଭିଯୋଗକାରୀ ତାଙ୍କ ନୂତନ ଜିଲ୍ଲାପାଳଙ୍କୁ ଅଭିଯୋଗ ପଞ୍ଜିକରଣ କରିଥିଲେ ଏବଂ ଅଧିକ ଆଶାବାଦୀ ଥିବା ଲକ୍ଷ୍ୟ କରାଯାଉଥିଲା।

ଅନୁଗୋଳରେ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ, ୬।୧୦ (ଅକ୍ଷର ଓଡ଼ିଶା): ଅନୁଗୋଳ ସହରରେ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ବୈଠକରେ ଯୋଗ ଦେଇ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗ ଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ଅନୁଗୋଳ ସହରରେ ଦୁର୍ଗା ପୂଜା ଉତ୍ସବ ନିମନ୍ତେ ମା'ଙ୍କର ୧୦ ଗୋଟି ମେଢ଼ ଓ ଲକ୍ଷ୍ମୀ ପୂଜା ଉତ୍ସବ ନିମନ୍ତେ ମା'ଙ୍କର ୨୯ ଗୋଟି ମେଢ଼ ପ୍ରତିଷ୍ଠା କରାଯିବ। ଚଳିତ ମାସ ୧୨ ତାରିଖ ଠାରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଅକ୍ଟୋବର ୨୨



ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ମାସ ୨୫ ତାରିଖରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ୪ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଳ ପୂର୍ବକ ଚାନ୍ଦା ଆଦାୟ ନ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା। ସମସ୍ତ ପୂଜା କମିଟି ଦ୍ୱାରା ନିର୍ମିତ ତୋରଣଗୁଡ଼ିକ ଭୂମିଠାରୁ ଅନ୍ୟୁନ ୧୮ ଫୁଟ ଉଚ୍ଚରେ ରହିବ ଓ ୨୮ ଫୁଟ ଚଉଡ଼ାରେ ନିର୍ମାଣ ହେବ ଏବଂ ଗେଟ୍ ଲାଇଟ୍ ଗୁଡ଼ିକୁ ୧୨ ଫୁଟ ଉଚ୍ଚତାରେ ଲଗାଇବେ। ପୂଜା ସମୟରେ ଡାକବାଜି ଯନ୍ତ୍ରର ଅଧିକ ଓ ଅତ୍ୟଧିକ ଉଚ୍ଚ ଶବ୍ଦ ବ୍ୟବହାରକୁ ବାରଣ କରାଯାଇଛି। ପୂଜା ଓ ଭସାଣୀରେ ଆତସବାଜୀ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ପୂଜା ସମୟରେ ମେଲୋଡି ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ସବୁ ରାତ୍ର ୧୧ ଘଟିକା ସୁଦ୍ଧା ସମାପନ କରିବାକୁ ପଡ଼ିବ। ଚଳିତ ବର୍ଷ ହେମସୁରପଡ଼ା ଦୁର୍ଗାପୂଜା କମିଟି ଦ୍ୱାରା ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ପାର୍କ ବ୍ୟବସ୍ଥା ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରାଯାଇଛି। ପୂର୍ବ ବର୍ଷ ଭଳି ପୂଜାକମିଟିଗୁଡ଼ିକ ପୂଜାମଣ୍ଡପରେ ଅଗ୍ନି ନିର୍ବାପକ ସରଞ୍ଜାମ ରଖିବା ସହିତ ସିସି ଟିଭି ଲଗାଇବାକୁ ସ୍ଥିର ହୋଇଛି। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପୌରପାଳିକାର ଅଧକ୍ଷ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜିବ ଲୋଚନ ପଣ୍ଡା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଳିକ, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ପୂଜା କମିଟିର ସଭାପତି, ସମ୍ପାଦକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସୁନାବେଡ଼ା ମେଗା ଡ୍ରାଇଭ: ଆଇନ ସହାୟତା ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର



ନୂଆପଡା, ୬।୧୦(ଅକ୍ଷର ଓଡ଼ିଶା): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚାଲୁଥିବା ମେଗା ଡ୍ରାଇଭ୍ ଅନ୍ତର୍ଗତ ସୁନାବେଡା ଗ୍ରାମ ପଞ୍ଚାୟତର ଢେକୁନପାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାଲସା ଦ୍ୱାରା ପରିଚାଳିତ ବିଭିନ୍ନ ଆଇନ ସହାୟତା ଯୋଜନା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟ ପ୍ରକାଶ ମାଝୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର ମାଝୀ ଅନ୍ୟ ଶିକ୍ଷକ ଏବଂ ପ୍ରାଧିକରଣର ଅଧିକାର ମିତ୍ରଗଣ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପ୍ରାଧିକରଣର ସଚିବ ନବନୀତା ଦାଶ ଶିଶୁ ଏବଂ ଶିଶୁମାନଙ୍କର ନିଶୁଳ୍କ ଶିକ୍ଷା ଲାଭ କରିବାର ଆଇନଗତ ଅଧିକାର ଆଇନ ସେବା ପ୍ରାଧିକରଣ (ନାଲସା) ଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ସମ୍ବାଦ ଯୋଜନା, ଅଣସଂଗଠିତ ଶ୍ରମିକ ମାନଙ୍କ ପାଇଁ ଯୋଜନା ଇତ୍ୟାଦି ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୁଗୁଡା, ୬।୧୦ (ଅକ୍ଷର ଓଡ଼ିଶା): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମର କାଶୀନାଥ ଜେନା (୭୮) ନାମକ ଜନୈକ ବୃଦ୍ଧ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଏ ପୋଲିସ ଥାନାରେ କେସ୍ ନଂ ୩୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ , ବୃଦ୍ଧ ବିଲକାମ ସାରି ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଅସାବଧାନତାବଶତଃ ସେ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଚଳିତ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି

ବୁଗୁଡା, ୬।୧୦ (ଅକ୍ଷର ଓଡ଼ିଶା) କଲେଜ କ୍ୟାମ୍ପସରେ ଅଶାନ୍ତ ବାତାବରଣ ଆଳକରି ଗତ ୮ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ରୋକ୍ ଲାଗିଥିଲା। ତେବେ ଆଜି ସରକାରଙ୍କ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ନେଇ ଘୋଷଣା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ପିପୁଲ୍ସ କଲେଜରେ ଗତ ୨୦୧୭ ମସିହାରେ ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ତେବେ ୨୦୧୮ ମସିହାରେ ପ୍ରାକୃତିକ ବିପର୍ଯ୍ୟୟ ଆଳକରି ନିର୍ବାଚନ ବନ୍ଦ କରିଦିଆଯାଇଥିଲା। ଏହା ପରେ କ୍ୟାମ୍ପସ ଅଶାନ୍ତ ବାହାନା କରି ଆଉ ଛାତ୍ର ସଂସଦ ନିର୍ବାଚନ କରାଯାଇନଥିଲା। ସରକାର ବଦଳି ନୂଆ ସରକାର ଆସିବାର ଦୁଇ ବର୍ଷ ବିତିଯାଇଥିଲେ ହେଁ ନିର୍ବାଚନ କରିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେବାରେ ଅହେତୁକ ବିଳମ୍ବ ହେତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହ ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା। ତେବେ ଛାତ୍ରଛାତ୍ରୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଆଜି ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି



ପ୍ରକାଶ ପରେ ପିପୁଲ୍ସ କଲେଜର ଛାତ୍ର ସଂସଦ ନିର୍ବାଚନର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହ କଲେଜ ସମ୍ମୁଖରେ ଆତସବାଜି ଫୁଟାଇ ଖୁସି ଜାହିର କରିଥିଲେ। ତେବେ ପ୍ରକାଶିତ ସରକାରୀ ବିଜ୍ଞପ୍ତି ପ୍ରକାରେ ଚଳିତ ମାସ ୭ ତାରିଖରେ ଶିକ୍ଷାଅନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ , ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ଯାଞ୍ଚ , ୧୦ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ତାଲିକା ପ୍ରକାଶ , ୧୪ ତାରିଖରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ, ୧୫ ତାରିଖରେ ଭୋଟ ଗ୍ରହଣ ଓ ଗଣନା ସହ ଫଳାଫଳ ପ୍ରକାଶ ଏବଂ ୧୬ ତାରିଖ ଦିନ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

ରାସ୍ତାରେ ଧୂଳି ଧୂଆଁ ବିପର୍ଯ୍ୟସ୍ତକୁ ନେଇ ରାଜରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ

ତାଳଚେର, ୬।୧୦ (ଅକ୍ଷର ଓଡ଼ିଶା): ତାଳଚେର କଳାହୀରା ସହରର ୧୪୯ନଂ ଜାତୀୟପଥ ପ୍ରାୟ ଦୀର୍ଘବର୍ଷ ହେବ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏହି ରାସ୍ତାରେ ଯାତାୟତ କରିବା ସମ୍ଭବପର ହେଉନାହିଁ । ଏବଂ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଦୁର୍ଘଟଣା ମଧ୍ୟ ଘଟିବାରେ ଲାଗିଛି, ଯାହାର ଜ୍ୱଳନ୍ତ ଉଦାହରଣ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି । ରାସ୍ତାରେ ପ୍ରବଳ ମାତ୍ରାରେ ଧୂଳି ଧୂଆଁ ଯୋଗୁଁ ଦୟନୀୟ ଅବସ୍ଥାକୁ ନେଇ ସ୍ଥାନୀୟବାସୀଙ୍କ ସମେତ



ରାଜପଥ ଆଖାପାଖରେ ଥିବା ବିଭିନ୍ନ ଗ୍ରାମବାସୀମାନେ ମଧ ସରକାରୀଙ୍କୁ ଅବଗତ କରାଇଛନ୍ତି, କିନ୍ତୁ ଏଯାଏଁ କୌଣସି ପ୍ରଶାସନ ନା ଲୋକପ୍ରତିନିଧି କେହି ହେଲେ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରୁନାହାନ୍ତି। ଯାହାଫଳରେ ଆଜି ବାଧହୋଇ ଆଜି ତାଳଚେର ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ କ୍ରମେ ରାସ୍ତାରେ ଭାରୀଯାନ ଚଳାଚଳ ଓ ଜାତୀୟ ରାଜପଥରେ ଖାଲଖମଣରେ ବିପର୍ଯ୍ୟସ୍ତ ଧୂଳି ଧୂଆଁରେ ଆକା ମାକା ଅଞ୍ଚଳବାସୀ ହୋଇପଡ଼ିଥିବାରୁ ପ୍ରାୟ ସମୟରେ ଟ୍ରାଫିକ ଜାମ ହେବା ସହିତ ବିଭିନ୍ନ ଅସୁବିଧାରେ ଲୋକମାନେ ପଡୁଛନ୍ତି। ଏହି ମହାବିଦ୍ୟାଳୟକୁ ଠିକ ସମୟରେ ପହଞ୍ଚି ହେଉନାହିଁ।

ଆସାମରେ ଭୂକମ୍ପ, ତୀବ୍ରତା ୪.୫

ଗୁଆହାଟୀ : ଆସାମର ନଗାଓଁ ଜିଲାରେ ମଙ୍ଗଳବାର ସକାଳୁ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁସାରେ, ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୫ ରେକର୍ଡ କରାଯାଇଛି । NCS ତଥ୍ୟ ଅନୁଯାୟୀ, ମଙ୍ଗଳବାର ଭୋର ୪ଟା ୨୩ ମିନିଟ୍ ୪୭ ସେକେଣ୍ଡରେ ଭୂକମ୍ପ ହୋଇଥିଲା। ଏହାର କେନ୍ଦ୍ର ଭୂପୃଷ୍ଠରୁ ପ୍ରାୟ ୩୩ କିଲୋମିଟର ଗଭୀରରେ ଥିଲା । ଭୂକମ୍ପର ଝଟକା ପରେ କିଛି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ, ଏପର୍ଯ୍ୟନ୍ତ ଭୂକମ୍ପ ଯୋଗୁଁ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଖବର ମିଳିନାହିଁ। ପ୍ରଶାସନ ଓ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ସ୍ଥିତି ଉପରେ ନଜର ରଖିଛନ୍ତି।

ଏହା ପୂର୍ବରୁ ଶନିବାର ସନ୍ଧ୍ୟାରେ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳରେ ୪.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଘଉଝ ଅନୁସାରେ, ଏହି ଭୂକମ୍ପର କେନ୍ଦ୍ର ଭୁଟାନର ଗ୍ୟାଲପୋଝିଙ୍ଗ ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଏବଂ ଭୂପୃଷ୍ଠରୁ ୫ କିଲୋମିଟର ଗଭୀରରେ ଥିଲା। ଶନିବାର ସନ୍ଧ୍ୟା ୪ଟା ୧ ମିନିଟ୍‌ରେ ଏହି ଭୂକମ୍ପ ହୋଇଥିବା ବେଳେ ଗୁଆହାଟୀ ସମେତ ଉତ୍ତର-ପୂର୍ବ ଭାରତର ଅନ୍ୟ କିଛି ସ୍ଥାନରେ ମଧ୍ୟ ଝଟକା ଅନୁଭୂତ ହୋଇଥିଲା। ଏଥିରେ ମଧ୍ୟ କୌଣସି କ୍ଷୟକ୍ଷତିର ଖବର ମିଳିନଥିଲା।

ଉତ୍ତର-ପୂର୍ବ ଭାରତ ଭୂକମ୍ପ ଦୃଷ୍ଟିରୁ ଏକ ସମ୍ବେଦନଶୀଳ ଅଞ୍ଚଳ। ଆସାମ ସମେତ ଏହାର ଆଖପାଖ ରାଜ୍ୟଗୁଡ଼ିକରେ ସମୟ ସମୟରେ ଭୂକମ୍ପର ଝଟକା ଅନୁଭୂତ ହୋଇଥାଏ। ଏହି ଅଞ୍ଚଳର ଭୌଗୋଳିକ ସ୍ଥିତି ଏବଂ ସକ୍ରିୟ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକର ଗତିବିଧି ଯୋଗୁଁ ଏଠାରେ ଭୂକମ୍ପୀୟ କାର୍ଯ୍ୟକଳାପ ଜାରି ରହିଥାଏ। ଭୂକମ୍ପର ପ୍ରଭାବ କେବଳ ଏହାର ତୀବ୍ରତା ଉପରେ ନୁହେଁ, ବରଂ ଭୂକମ୍ପର ଗଭୀରତା ଏବଂ କେନ୍ଦ୍ରଠାରୁ ଦୂରତା ଉପରେ ମଧ୍ୟ ନିର୍ଭର କରେ।

୫ ଶାବକ ଜନ୍ମଦେଲା ଭାରତରେ ଜନ୍ମିତ ଚିତା

ନୂଆଦିଲ୍ଲୀ :ଭାରତରେ ଜନ୍ମିତ ଚିତା ସୋମବାର ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ୫ଟି ଶାବକ ଜନ୍ମ ଦେଇଛି, ଯାହାକି ପ୍ରୋଜେକ୍ଟ ଚିତା ପାଇଁ ଏକ ବଡ଼ ସଫଳତା। ଶାବକମାନଙ୍କ ବାପା ବୋତ୍ସ୍ୱାନାରୁ ଅଣାଯାଇଥିବା ପୁରୁଷ ଚିତା ହୋଇଥିବାରୁ ଏହା ବୋତ୍ସ୍ୱାନା ସଂଯୋଗ ଥିବା ଭାରତରେ ଜନ୍ମିତ ପ୍ରଥମ ପ୍ରତିନିଧି ବୋଲି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଏହାକୁ ମିଶାଇ ଭାରତରେ ଚିତା ସଂଖ୍ୟା ୬୦ରେ ପହଞ୍ଚିଛି, ଯେଉଁଥିରୁ ୪୧ଟି ଭାରତରେ ଜନ୍ମ ହୋଇଥିବା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେଜେପି୨୧ ନାମକ ୩୨ ମାସର ମାଈ ଚିତା ଶାବକ ଜନ୍ମ ଦେଇଛି। ଭାରତରେ ଜନ୍ମିତ ମାଈ ଚିତା ଶାବକ ଜନ୍ମଦେବାରେ ଏହା ତୃତୀୟ ଘଟଣା। ପୂର୍ବରୁ ଭାରତ ଜନ୍ମିତ ମୁଖି ଏବଂ କେଜିପି୧୨ କୁନୋ ନ୍ୟାଶନାଲ ପାର୍କରେ ଶାବକ ଜନ୍ମ ଦେଇଥିଲେ।

ପୁତୁରାଙ୍କୁ ପୁଣି ଦଳରେ ସାମିଲ କଲେ ମାୟାବତୀ

ଲକ୍ଷ୍ନୌ: ବିଏସପି ମୁଖ୍ୟ ମାୟାବତୀ ପୁଣି ପୁତୁରା ଆକାଶ ଆନନ୍ଦ ପାଇଁ ପେଡ଼ି ଖୋଲିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟର ରିଟ୍‌ବିଟ ନ କରିବା ଓ ଶଶୁର ବୋଲକରା କହି ଯେଉଁ ପୁତୁରାଙ୍କୁ ଦଳରୁ ବିଦା କରିଦେଲେ ତାଙ୍କୁ ପୁଣି ନିଜ ପାଖକୁ ଟାଣି ଆଣିଛନ୍ତି। ୩୧ ଦିନ ପରେ ଆକାଶ ଆନନ୍ଦଙ୍କୁ ସେ ବିଏସପିର ଜାତୀୟ ସଂଯୋଜକ ନିଯୁକ୍ତ କରିଛନ୍ତି। କିଛି ଦିନ ହେଲା ଚାଲିଥିବା ପିଇସି-ପୁତୁରା କଳି ଏଇଠି ସମାପ୍ତ ହେବ ବୋଲି ଲାଗୁଛି। ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ମାୟାବତୀଙ୍କ ଘୋଷଣା ଆଉ କଥାରେ ତାଳମେଳ ରହୁ ନଥିବାରୁ କେତେବେଳେ କ'ଣ ହେବ ତାହା କହିବା କଠିନ। ସୂଚନାଯୋଗ୍ୟ ଯେ ମାୟାବତୀ ନିଜ ପୁତୁରା ଆକାଶଙ୍କୁ ତିନି ଥର ପଦରୁ ହଟାଇ ସାରିଲେଣି। ପୁଣି ତିନି ଥର ଡାକି ପଦ ଦେଲେଣି। ଚଳିତ ଥର ଆକାଶଙ୍କ ଶଶୁରଙ୍କ ଉପରେ ମାୟାବତୀ ଚାପ ପକାଇ ଥିଲେ। ରାଜନୀତିରୁ ଶଶୁର ସନ୍ନ୍ୟାସ ନେବା ପରେ ପୁତୁରାଙ୍କୁ ପଦ ଦେବେ ବୋଲି କହିଥିଲେ। ମାତ୍ର ଶଶୁର ସନ୍ନ୍ୟାସ ନେବାର ଦିନକ ପରେ ସେ ପୁତୁରାଙ୍କୁ ଦଳରୁ ସମ୍ପୂର୍ଣ୍ଣ ବିଦା କରି ଦେଇଥିଲେ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହି ପାରିବାରିକ ପୁନର୍ମିଳନ ବିଏସପି ପାଇଁ ନୂଆ ଆଶା ସଞ୍ଚାର କରିବ ବୋଲି ଆଶା।

କ୍ରାଶ ହେଲା ସାମରିକ ବିମାନ, ୩୨ ମୃତ



ଆବୁଜା : ଦକ୍ଷିଣ ନାଇଜେରିଆରେ ସୋମବାର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଯେଉଁଥିରେ ୨୫ ଜଣ ଯାତ୍ରୀ ଏବଂ ୭ ଜଣ କ୍ରୁ ମେମ୍ବର ସମେତ ମୋଟ ୩୨ ଜଣ ଥିଲେ। ଏହି ଘଟଣା ପରେ ତୁରନ୍ତ ବ୍ୟାପକ ସର୍ଚ୍ଚ ଏବଂ ରେସ୍କ୍ୟୁ ଅପରେସନ୍ ଆରମ୍ଭ କରାଯାଇଛି। ତେବେ ପ୍ରାଥମିକ ସୂଚନା ଅନୁସାରେ, ମୋଟ ୩୨ ଜଣଙ୍କ ମୃତ୍ୟୁ ହୋଇଛି ।

ନାଇଜେରିଆର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଫେଷ୍ଟସ୍ କେୟାମୋ ଏକ ବିବୃତ୍ତିରେ କହିଛନ୍ତି ଯେ ବିମାନଟି ନାଇଜେରିଆର ଆର୍ଥିକ ରାଜଧାନୀ ଲାଗୋସ୍ ଅଭିମୁଖେ ଏକ ନିୟମିତ ମିଶନରେ ଯାଉଥିବା ସମୟରେ ଓଣ୍ଡୋ ରାଜ୍ୟର ଇଗବୋକୋଡା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।ନାଇଜେରିଆନ୍ ଏୟାରଫୋର୍ସ ଏହି ବିମାନକୁ ATR-୪୨ ଭାବରେ ଚିହ୍ନଟ କରିଛି ଏବଂ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଥିବା ନେଇ ସୂଚନା ଦେଇଛି।

ମନ୍ତ୍ରୀ କେୟାମୋଙ୍କ ଅନୁଯାୟୀ, ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟାରେ ବିମାନଟି ପ୍ରଥମେ ରୋଡାରରୁ ଗାଏବ ହୋଇଯାଇଥିଲା। ଏହା ଏଡୋ ରାଜ୍ୟର ବେନିନ୍‌ରୁ ଲାଗୋସ୍ ଯାଉଥିବା ବାଟରେ ଓଣ୍ଡୋ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଓଣ୍ଡୋ ଷ୍ଟେଟ୍ ପୋଲିସ କମାଣ୍ଡର ପ୍ରବକ୍ତା ଉଝଚ ଅବାୟୋମି ଜିମୋୟ ଅକୁରେଠାରେ ଖବରଦାତାମାନଙ୍କୁ ଦୁର୍ଘଟଣା ବିଷୟରେ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ଘଟଣା ସମ୍ପର୍କିତ ଅଧିକ ବିବରଣୀ ଏବେ ବି ସାମ୍ନାକୁ ଆସୁଛି ଏବଂ ସମଗ୍ର ପରିସ୍ଥିତିର ଯାଞ୍ଚ ପାଇଁ ଉଦ୍ୟମ ଜାରି ରହିଛି।

ଜିମୋ ଆହୁରି କହିଛନ୍ତି ଯେ, ପୋଲିସ କମାଣ୍ଡ ପକ୍ଷରୁ ସାଧାରଣ ଜନତା, ବିଶେଷ କରି ଇଗବୋକୋଡା ଏବଂ ଆଖପାଖ ଅଞ୍ଚଳର ଲୋକଙ୍କୁ ଶାନ୍ତ ରହିବାକୁ ଏବଂ କୌଣସି ଅପ୍ରମାଣିତ କିମ୍ବା ଗୁଜବ ଖବର ପ୍ରସାରଣ ନକରିବାକୁ ନିବେଦନ କରାଯାଇଛି। ବିଶ୍ୱସନୀୟ ତଥ୍ୟ ମିଳିବା କ୍ଷଣି ସାଧାରଣ ଜନତାଙ୍କୁ ସୂଚିତ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ନାଇଜେରିଆନ୍ ଏୟାରଫୋର୍ସ କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବିମାନଟି ବେନିନ୍‌ରୁ ଲାଗୋସ୍ ଅଭିମୁଖେ ଏକ ରୁଟିନ୍ ମିଶନରେ ଥିଲା। ସମ୍ପୃକ୍ତ ଆପାତକାଳୀନ ସେବା ଓ ଏଜେନ୍ସିଗୁଡ଼ିକ ସହ ମିଶି ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ସର୍ଚ୍ଚ ଓ ରେସ୍କ୍ୟୁ ଅପରେସନ୍‌କୁ ସଫଳ କରିବା ପାଇଁ ଏୟାରଫୋର୍ସ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ବୟାନରେ କୁହାଯାଇଛି ।

ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚନକୁ ଭାରତର ନିର୍ବାଚନ ବୋଲି ଦର୍ଶାଇଲେ ଟ୍ରମ୍ପ



ୱାଶିଂଟନ : ବ୍ରାଜିଲରେ ରାଷ୍ଟ୍ରପତି ନିର୍ବାଚନ ଚାଲିଥିବା ବେଳେ ଏହାକୁ ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଥିଲେ, ଯେଉଁଥିପାଇଁ ତାଙ୍କୁ ଉପହସିତ ହେବାକୁ ପଡ଼ିଛି। ସେ ଭୁଲବଶତଃ ପୋଷ୍ଟରେ 'ବ୍ରାଜିଲ' ବଦଳରେ 'ଭାରତ' ଲେଖିଦେଇଥିଲେ। ଏହି ଭୁଲ ସାମାଜିକ ଗଣମାଧ୍ୟମରେ ଆଲୋଚନାର ବିଷୟ ପାଲଟିଛି। ଟ୍ରମ୍ପ ପୂର୍ବରୁ ମଧ୍ୟ ଏଭଳି ଭୁଲ କରିଛନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି, ଏହି ପୋଷ୍ଟ ମାଧ୍ୟମରେ ସେ ଆମେରିକାର ନିର୍ବାଚନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ସୋସିଆଲ ମିଡିଆ ପୋଷ୍ଟରେ ଥିବା ଭୁଲ ବ୍ୟତୀତ, ଟ୍ରମ୍ପ ଆମେରିକାର ନିର୍ବାଚନ ବ୍ୟବସ୍ଥାକୁ ମଧ୍ୟ ଟାର୍ଗେଟ କରିଥିଲେ। 'ଟ୍ରୁଥ' ପ୍ଲାଟଫର୍ମରେ ଶେୟାର କରିଥିବା ଏକ ପୋଷ୍ଟରେ ସେ ଲେଖିଥିଲେ, 'ଭାରତର ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୧୨ କୋଟି ୫୦ ଲକ୍ଷ ଲୋକ ଭୋଟ ଦେଇଛନ୍ତି। ନିର୍ବାଚନ ଶେଷ ହେବାର କିଛି ସମୟ ମଧ୍ୟରେ ଫଳାଫଳ ପ୍ରକାଶ ପାଇବ। ଅନ୍ୟପକ୍ଷରେ ଡେଟ୍ରୋଇଟ, ଫିଲାଡେଲଫିଆ, କାଲିଫର୍ଣ୍ଣିଆ ଏବଂ ଆମେରିକାର ଅନ୍ୟାନ୍ୟ ସହର ଓ ରାଜ୍ୟ ଯେଉଁଠାରେ ଭୋଟ ହାର ଅତ୍ୟନ୍ତ କମ୍, ଫଳାଫଳ ଗଣନା କରିବାକୁ ପ୍ରାୟତଃ ସପ୍ତାହ ସମୟ ଲାଗିଥାଏ। ଆମେରିକାର ଭୋଟିଂ ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ ଅଟେ।'

ଉଲ୍ଲେଖନୀୟ ଯେ, ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୯୮.୮୧ ପ୍ରତିଶତ ଭୋଟ ଗଣତି ସରିବା ବେଳକୁ ବୋଲସୋନାରୋ ୪୭.୨୪ ପ୍ରତିଶତ ଏବଂ ଲୁଲା ୪୪.୯୧ ପ୍ରତିଶତ ଭୋଟ ହାସଲ କରିଥିଲେ। ଏହି ପ୍ରଥମ ପର୍ଯ୍ୟାୟରେ, ଦକ୍ଷିଣପନ୍ଥୀ ପ୍ରାର୍ଥୀ ବୋଲସୋନାରୋ ବର୍ତ୍ତମାନର ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭାଙ୍କ ଠାରୁ ଆଗରେ ରହିଥିଲେ। ତଥାପି ସିଧାସଳଖ ବିଜୟ ପାଇଁ ଆବଶ୍ୟକ ୫୦ ପ୍ରତିଶତ ଭୋଟ ହାସଲ କରିବାରେ ସେ ବିଫଳ ହୋଇଥିଲେ।

ଉଭୟ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନୀ ମୁକାବିଲା ଅକ୍ଟୋବର ୨୫ରେ ଅନୁଷ୍ଠିତ ହେବ। ବ୍ରାଜିଲର ନିର୍ବାଚନ ବ୍ୟବସ୍ଥା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ବିଜୟୀ ହେବା ପାଇଁ ଜଣେ ପ୍ରାର୍ଥୀଙ୍କୁ ମୋଟ ଭୋଟର ୫୦ ପ୍ରତିଶତରୁ ଅଧିକ ଭୋଟ ହାସଲ କରିବାକୁ ପଡ଼ିଥାଏ। ଯେହେତୁ କୌଣସି ପ୍ରାର୍ଥୀ ଏହି ସୀମା ଅତିକ୍ରମ କରିପାରିନାହାନ୍ତି, ତେଣୁ ସେମାନେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ପରସ୍ପରର ମୁକାବିଲା କରିବେ।

ଜ୍ଞାନେଶଙ୍କ ନିଲମ୍ବନ ଦାବିକୁ ଅଗ୍ରାହ୍ୟ

ନୂଆଦିଲ୍ଲୀ : ଏସ୍‌ଆଇଆର ବିବାଦକୁ ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ କୌଣସି ଅନ୍ତରୀଣ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତଙ୍କ ସହମତି ବିନା ଏସ୍‌ଆଇଆର କାର୍ଯ୍ୟକାରୀ କରିବାରେ ଏକଚାଟିଆ ନିଷ୍ପତ୍ତି ନେଇଥିବା କାରଣରୁ ଜ୍ଞାନେଶଙ୍କୁ ତାଙ୍କ ପଦରୁ ନିଲମ୍ବନ କରିବାକୁ ଦାବି କରାଯାଇଥିଲା। ମାତ୍ର ଏପରି ଦାବିକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଛନ୍ତି। ସିଇସି ଭାବେ ଜ୍ଞାନେଶ କୁମାରଙ୍କ କାର୍ଯ୍ୟକଳାପ ବିରୋଧରେ ହୋଇଥିବା ବିଭିନ୍ନ ଅଭିଯୋଗ ଉପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ପୀଠ ସୋମବାର ଶୁଣାଣି କରିଥିଲେ। ଶୁଣାଣି ସମୟରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଭାରତର ନିର୍ବାଚନ ଆୟୋଗଙ୍କୁ ନୋଟିସ ଜାରି କରିଛନ୍ତି। ନୋଟିସରେ ଏସ୍‌ଆଇଆର କାର୍ଯ୍ୟକାରୀ କରିବା ଓ ଫର୍ମ-୬ରେ ହୋଇଥିବା ବିବାଦୀୟ ପରିବର୍ତ୍ତନ ସମ୍ପର୍କିତ ନିଷ୍ପତ୍ତିର ରେକର୍ଡକୁ କୋର୍ଟରେ ଉପସ୍ଥାପନ କରିବାକୁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରେକର୍ଡ ଯାଞ୍ଚ ପରେ ଏସ୍‌ଆଇଆର ଓ ଅନ୍ୟାନ୍ୟ ନିଷ୍ପତ୍ତି ଏକଚାଟିଆ ଥିଲା ନା ସର୍ବସମ୍ମତି ଥିଲା ତାହା ଜଣାପଡିବ। ରେକର୍ଡ ଯାଞ୍ଚ ପୂର୍ବରୁ କୌଣସି ଗଣମାଧ୍ୟମ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ କହିଛନ୍ତି। ରେକର୍ଡ ଉପସ୍ଥାପନ ପାଇଁ ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦେଇ ନଥିବାରୁ ଆବେଦନକାରୀଙ୍କ ଓକିଲ ଆପତ୍ତି ଉଠାଇଥିଲେ। ଏହା ସତ୍ତ୍ୱେ ସୁପ୍ରିମକୋର୍ଟ ଏଥିପାଇଁ ସମୟ ସୀମା ଧାର୍ଯ୍ୟ କରି ନଥିଲେ।

ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ନୂଆ ଭୋଟର ପଞ୍ଜୀକରଣ ନିମନ୍ତେ ବ୍ୟବହୃତ ଫର୍ମ-୬ରେ ଯେଉଁ ପରିବର୍ତ୍ତନ ହୋଇଛି ତାକୁ ସୁପ୍ରିମକୋର୍ଟ ଅନୁମୋଦନ କରିନାହାନ୍ତି। ମାତ୍ର ରେକର୍ଡ ଯାଞ୍ଚ ପରେ ଏହା ଅଧିକ ସ୍ପଷ୍ଟ ହେବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏସ୍‌ଆଇଆର ନିଷ୍ପତ୍ତି କାର୍ଯ୍ୟକାରୀକୁ ନିର୍ବାଚନ ଆୟୋଗର ଦୁଇ ସଦସ୍ୟ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଜୋଶୀ ବାରମ୍ବାର ବିରୋଧ କରିଥିଲେ। ଏପରି କି ଗତ ୧୦ ମାସ ମଧ୍ୟରେ ଦୁଇ ଆୟୁକ୍ତ ୧୪ଥର ବିରୋଧ କରିଥିଲେ। ସୁପ୍ରିମକୋର୍ଟଙ୍କ ଆଜିର ଏହି ଶୁଣାଣି ଉପରେ ପ୍ରତିକ୍ରିୟା ଦେଇ ବିଜେପି କହିଛି ଯେ ଦେଶ ଗଣତାନ୍ତ୍ରିକ ଉପାୟରେ ଶାସିତ ହେଉଛି। ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ ଦେଶର ସମସ୍ତ ଅନୁଷ୍ଠାନ ସ୍ୱାଧୀନ ଭାବେ କାର୍ଯ୍ୟ କରୁଛନ୍ତି। ଦେଶରେ କୌଣସି ପ୍ରକାର ଭୟ ଓ ଏକଛତ୍ରବାଦର ପରିବେଶ ନାହିଁ। ପ୍ରତ୍ୟେକ ନିଜ ମନର କଥା କହିପାରୁଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଫର୍ମ-୬ର ପରିବର୍ତ୍ତନକୁ ସୁପ୍ରିମକୋର୍ଟ ଅନୁମୋଦନ କରି ନଥିବା କହିବା ପରେ ଜ୍ଞାନେଶ କୁମାରଙ୍କ ନିଷ୍ପତ୍ତି ଏକଚାଟିଆ ଥିବା ସ୍ପଷ୍ଟ ହୋଇଛି।

ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଇସ୍ତଫା ଦାବିରେ ବିରୋଧୀ ମେଣ୍ଟର ସଂସଦ ମାର୍ଚ୍ଚ, ଯୋଗଦେଲେ ୧୯ ଟି ଦଳର ପ୍ରତିନିଧୀ



ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ୧୯ଟି ବିରୋଧୀ ଦଳର ସାଂସଦ 'ସେଭ୍ ଡେମୋକ୍ରାସି ମାର୍ଚ୍ଚ' ବାହାର କରିଛନ୍ତି। ପୁଲିସ ବିରୋଧୀ ସାଂସଦମାନଙ୍କୁ ଆଗକୁ ବଢ଼ିବାକୁ ଅଟକାଇଛି। ଏହାପରେ ସାଂସଦମାନେ ରାସ୍ତାରେ ବସିପଡ଼ିଛନ୍ତି। ଦିଲ୍ଲୀରେ ନୂଆ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହେଉଥିବା ଏହି ମାର୍ଚ୍ଚରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଉପସ୍ଥିତ ଅଛନ୍ତି। ତେବେ ଆପ୍ ଓ ଡିଏମକେ ଏଥିରେ ସାମିଲ ହୋଇନାହାନ୍ତି। ସାଂସଦମାନେ 'ସେଭ୍ ଡେମୋକ୍ରାସି' ବ୍ୟାନର ଧରି ପହଞ୍ଚିଛନ୍ତି ଏବଂ 'ଜ୍ଞାନେଶ କୁମାର ଇସ୍ତଫା ଦିଅ' ନାରା ଦେଉଛନ୍ତି। ସଂସଦ ମାର୍ଗ, ଜନ୍ତରମନ୍ତର ଏବଂ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ବାହାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଇଣ୍ଡିଆ ମେଣ୍ଟ ୨୦୨୫ ଅଗଷ୍ଟ ୧୧ ତାରିଖରେ ମଧ୍ୟ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲା। ଏଥିରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ଶରଦ ପାୱାରଙ୍କ ସମେତ ୨୫ଟି ବିରୋଧୀ ଦଳ ସାମିଲ ହୋଇଥିଲେ। ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ କହିଛନ୍ତି, ''ଯେବେଠାରୁ ଝଓଜ ଘୋଷଣା ହୋଇଛି, ସେବେଠାରୁ ସମାଜବାଦୀ ପାର୍ଟି ଓ ଅଖିଳେଶ ଯାଦବ ଏହାକୁ କଡ଼ା ବିରୋଧ କରୁଛନ୍ତି। ସମଗ୍ର ବିରୋଧୀ ଦଳ ମଧ୍ୟ ଏହାର ବିରୋଧ କରୁଛି। ଅନ୍ୟ ଦୁଇ ନିର୍ବାଚନ କମିଶନର ମଧ୍ୟ ପ୍ରମାଣ କରିଛନ୍ତି ଯେ ଜ୍ଞାନେଶ କୁମାର ନିଜ ଇଚ୍ଛା ଅନୁସାରେ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ଆଇନ ବିରୋଧରେ ନିଷ୍ପତ୍ତି ନେଉଛନ୍ତି। ବିରୋଧୀ ଦଳ ଆରମ୍ଭରୁ ଏହା ବିରୋଧରେ ଥିଲା, ଆଜି ମଧ୍ୟ ଅଛି ଏବଂ ତାଙ୍କୁ ହଟାଇ ନଦେବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ।'' ଇଣ୍ଡିଆ ବ୍ଲକର ମାର୍ଚ୍ଚକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଦିଲ୍ଲୀରେ ସକାଳ ୮ଟାରୁ ଅନେକ ରାସ୍ତାରେ ଟ୍ରାଫିକ୍ ଡାଇଭର୍ଟ କିମ୍ବା ନିୟନ୍ତ୍ରଣ କରାଯାଉଛି। କନଟ୍ ପ୍ଲେସ୍, ପଟେଲ ଚୌକ, ସଂସଦ ମାର୍ଗ ଏବଂ ଜନ୍ତରମନ୍ତର ଆଖପାଖରେ ଟ୍ରାଫିକ୍ ଜାମ୍ ଓ ବ୍ୟାରିକେଡିଂ ହେବାର ସମ୍ଭାବନା ରହିଛି। ଟ୍ରାଫିକ୍ ପୁଲିସ ଲୋକମାନଙ୍କୁ ଜନ୍ତରମନ୍ତର, ସଂସଦ ମାର୍ଗ, ଅଶୋକ ରୋଡ୍ ଏବଂ ଆଖପାଖ ଅଞ୍ଚଳରେ ଅନାବଶ୍ୟକ ଯାତାୟାତରୁ ଦୂରେଇ ରହିବାକୁ ଅପିଲ୍ କରିଛି। ସୁରକ୍ଷା ବ୍ୟବସ୍ଥା ମଧ୍ୟ ବଢ଼ାଇ ଦିଆଯାଇଛି।

● କଂଗ୍ରେସ ନିର୍ବାଚନ ଆୟୋଗ ଉପରେ ୩ଟିଅଭିଯୋଗଆଣିଛି

ମଲ୍ଲିକାର୍ଜୁନ ଖଡ଼ଗେ ଗୋଟିଏ ଦିନ ପୂର୍ବରୁ ଢରେ ଲେଖିଥିଲେ ଯେ କଂଗ୍ରେସ ପାର୍ଟିର ୩ଟି ଦାବି ନେଇ କୌଣସି ସାଲିସ୍ ହେବ ନାହିଁ। ପ୍ରଥମଜ୍ଞାନେଶ କୁମାରଙ୍କ ଇସ୍ତଫା, ଦ୍ୱିତୀୟଝଓଜକୁ ବାତିଲ କରିବା ଏବଂ ତୃତୀୟବାଲଟ୍ ପେପରରେ ନିର୍ବାଚନ କରାଇବା। ଖଡ଼ଗେ ଅଭିଯୋଗ କରିଛନ୍ତି ଯେ ଝଓଜ ଯୋଗୁଁ ୩ କୋଟି ଭୋଟରଙ୍କ ନାମ କଟିଛି।

● ଜ୍ଞାନେଶ କୁମାରଙ୍କୁ ପଦରୁ ହଟିବାକୁ ପଡ଼ିବ

କଂଗ୍ରେସ ନେତା ଉଦିତ ରାଜ କହିଛନ୍ତି, ଜ୍ଞାନେଶ କୁମାରଙ୍କୁ ପଦରୁ ହଟିବାକୁ ହିଁ ପଡ଼ିବ। ଆଜି ନହେଲେ କାଲି ତାଙ୍କୁ ପଦ ଛାଡ଼ିବାକୁ ହେବ। ସେ ଅଭିଯୋଗ କରିଛନ୍ତି ଯେ ସେ ସତ୍ତା କିମ୍ବା ପଦରେ ନଥିବା ସମୟରେ କୋଟି କୋଟି ଲୋକଙ୍କ ଭୋଟ ଅଧିକାର କଥିତ ଭାବେ ଛଡ଼ାଇ ନେବା ଅପରାଧର ଦଣ୍ଡ ତାଙ୍କୁ ଭୋଗିବାକୁ ପଡ଼ିବ। ଏଭଳି ଭାବେ ଗଠିତ ସରକାରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ନିର୍ବାଚନ ଆୟୋଗକୁ ନେଇ ଅଭିଯୋଗ ଓ ଆପତ୍ତି ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏହାର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି। ନିର୍ବାଚନ ଆୟୋଗ କେବଳ ବିଜେପି ପାଇଁ କାମ କରୁଛି ବୋଲି ଅଖିଳେଶ ଅଭିଯୋଗ କରିଛନ୍ତି। ଅଖିଳେଶ ଯାଦବ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗର ଆଭିମୁଖ୍ୟ ଏପରି ଦେଖାଯାଉଛି, ଯେପରି କେବଳ ବିଜେପି ସଦସ୍ୟମାନେ ହିଁ ଭାରତୀୟ ନାଗରିକ ଏବଂ କେବଳ ସେମାନଙ୍କର ଭୋଟ ଦେବାର ଅଧିକାର ରହିଛି। ଏଭଳି ପ୍ରଶ୍ନ ଅନେକ ଥର ସାମ୍ନାକୁ ଆସିଛି ବୋଲି ସେ କହିଛନ୍ତି। RJD ସାଂସଦ ମନୋଜ ଝା କହିଛନ୍ତି ଯେ ଯଦି ଫର୍ମ-୬କୁ ଅନୁମୋଦନ ଦିଆଯାଇନଥିଲା ଏବଂ ଏକତରଫା ନିଷ୍ପତ୍ତିଗୁଡ଼ିକୁ ବାତିଲ କରିବା କଥା କୁହାଯାଇଛି, ତେବେ ଏବେ କୌଣସି ପ୍ରସ୍ତୁତିର ଆବଶ୍ୟକତା ରହିବା କଥା ନୁହେଁ। ମନୋଜ ଝା କହିଛନ୍ତି ଯେ ଜ୍ଞାନେଶ କୁମାରଙ୍କ ଅଧକ୍ଷତାରେ ନିର୍ବାଚନ ନିରପେକ୍ଷ ହୋଇପାରିବ ନାହିଁ। ଇଣ୍ଡିଆ ବ୍ଲକ୍‌ର ସାଂସଦମାନେ ଆଜି ନିର୍ବାଚନ ଆୟୋଗ ଦିଗରେ ମାର୍ଚ୍ଚ କରିବେ ଏବଂ ଦେଶରେ ଗଣତନ୍ତ୍ରର ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସାଂସଦ ବିଜୟ କୁମାର ହାଁସଦକ କହିଛନ୍ତି ଯେ ଦୀର୍ଘ ସମୟ ଧରି ନିର୍ବାଚନ ଆୟୋଗର ଭୂମିକା ପ୍ରଶ୍ନ ଘେରରେ ରହିଛି। ସେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାରେ ସିଷ୍ଟମ ଏବଂ ସୁରକ୍ଷା ବଳର ଅପବ୍ୟବହାର କରାଯାଇଛି ଏବଂ ଲୋକଙ୍କ ଭୋଟ ଦେବା ଅଧିକାରକୁ ପ୍ରଭାବିତ କରାଯାଇଛି। ହାଁସଦକ ଦାବି କରିଛନ୍ତି ଯେ ଅନେକ ରାଜ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରି ବିଜେପି ସପକ୍ଷରେ କରାଯାଇଛି। ନିର୍ବାଚନ ଆୟୋଗରେ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଏବେ କେବଳ ବିରୋଧୀ ଦଳ ନୁହେଁ, ବରଂ ଆୟୋଗ ଭିତରୁ ମଧ୍ୟ ପ୍ରଶ୍ନ ଉଠୁଛି ବୋଲି ସେ କହିଛନ୍ତି। ଇଣ୍ଡିଆ ବ୍ଲକ୍‌ର ପ୍ରସ୍ତାବିତ ପ୍ରଦର୍ଶନ ପୂର୍ବରୁ ତାଙ୍କର ଏହି ବୟାନ ସାମ୍ନାକୁ ଆସିଛି।

ରୁଷ୍‌ରେ ନ୍ୟୁମୋନିକ୍ ପ୍ଲେଗ୍, ସଙ୍ଗରୋଧରେ ୨ ଶହରୁ ଅଧିକ

ମସ୍କୋ: ରୁଷିଆର ସାଇବେରିଆ ଅନ୍ତର୍ଗତ ଇରକୁଟସ୍କରେ ନ୍ୟୁମୋନିକ୍ ପ୍ଲେଗ୍‌ରେ ଜଣେ ୨୮ ବର୍ଷୀୟା ମହିଳା ଲ୍ୟାବ୍ ଟେକ୍ନିସିଆନ୍‌ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଞ୍ଚଟି ହସ୍ପିଟାଲକୁ ବନ୍ଦ କରିଦିଆଯାଇଛି ଏବଂ ୨୦୦ରୁ ଅଧିକ ଲୋକଙ୍କୁ ସଙ୍ଗରୋଧ (କ୍ୱାରେଣ୍ଟାଇନ୍) କରାଯାଇଛି। ଏହି ମାମଲାଟି ସେଲେଖଭରେ ଥିବା ଆଣ୍ଟି-ପ୍ଲେଗ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଘଟିଛି। ମୃତକଙ୍କ ନାମ ଡାରିଆ ସିପିଲୋଭା। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶିପିଲୋଭା ହସ୍ପିଟାଲର ଡାକ୍ତରୀ କର୍ମଚାରୀଙ୍କୁ କହିଥିଲେ ଯେ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିବା ସମୟରେ ସେ ଭୁଲ୍‌ବଶତଃ ଜୀବନ୍ତ ୟର୍ସିନିଆ ପେଷ୍ଟିସ୍ ବ୍ୟାକ୍ଟେରିଆ ଥିବା ଏକ ଟେଷ୍ଟ ଟ୍ୟୁବ୍ ଭାଙ୍ଗି ଦେଇଥିଲେ। ଏହି ସମୟରେ ସେ ନ୍ୟୁମୋନିକ୍ ପ୍ଲେଗ୍‌ରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଡାରିଆ ସିପିଲୋଭାଙ୍କଠାରେ ସେପ୍ଟେମ୍ବର ୨୯ ତାରିଖରେ ଗୁରୁତର ନ୍ୟୁମୋନିକ୍ ପ୍ଲେଗ୍‌ର ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଚିକିତ୍ସା ଲାଗି ସେଲେଖଭରେ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଆହୁରି ଖରାପ ହେବା ପରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଚିକିତ୍ସା ସମୟରେ ତାଙ୍କର କିଛିଦିନ ତଳେ ମୃତ୍ୟୁ ହୋଇଥିଲା।


ଯାତ୍ରୀଙ୍କୁ ବଡ଼ ଝଟକା, ଆଜି ରାତିରୁ ମହଙ୍ଗା ହେବ ଇଣ୍ଡିଗୋ ବିମାନ ଭଡ଼ା



ନୂଆଦିଲ୍ଲୀ,: ବିମାନ ଇନ୍ଧନ(ଏଟିଏଫ୍) ମୂଲ୍ୟରେ କ୍ରମାଗତ ବୃଦ୍ଧି ହେତୁ ଇଣ୍ଡିଗୋ ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍ ବିମାନ ଯାତ୍ରା ଉପରେ ଇନ୍ଧନ ଶୁଳ୍କ (ଫ୍ୟୁଏଲ ଚାର୍ଜ) ବଢ଼ାଇବାକୁ ସୋମବାର ଘୋଷଣା କରିଛି। ଏହାଦ୍ୱାରା ଜାତୀୟ ସ୍ତରରେ ଇଣ୍ଡିଗୋ ବିମାନ ଭଡ଼ା ବୃଦ୍ଧି ପାଇବାକୁ ଯାଉଛି। ଯେକୌଣସି ଭାରତୀୟ ବିମାନ ସେବା ସଂସ୍ଥାର ପରିଚାଳନା ଖର୍ଚ୍ଚର ପ୍ରାୟ ୪୦ ପ୍ରତିଶତ କେବଳ ଏଟିଏଫ୍ ପାଇଁ ଖର୍ଚ୍ଚ ହୋଇଥାଏ। ଦିଲ୍ଲୀରେ ଜୁଲାଇରୁ ଏଟିଏଫ୍ ମୂଲ୍ୟ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇ ଲିଟର ପିଛା ପ୍ରାୟ ୧୧୦ ରୁ ୧୩୭ ଟଙ୍କାରେ ପହଞ୍ଚିଛି, ଯେଉଁଥିରେ କେବଳ ଚଳିତ ଅକ୍ଟୋବର ମାସରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି। ଇଣ୍ଡିଗୋ ଦ୍ୱାରା ସୋମବାର ଘୋଷଣା କରାଯାଇଥିବା ଏହି ସଂଶୋଧିତ ଇନ୍ଧନ ଶୁଳ୍କ ମଙ୍ଗଳବାର ରାତି ୦୦:୦୧ ଟାରୁ କରାଯାଉଥିବା ସମସ୍ତ ଟିକେଟ ବୁକିଂ ଉପରେ ଲାଗୁହେବ। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହି ସରଚାର୍ଜ ଲାଗୁ କରାଯିବା ପରଠାରୁ ଇଣ୍ଡିଗୋର ଇନ୍ଧନ ଶୁଳ୍କରେ ଏହା ହେଉଛି ଦ୍ୱିତୀୟ ସଂଶୋଧନ।

ଅକ୍ଷର
AKHYARA ODISHA ଓଡ଼ିଶା

କଫ୍ ସିରପରେ ନାହିଁ ହାନିକାରକ ପଦାର୍ଥ, ତଥାପି ରୁହନ୍ତୁ ସାବଧାନ



ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ କଫ୍ ସିରପ୍ ବା କାଶ ଔଷଧ ଯାଗୁଁ ୧୨ ଶିଶୁଙ୍କ ମୃତ୍ୟୁ ହେବା ଉପରେ ସ୍ୱଷ୍ଟୀକରଣ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । କଫ୍ ସିରପ୍ ନମୂନାରେ ଡାୟଥିଲିନ ଗ୍ଲାଇକାଲ୍ (ଡିଇଜି) ବା ଏଥିଲିନ୍ ଗ୍ଲାଇକାଲ୍ (ଇଜି) ଭଳି କିଛି କ୍ଷତିକାରକ ରାସାୟନିକ ପଦାର୍ଥ ନ ଥିବା ସ୍ୱଷ୍ଟ କରିଛି ସ୍ୱାସ୍ଥ୍ୟ ବିଭାଗ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ରାଷ୍ଟ୍ରୀୟ ରାଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡିସି), ରାଷ୍ଟ୍ରୀୟ ବିଷାଣୁ ବିଜ୍ଞାନ ସଂସ୍ଥା (ଏନ୍ଆଇଭି), କେନ୍ଦ୍ର ଔଷଧମାନକ ନିୟନ୍ତ୍ରଣ ସଂଗଠନ (ସିଜିଏସସିଓ) ଏବଂ ରାଜ୍ୟ ଅଧିକାରୀ ମାନଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ କଫ୍ ସିରପ ନମୂନା ସଂଗ୍ରହ କରିଥିଲେ । ରିପାର୍ଟରୁ ସ୍ୱଷ୍ଟ ହାଇଛି ଯେ ଡାୟଥିଲିନ ଗ୍ଲାଇକାଲ୍ କିମ୍ବା ଏଥିଲିନ୍ ଗ୍ଲାଇକାଲ୍ ସେଥିରୁ ମିଳିନାହିଁ। ଯାହା କିଡନୀକୁ ଗଭୀର ଭାବରେ କ୍ଷତି ପହଁଚାଇଥାଏ । କେବଳ ସେତିକି ନୁହେଁ ମଧ୍ୟ ପ୍ରଦେଶର ରାଜ୍ୟ ଖାଦ୍ୟ ଓ ଔଷଧ ପ୍ରଶାସନ ମଧ୍ୟ ତିନାଟି ନମୂନାରେ ଏପରି କିଛି ପାଇନଥିବା ସ୍ୱଷ୍ଟ କରିଛି । ତେବେ ଏନଆଇବି ପୁଣେରେ ହାଇଥିବା ପରୀକ୍ଷଣରେ ଲେପ୍ଟାସ୍ପାୟରାସିସ୍ ମିଳିଛି । ଏହା ସହିତ ପାଣି, ମଶା ଏବଂ ବିଭିନ୍ନ ସଂକ୍ରମଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏନସିଡିସି, ଏନ୍ଆଇଭି, ସିଜିଏସସିଓ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରନ୍ତର ପରୀକ୍ଷଣ ଜାରି ରହିଛି । ତଥାପି ଶିଶୁ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ମାତ୍ର ରାଜସ୍ଥାନରେ ହାଇଥିବା ଶିଶୁ ମୃତ୍ୟୁ କାରଣ କଫ୍ ସିରପ୍ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱୀକାର କରିଛି । ସେହି କଫ୍ ସିରପରେ ଡେକ୍ସଟ୍ରାମେଥାରଫାନ ଆଧାରିତ ଫର୍ମୁଲେସନ ବ୍ୟବହାର କରାଯାଇଛି । ଯାହାକି ଶିଶୁଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ନୁହେଁ ।

ସେପଟେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟକୁ ସତର୍କ ସୂଚନା ଜାରି କରିଛି । ୫ ବର୍ଷରୁ କମ୍ ଶିଶୁଙ୍କୁ କଫ୍ ସିରପ୍ ଦେଉଥିଲେ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ଦୁଇ ବର୍ଷରୁ କମ୍ ଶିଶୁଙ୍କୁ କାଶ ଏବଂ ଥଣ୍ଡା ମେଡ଼ିସିନ ବିଲକୁଲ ନ ଦେବାକୁ ପରାମର୍ଶ ଦିଆଯାଇଛି । ପ୍ରଥମେ ବିକଳ୍ପ ଉପାୟ ଅବଲମ୍ବନ କରନ୍ତି ଏବଂ ପିଲାଙ୍କୁ ପ୍ରଚୁର ପାଣି ଦେବାକୁ ନିର୍ଦ୍ଦେଶ ରହିଛି । ଏହା ସହିତ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ କ୍ଲିନିକରେ ଗୁଡ୍ ମାନ୍ୟୁଫାକ୍ଚରିଂ ପ୍ରାକ୍ଟିସ୍ (ଜିଏମପି) ଅଧିନରେ ପ୍ରସ୍ତୁତ ଏବଂ ସୁରକ୍ଷିତ ମେଡ଼ିସିନ୍ ଦେବାକୁ ପରାମର୍ଶ ଦିଆଯାଇଛି । ଏହା ସହିତ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ମଧ୍ୟ ସତର୍କ ରହିବାକୁ କୁହାଯାଇଛି ।

ସ୍ୱଷ୍ଟ କଲା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

ଗର୍ଭରୁ ଜଣାପଡ଼ିବ ରୋଗ



ଚିକିତ୍ସା ବିଜ୍ଞାନରେ ଏବେ ବଡ଼ ଉପଲବ୍ଧି । ଆଶ୍ଚର୍ଯ୍ୟ ହେଲେ ବି ସତ । ଏଣିକି ଗର୍ଭରୁ ଜଣାପଡ଼ିବ ରୋଗର ଲକ୍ଷଣ । ତାକୁ ନେଇ ବଡ଼ କୁଲାସା କରିଛନ୍ତି ବିଶେଜ୍ଞଦଳ । ଥାଲାସେମିଆ ଓ ରକ୍ତଶିକୁଳି ରୋଗ ବଂଶଗତ ହୋଇଥିବାରୁ ଗର୍ଭାବସ୍ଥାରେ ପ୍ରସୂତିଙ୍କ କୋରିଓନିକ୍ ଭିଲସ୍ ସାମ୍ପଲିଂ(ସିଭିଏସ୍) ପରୀକ୍ଷା ମାଧ୍ୟମରେ ଏହି ରୋଗର ଚିହ୍ନଟ କରି ଭ୍ରୂଣ ନଷ୍ଟ କରିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏସ୍ସିବି ମେଡିକାଲ କଲେଜର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ କୋରିଓନିକ୍ ଭିଲସ୍ ସାମ୍ପଲିଂ(ସିଭିଏସ୍) ପରୀକ୍ଷା ମାଧ୍ୟମରେ ମୋଟ ୨୦୦ ପ୍ରସୂତିଙ୍କ ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୦ ଜଣ ପ୍ରସୂତିଙ୍କ ଗର୍ଭସ୍ଥ ଶିଶୁ ଥାଲାସେମିଆ ଓ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ଫଳରେ ବିଭାଗ ପକ୍ଷରୁ ଭ୍ରୂଣ ନଷ୍ଟ କରାଯାଇଛି । ଥାଲାସେମିଆ ରୋଗୀର ରକ୍ତରେ ହିମୋଗ୍ଲୋବିନ୍ ପରିମାଣ କମିଯାଏ । ଯେଉଁମାନଙ୍କ ଜିନ୍‌ରେ ଏହି ରୋଗ ଅଳ୍ପ ମାତ୍ରାରେ ରହିଥାଏ ସେମାନଙ୍କୁ ଥାଲାସେମିଆ ମାଇନର୍ କୁହାଯାଏ । କିନ୍ତୁ ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ଥାଲାସେମିଆ ମାଇନର୍ ହୋଇଥାନ୍ତି ତେବେ ସେମାନଙ୍କ ଗର୍ଭସ୍ଥ ଶିଶୁ ଥାଲାସେମିଆରେ ପୀଡ଼ିତ ହେବାର ସମ୍ଭାବନା ଥାଏ । ଗର୍ଭବତୀ ମହିଳାଙ୍କ ଗର୍ଭର ପ୍ରଥମ ମାସରେ ଏଚ୍ପିଏଲ୍ସି ବା ହାଇ ପରଫର୍ମାନ୍ସ ଲିକ୍ୟୁଡି କ୍ରୋମାଟୋଗ୍ରାଫି ରକ୍ତ ପରୀକ୍ଷା ଆରମ୍ଭ ହୋଇଛି । ଯଦି ମହିଳାଙ୍କ ଜିନ୍‌ରେ ସମସ୍ୟା ଥାଏ ତେବେ ତାଙ୍କ ସ୍ୱାମୀଙ୍କ ରକ୍ତ ମଧ୍ୟ ଏଚ୍ପିଏଲ୍ସି ଦ୍ୱାରା ପରୀକ୍ଷା କରାଯାଉଛି । ଯଦି ଉଭୟଙ୍କ ଜିନ୍‌ରେ ଏହି ଦୋଷ ଥାଏ ତେବେ ଗର୍ଭସ୍ଥ ଶିଶୁର ଅବସ୍ଥା ଜାଣିବା ପାଇଁ କୋରିଓନିକ୍ ଭିଲସ୍ ସାମ୍ପଲିଂ(ସିଭିଏସ୍) ପରୀକ୍ଷା କରାଯାଉଛି । ଏସ୍ସିବି ମେଡିକାଲ କଲେଜର ତଥ୍ୟ ମୁତାବକ, ପଶ୍ଚିମ ଓଡ଼ିଶାରୁ ଆସୁଥିବା ପ୍ରସୂତି ମହିଳାଙ୍କ ଗର୍ଭରେ ଥିବା ଶିଶୁଙ୍କ ରକ୍ତଶିକୁଳି ରୋଗ ଚିହ୍ନଟ ହୋଇଥିବା ବେଳେ ଉପକୂଳ ଜିଲ୍ଲାର ପ୍ରସୂତିଙ୍କ ଥାଲାସେମିଆ ଚିହ୍ନଟ ହେଉଛି । ଘରୋଇ ଡାକ୍ତରଖାନାରେ ଏଥିପାଇଁ ପାଖାପାଖି ୩୦ରୁ ୪୦ ହଜାର ଟଙ୍କା ସିଭିଏସ୍ ପାଇଁ ଖର୍ଚ୍ଚ ହେଉଥିବା ବେଳେ ଏସ୍ସିବି ଓ ଭିମ୍ସାରରେ ଏହି ପରୀକ୍ଷା ମାଗଣାରେ ଆରମ୍ଭ ହୋଇଥିବା ଏସ୍ସିବି ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସସ୍ମିତା ସାଇଁ ସୂଚନା ଦେଇଛନ୍ତି ।

ଠିଆ ହୋଇ ପାଣି ପିଇବା ଦ୍ୱାରା କି କି କ୍ଷତି ହୋଇଥାଏ...

ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଶରୀର କେବଳ ହାଇଡ୍ରେଟ୍ ରହିଥାଏ ତାହା ନୁହେଁ , ବରଂ ଶରୀରର ଅନ୍ୟାନ୍ୟ ଅଙ୍ଗଗୁଡ଼ିକୁ ମଧ୍ୟ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ। ଦୈନନ୍ଦିନ ଜୀବନରେ, ଲୋକମାନେ ସେମାନଙ୍କର ଆବଶ୍ୟକତା ଏବଂ ଅଭ୍ୟାସ ଅନୁସାରେ ପାଣି ପିଇ ଥାନ୍ତି। କିଛି ଲୋକ ବସି ଆରାମରେ ପାଣି ପିଇଥାନ୍ତି, ଆଉ କିଛି ଲୋକ ଶୀଘ୍ର ଶାଷ ମେଣ୍ଟାଇବା ପାଇଁ ଫ୍ରିଜ୍‌ରୁ ସିଧା ବାତଲ କାଢ଼ି ଠିଆ ହାଇ ପିଇବା ଆରମ୍ଭ କର ଦିଅନ୍ତି। ଆପଣ ମଧ୍ୟ ଏମିତି ଅନେକ ଥର କରିଥାଇ ପାରନ୍ତି। ଏଥିରେ ପ୍ରଶ୍ନ ଉଠେ - ଆପଣଙ୍କୁ ବଡ଼ ଲୋକମାନେ କେବେ ଠିଆ ହାଇ ପାଣି ପିଇବା ପାଇଁ ଆପଣଙ୍କୁ ତାଗିଦ କରିଛନ୍ତି କି ? ଅଧିକାଂଶ ଲୋକ ଏହି ପ୍ରଶ୍ନରେ ସହମତ ହେବେ। ଏହା ବିଶ୍ୱାସ କରାଯାଏ ଯେ, ଠିଆ ହାଇ ପାଣି ପିଇବା ଆଣ୍ଠୁ ପାଇଁ କ୍ଷତିକାରକ ହାଇଥାଏ।

ଠିଆ ହାଇ ପାଣି ପିଇଲେ କଣ ହୁଏ କ୍ଷତି ?

▲ ପାଚନ ଉପରେ ପ୍ରଭାବ

ଠିଆ ହାଇ ପାଣି ପିଇବା ସମୟରେ ପାଣି ଖୁବ୍ ଜାରରେ ଭାଜନ ନଳୀ ଦେଇ ପେଟକୁ ଚାଲିଯାଏ, ଯେଉଁଥିରେ ପାଚନ ପ୍ରକ୍ରିୟାରେ ବାଧା ଉପୁଜି ଥାଏ, ଯାବା ବଦହଜମୀ ବା ଗ୍ୟାସ ସମସ୍ୟାର କାରଣ ହାଇପାରେ।

▲ ଗଣ୍ଠି ଯନ୍ତ୍ରଣାର କାରଣ

ଯେତେବେଳେ ଆମେ ଠିଆ ହାଇ ପାଣି ପିଅନ୍ତି, ଏହା ଶିରା ଗୁଡ଼ିକରେ ଚାପ ସୃଷ୍ଟି କରେ , ଯାହା ତରଳ ପଦାର୍ଥ ସନ୍ତୁଳନକୁ ବାଧା ଦିଏ । ଏହା ସମୟ ସହ ସନ୍ଧିରେ ତରଳ ପଦାର୍ଥ ଜମା କରିପାରେ। ଯାହା ଭବିଷ୍ୟତରେ ଗଣ୍ଠି ଯନ୍ତ୍ରଣାର କାରଣ ହାଇପାରେ।

▲ ଅବଶୋଷଣର ଅଭାବ

ଡାକ୍ତର ବିପୁଲ ରୁସ୍ତଗୀ କହିଛନ୍ତି ଯେ, ଯେତେବେଳେ ଆମେ ଠିଆ ହାଇ ପାଣି ପିଅନ୍ତି, ତ ଆବଶ୍ୟକ ପାଷକ ତତ୍ତ୍ୱ ଓ ଭିଟାମିନ ଲିଭର ଓ ପାଚନ ତନ୍ତ୍ର ଯାଏ ପହଞ୍ଚି ପାରେ ନାହିଁ।

ଏହିପରି ସମସ୍ୟା ହେଲେ, ଝଡ଼ିଯାଏ ମୁଣ୍ଡର ସମସ୍ତ କେଶ





ଆଜିକାଲି କେଶ ଝଡ଼ିବା ମହିଳାମାନଙ୍କ ମଧ୍ୟରେ ଏକ ସାଧାରଣ ସମସ୍ୟା ହୋଇଗଲାଣି । କେଶ ଝଡିବା ଦ୍ୱାରା ଆମ ଆତ୍ମବିଶ୍ୱାସ ମଧ୍ୟ ପ୍ରଭାବିତ ହାଇଥାଏ । ଲୋକମାନେ ଚିନ୍ତା କରନ୍ତି ଯେ କେଶ ଝଡ଼ିବାର ଏକମାତ୍ର କାରଣ ହେଉଛି ଜଳବାୟୁ, ଚାପ କିମ୍ବା ହରମୋନ, କିନ୍ତୁ ଏହାର ପ୍ରକୃତ ସତ୍ୟ ହେଉଛି ଯେ ଶରୀରରେ ପୁଷ୍ଟିକର ଅଭାବ । ଯଦି ଶରୀରକୁ ଆବଶ୍ୟକୀୟ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ନ ମିଳେ, ତେବେ କେଶ ମୂଳ ଦୁର୍ବଳ ହୋଇଯାଏ ଏବଂ କେଶ ମଝିରୁ ଭାଙ୍ଗିବା କିମ୍ବା ପତଳା ହେବା ଆରମ୍ଭ ହୁଏ ।

୧. ଆଇରନ ଅଭାବ

ଆଇରନ ରକ୍ତରେ ଅମ୍ଳଜାନ ବହନ କରିବାର କାମ କରେ। ଏହାର ଅଭାବ ଯାଗୁଁ, ଅମ୍ଳଜାନ କେଶ ମୂଳରେ ପହଞ୍ଚିପାରେ ନାହିଁ ଏବଂ କେଶ ଦୁର୍ବଳ ହେବା ଆରମ୍ଭ କରେ। କଣ କରିବେ- ସବୁଜ ପନିପରିବା, ପାଳଙ୍ଗ ଶାଗ, ଡାଲି ଏବଂ ଡାଳିମ୍ବ ଖାଆନ୍ତୁ। ଆବଶ୍ୟକ ହେଲେ, ଡାକ୍ତରଙ୍କ ପରାମର୍ଶରେ ଆପଣ ଆଇରନ ଔଷଧ ମଧ୍ୟ ଖାଇପାରିବେ।

୨. ଭିଟାମିନ୍ ଡି ଅଭାବ

ଭିଟାମିନ୍ ଡି ନୂଆ କେଶ ବଢ଼ିବାରେ ସାହାଯ୍ୟ କରେ। ଏହାର ଅଭାବରେ କେଶ ପତଳା ହୁଏ ଏବଂ ଝଡ଼ିଯାଏ। କଣ କରିବେ - ପ୍ରତିଦିନ ୧୫-୨୦ ମିନିଟ୍ ପାଇଁ ସୂର୍ଯ୍ୟ କିରଣରେ ବସିବେ। ଅଣ୍ଡା, କ୍ଷୀର ଏବଂ ମାଛ ଖାଆନ୍ତୁ।

୩. ଜିଙ୍କ୍ ଅଭାବ

ଜିଙ୍କ୍ କେଶ ମୂଳକୁ ମଜବୁତ ରଖେ। ଏହାର ଅଭାବରେ କେଶ ଝଡ଼ିଯାଏ ଏବଂ ଶୀଘ୍ର ବଢ଼ି ନଥାଏ। କଣ କରିବେ - କଖାରୁ ମଞ୍ଜି, ବାଦାମ, ଡାଲି ଏବଂ କ୍ଷୀର ନିଜ ଖାଦ୍ୟରେ ସାମିଲ କରନ୍ତୁ।

୪. ପ୍ରାଟିନ୍ ଅଭାବ

କେଶ ମୁଖ୍ୟତଃ କେରାଟିନ୍ ନାମକ ଏକ ପ୍ରାଟିନ୍ ରୁ ଗଠିତ। ଯଦି ଏହା କମ୍ ପ୍ରାଟିନ୍ ଥାଏ, ତେବେ କେଶ ଭାଙ୍ଗି ପତଳା ହେବାକୁ ଲାଗେ।

କଣ କରିବେ - ଅଣ୍ଡା, ପନିର, ସାୟା ଏବଂ ଡାଲି ଖାଆନ୍ତୁ।

୫. ବାୟାଟିନ୍ (ଭିଟାମିନ୍ ବି-୭) ଅଭାବ

ବାୟାଟିନ୍ କେଶକୁ ମଜବୁତ ଏବଂ ଘନ କରିଥାଏ। ଏହାର ଅଭାବରେ କେଶ ପତଳା ଏବଂ ଦୁର୍ବଳ ହାଇଯାଏ।

କଣ କରିବେ - ମିଠା ଆଳୁ, ବାଦାମ ଖାଆନ୍ତୁ।

୬. ଭିଟାମିନ୍ ବି-୧୨ ଅଭାବ

ବି-୧୨ ଲାଲ ରକ୍ତ କାଷ ସୃଷ୍ଟି କରେ, ଯାହା କେଶକୁ ଅମ୍ଳଜାନ ବହନ କରେ। ଯଦି ଏଗୁଡ଼ିକର ଅଭାବ ଥାଏ, ତେବେ କେଶ ପତଳା ହାଇଯାଏ।

କ'ଣ କରିବେ- କ୍ଷୀର ଏବଂ ଅଣ୍ଡା ଖାଆନ୍ତୁ। ଶାକାହାରୀ ମହିଳାମାନେ ଡାକ୍ତରଙ୍କଠାରୁ ସପ୍ଲିମେଣ୍ଟ୍ ନେବା ଉଚିତ।

୭. ଓମେଗା-୩ ଏବଂ ଭିଟାମିନ୍ ଇ ଅଭାବ

ଏହି ଉଭୟ ପୁଷ୍ଟିକର ପଦାର୍ଥ ମୁଣ୍ଡକୁ ପାଷଣ ଦିଅନ୍ତି। ଯଦି ଏହାର ଅଭାବ ହୁଏ, ତେବେ କେଶ ଶୁଷ୍କ ହାଇଯାଏ ଏବଂ କେଶ ଝଡ଼ିବାକୁ ଲାଗେ।

କ'ଣ କରିବେ- ଅଖରାଟ, ବାଦାମ ଏବଂ ଆଭାକାଡା ଖାଆନ୍ତୁ।

ବିଶେଷଜ୍ଞମାନେ କ'ଣ କୁହନ୍ତି ଚର୍ମରାଗ ବିଶେଷଜ୍ଞମାନେ କୁହନ୍ତି ଯେ କେଶ ଝଡ଼ିବାର ସବୁଠାରୁ ବଡ଼ କାରଣ ହେଉଛି ପୁଷ୍ଟିକର ଅଭାବ, ଯାହାକୁ ସଠିକ୍ ଖାଦ୍ୟ ଏବଂ ସପ୍ଲିମେଣ୍ଟ୍ ସହିତ ପୂରଣ କରାଯାଇପାରିବ। ମହିଳାଙ୍କ କେଶ ଝଡ଼ିବାର ପ୍ରମୁଖ କାରଣ ହେଉଛି ଶରୀରରେ ପୁଷ୍ଟିକର ଅଭାବ। ଯଦି ସଠିକ୍ ଖାଦ୍ୟ ଗ୍ରହଣ କରାଯାଏ ଏବଂ ଆବଶ୍ୟକୀୟ ଭିଟାମିନ୍ ଏହା ସହିତ ଖଣିଜ ପଦାର୍ଥ ପୂରଣ କରାଯାଏ, ତେବେ କେଶ ମଜବୁତ ଏବଂ ସୁସ୍ଥ ରହିପାରିବ।

ଘରୋଇ ଚିକିତ୍ସା

ପ୍ରତିଦିନ ଅଦା ସେବନ କଲେ କି ଉପକାର ମିଳେ...



୧. ହଜମ ପ୍ରକ୍ରିୟାରେ ଉନ୍ନତି: ଅଦାରେ 'ଜିଞ୍ଜେରୋଲ୍' ନାମକ ଏକ ତତ୍ତ୍ୱ ଥାଏ, ଯାହା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ୬୦ ଦିନ ଧରି ଅଦା ଖାଇବା ଦ୍ୱାରା ଗ୍ୟାସ୍, ବଦହଜମି ଏବଂ ପେଟ ଫୁଲିବା ଭଳି ସମସ୍ୟା ଦୂର ହୁଏ । ଏହା ପାକସ୍ଥଳୀରେ ଥିବା ଏନଜାଇମ ଗୁଡ଼ିକୁ ସକ୍ରିୟ କରିଥାଏ ।

୨. ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି: ଅଦାରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଭାଇରାଲ୍ ଗୁଣ ରହିଛି । ପ୍ରତିଦିନ ଅଦା ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଏହା ଥଣ୍ଡା, କାଶ ଏବଂ ଋତୁକାଳୀନ ଜ୍ୱରରୁ ରକ୍ଷା କରିବାରେ ସାହାଯ୍ୟ କରେ । ୬୦ ଦିନ ପରେ ଆପଣ ଅନୁଭବ କରିବେ ଯେ ଆପଣ ଶୀଘ୍ର ଅସୁସ୍ଥ ହେଉନାହାନ୍ତି ।

୩. ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି: ଅଦାରେ ପ୍ରଦାହ ବିରୋଧୀ ଗୁଣ ଥାଏ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ବା ଗଣ୍ଠି ଯନ୍ତ୍ରଣା ରହିଛି, ସେମାନଙ୍କ ପାଇଁ ଅଦା ଅତ୍ୟନ୍ତ ଲାଭଦାୟକ । ଲଗାତାର ଦୁଇ ମାସ ଅଦା ସେବନ କରିବା ଦ୍ୱାରା ଶରୀରର ଯନ୍ତ୍ରଣା ଏବଂ ମାଂସପେଶୀର କଠିନତା ହ୍ରାସ ପାଇଥାଏ ।

୪. ଓଜନ ହ୍ରାସ ଏବଂ ମେଟାବୋଲିଜିମ୍: ଡାଏଟିସିଆନଙ୍କ ଅନୁଯାୟୀ, ଅଦା ମେଟାବୋଲିଜିମ୍ ବଢ଼ାଇବାରେ ସାହାଯ୍ୟ କରେ। ଏହା ଶରୀରରୁ ଅତିରିକ୍ତ ଚର୍ବି କମାଇବାରେ ସହାୟକ ହୋଇଥାଏ । ଯଦି ଆପଣ ଓଜନ କମାଇବାକୁ ଚାହୁଁଛନ୍ତି, ତେବେ ସକାଳେ ଅଦା ପାଣି ପିଇବା ୬୦ ଦିନ ମଧ୍ୟରେ ଉଲ୍ଲେଖନୀୟ ପରିଣାମ ଦେଇଥାଏ ।

୫. କୋଲେଷ୍ଟ୍ରଲ ଏବଂ ହୃଦୟ ସ୍ୱାସ୍ଥ୍ୟ: ପ୍ରତିଦିନ ଅଦା ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥାଏ । ଏହା ରକ୍ତ ସଞ୍ଚାଳନକୁ ଠିକ୍ ରଖେ ଏବଂ ରକ୍ତ ଜମାଟ ବାନ୍ଧିବାକୁ ଦିଏ ନାହିଁ, ଯାହା ହୃଦଘାତର ଆଶଙ୍କାକୁ କମ କରିଥାଏ ।

୬. ମହିଳାଙ୍କ ପାଇଁ ଲାଭଦାୟକ: ମାସିକ ଧର୍ମ ସମୟରେ ହେଉଥିବା ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅଦା ଏକ ପ୍ରାକୃତିକ ଔଷଧ । ଏହା ଯନ୍ତ୍ରଣା ନାଶକ ବଟିକା ଭଳି କାମ କରେ କିନ୍ତୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ।

୭. ରକ୍ତରେ ଶର୍କରା ନିୟନ୍ତ୍ରଣ: ଅଦା ଇନସୁଲିନ୍ ସେନସିଟିଭିଟିରେ ଉନ୍ନତି ଆଣିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

ଉପସ୍ଥାପନା: ମୋନାଲିସା ରାଉତ

ଅଧିକ ଗ୍ରୀନ ଟି' ହୋଇପାରେ କିଡନୀ ରୋଗର କାରଣ

ଅଧିକାଂଶ ଲାକଙ୍କର ସକାଳୁ ଚା ପିଇବାର ଅଭ୍ୟାସ ଥାଏ । ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ସକାଳୁ ଖାଲି ପେଟରେ ଚା ପିଇବା ଶରୀର ପକ୍ଷେ ଆଦୌ ହିତକାରକ ହାଇନଥାଏ । ବିଶେଷକରି କ୍ଷୀର କି ଅମୂଳ ଚା ପିଇବା ଆଦୌ ଭଲ ହାଇନଥାଏ । ଏହା ପରିବର୍ତ୍ତେ କେହି କେହି ଗ୍ରୀନ ଟି ପିଇବାକୁ ପରାମର୍ଶ ଦେଇଥାନ୍ତି । କିନ୍ତୁ ଯେ କୌଣସି ଖାଦ୍ୟପେୟକୁ ଦରକାର ଠାରୁ ଅଧିକ ସେବନ ଆପଣଙ୍କ ଶରୀରକୁ ହାନି ପହଂଚାଇଥାଏ। ସେହିପରି ଯଦି ଆପଣ ଅତ୍ୟଧିକ ଗ୍ରୀନ ଟି ପିଉଛନ୍ତି , ତେବେ ଏହା ଆପଣଙ୍କ ଶରୀରକୁ ଅଧିକ କ୍ଷତି ପହଂଚାଇବାର ସମ୍ଭାବନା ରହିଛି ।

- ଖାଲି ପେଟରେ ସବୁଜ ଚା ପିଇବା ସାରା ପେଟ ଯନ୍ତ୍ରଣା ହୋଇପାରେ । ବାସ୍ତବରେ, ଗ୍ରୀନ୍ ଟିରେ ପଲିଫେନାଲ୍ ଥାଏ ଯାହାକି ଟେନିନ୍ ଭାବରେ ଜଣାଯାଏ । ଯାହା ପେଟରେ ଏସିଡ୍ ପରିମାଣ ବଢ଼ାଇଥାଏ । ଯାହା ପେଟରେ ଯନ୍ତ୍ରଣା, ଜଳୁଥିବା ସେନ୍ସେସ୍ କିମ୍ବା କାଷ୍ଟକାଠିନ୍ୟ ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିପାରେ ।


- ଗାଟିଏ ଦିନରେ ୩ ରୁ ୪ କପ୍ ଗ୍ରୀନ୍ ଟି ପିଇବା ଉଚିତ୍ । ଅତ୍ୟଧିକ ଗ୍ରୀନ୍ ଟି ଖାଇବା ଦ୍ୱାରା ଯକୃତ ସମସ୍ୟା ହାଇପାରେ । ରାତିରେ ଶାଇବା ପୂର୍ବରୁ ଗ୍ରୀନ୍ ଟି ପିଅନ୍ତୁ ନାହିଁ , ଏହା ଶୋଇବାରେ ଅସୁବିଧା ସୃଷ୍ଟି କରିପାରେ ।

- ବିଶେଷଜ୍ଞଙ୍କ ଅନୁଯାୟୀ ଗ୍ରୀନ ଟି'ର ଅଧିକ ସେବନ ଦ୍ୱାରା ଶରୀରରେ ଛାଟ ମାଟ ପରିବର୍ତ୍ତନ ଆସିପାରେ । ମୁଣ୍ଡବିନ୍ଧା ଏପରି ଏକ ପ୍ରଥମ ସମସ୍ୟା ଅଟେ । ଅଧିକ ଗ୍ରୀନ ଟି' ସେବନ ଦ୍ୱାରା ଅନିଦ୍ରା, ଚିଡଚିଡାପଣ ଓ ଚିନ୍ତା ବୃଦ୍ଧି ପାଇବା ଭଳି ସମସ୍ୟା ବୃଦ୍ଧି ପାଇଥାଏ ।

- ଗ୍ରୀନ ଟି'ର ଅତ୍ୟଧିକ ସେବନ ଦ୍ୱାରା ଶରୀରରେ କ୍ୟାଲସିୟମ ଅବଶାଷଣରେ ଅସୁବିଧା ହାଇଥାଏ । ସେଥିପାଇଁ ବିଶେଷଜ୍ଞମାନେ ଦୁର୍ବଳ ହାଡ ତଥା ଅଷ୍ଟିଓପାରାସିସ୍ ରାଗରେ ଆକ୍ରାନ୍ତ ଲାକଙ୍କୁ ଗ୍ରୀନ ଟି' ବର୍ଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

- ଖାଲି ସେତିକି ନୁହେଁ, ଅତ୍ୟଧିକ ଗ୍ରୀନ ଟି ପିଇବା ଦ୍ୱାରା ଅନିଦ୍ରା, ପେଟ ଗ୍ୟାସ, ଭାକ ନଲାଗିବା, ହୃଦ ସ୍ପନ୍ଦନ ବଢିବା ଭଳି ଲକ୍ଷଣ ଦେଖାଦେଇଥାଏ ।





ବୁଧବାର ୦୭।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ମା'ବାପାଙ୍କ ପରେ ଜେଜେମା'ଙ୍କୁ ହରାଇ ସର୍ବସ୍ୱାନ୍ତ ଦୁଇ ଅନାଥ ଶିଶୁ

ଚମ୍ପୁଆ, ୬/୧୦(ରାମକୃଷ୍ଣ ଜିତ):-କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ସଡ଼ଙ୍ଗି ଗ୍ରାମରେ ଏକ ଅତ୍ୟନ୍ତ ହୃଦୟବିଦାରକ ଏବଂ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପ୍ରଥମେ ମା' ଏବଂ କିଛି ଦିନ ପରେ ବାପାଙ୍କୁ ହରାଇଥିବା ଦୁଇ ଭାଇ ଜେଜେମା'ଙ୍କ ଆଶ୍ରୟରେ ବଢୁଥିଲେ। ମାତ୍ର, ଏବେ ଜେଜେମା'ଙ୍କ ପରଲୋକ ପରେ ଦୁଇ ଶିଶୁ ସମ୍ପୂର୍ଣ୍ଣ ଅନାଥ ଓ ବେସାହାରା ହୋଇପଡ଼ିଛନ୍ତି। ମୁଣ୍ଡ ଉପରୁ ସମସ୍ତଙ୍କ ଛାଏଁ ହଟିଯିବା ପରେ ଏବେ ଏହି କୁନି ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି। ସଡ଼ଙ୍ଗି ଗ୍ରାମର ସଞ୍ଜୟ ବେଣ୍ଟକାର ଓ ମିଲି ବେଣ୍ଟକାରଙ୍କ ସଂସାର ବେଶ୍ ହସଖୁସିରେ ଚାଲିଥିଲା। ହେଲେ ଦୁଇ ବର୍ଷ ପୂର୍ବେ ପ୍ରଥମେ ମା' ମିଲି ବେଣ୍ଟକାରଙ୍କର ଅକାଳ ବିୟୋଗ ହୋଇଥିଲା। ଏହି ଶୋକରୁ ମୁକ୍ତି ପାଇ ନଥିବା ବେଳେ ବାପା ସଞ୍ଜୟ ବେଣ୍ଟକାର ମଧ୍ୟ ଆରପାରିକୁ ଚାଲିଗଲେ। ଫଳରେ ବଡ଼ ପୁଅ ଶୁବନ ମୁଣ୍ଡା (୧୦ ବର୍ଷ) ଏବଂ ସାନ ପୁଅ ସୁମନ ମୁଣ୍ଡା (୬ ବର୍ଷ) ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ। ଏଭଳି



ଥଇଥାନ ପାଇଁ ପାଟଣା ବିଧାୟକଙ୍କ ପ୍ରତିନିଧିଙ୍କ ଦାବି

ସ୍ଥିତିରେ ଜେଜେମା' କାନ୍ଦ୍ରୀ ମୁଣ୍ଡା ସେମାନଙ୍କୁ ଆଶ୍ରୟ ଦେଇ ଲାଳନପାଳନ କରୁଥିଲେ। କିନ୍ତୁ ପ୍ରାୟ ୬ ଦିନ ତଳେ ଜେଜେମା'ଙ୍କ ମଧ୍ୟ ଦେହାନ୍ତ ହୋଇଯିବାରୁ ଦୁଇ ଶିଶୁଙ୍କ ମୁଣ୍ଡରୁ ଶେଷ ଆଶ୍ରୟସ୍ଥଳୀ ମଧ୍ୟ ଉଚ୍ଛେଦ ହୋଇଯାଇଛି। ପରିବାରର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇଥିବାରୁ ଜେଜେମା'ଙ୍କ ଶୁଦ୍ଧି କର୍ମ କିପରି କରିବେ, ସେନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଏହି କୁନି ପିଲାଦ୍ୱୟ। ଏହାବ୍ୟତୀତ, ଏଯାବତ୍ ଉଭୟ ଶିଶୁଙ୍କର ଆଧାର କାର୍ଡ ପ୍ରସ୍ତୁତ ହୋଇପାରି ନଥିବାରୁ ବିଭିନ୍ନ ସରକାରୀ ସୁବିଧା ଓ ସହାୟତାରୁ ସେମାନେ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ସହିତ ସଚ୍ଚିଦାନନ୍ଦ ସାହୁ, ନିରୋଜ ସାହୁ, ବାବୁଲୁ ନାଏକ, ପୃଥିରାଜ ସାହୁ ଏବଂ ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ରହି ଅନାଥ ଶିଶୁ ଦ୍ୱୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ ପ୍ରତିନିଧି ଶ୍ରୀ ମହାନ୍ତ ସେମାନଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତୁରନ୍ତ ଉପଯୁକ୍ତ ଥଇଥାନ, ଶିକ୍ଷା, ସୁରକ୍ଷା ଏବଂ ଲାଳନପାଳନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କୁ ଅବଗତ କରାଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଚମ୍ପୁଆ ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାଏକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ମା'ବାପା ଓ ଜେଜେମା'ଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ଏହି ଦୁଇ ଶିଶୁଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଖୁବ୍ ଶୀଘ୍ର ଉଦ୍ଧାର କରାଯିବ। ସେମାନଙ୍କୁ ଆବାସିକ ବିଦ୍ୟାଳୟରେ ନାମ ଲେଖାଇ ସମସ୍ତ ସରକାରୀ ସୁବିଧା ସହ ଥଇଥାନ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶିକାଙ୍କ କେନ୍ଦୁଝର ଗସ୍ତ



କେନ୍ଦୁଝର,୦୬/୧୦(ଦିଲ୍ଲୀପ କୁମାର ସାହୁ): ସୂଚନା ଓ ଲୋକସମ୍ପର୍କ ବିଭାଗ, ଉତ୍ତରାଞ୍ଚଳ, ସମ୍ବଲପୁରର ଯୁଗ୍ମ ନିର୍ଦ୍ଦେଶିକା ତଥା ଅତିରିକ୍ତ ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଗତ ସୋମବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ ଏବଂ କାର୍ଯ୍ୟାଳୟର ଅନ୍ୟ ସହଯୋଗୀ କର୍ମଚାରୀମାନେ ଶ୍ରୀମତୀ ଦାଶଙ୍କୁ ସ୍ୱାଗତ କରିଥିଲେ। ଶ୍ରୀମତୀ ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର, ଫାଇଲ୍ ଓ ସରକାରୀ ଦସ୍ତାବିଜ ଯାଞ୍ଚ କରିବା ସହ ବିଭାଗୀୟ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାବଳୀକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସୁଚାରୁରୂପେ ସମ୍ପାଦନ କରିବା ସହ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଯୋଗାସୂତ୍ର ବଜାୟ ରଖି ବିଭାଗୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

ଗୋ ଚାଲାଣ ବେଳେ ବୋଲେରୋ ଭିତରୁ ଗୋରୁ ଜବତ, ଜଣେ ଅଟକ

କେନ୍ଦୁଝର, ୦୬/୧୦(ଦିଲ୍ଲୀପ କୁମାର ସାହୁ): ଜିଲ୍ଲାରେ ବେଆଇନ ଏବଂ ଚୋରା ଗୋ-ଚାଲାଣ ବନ୍ଦ ହେବାର ନାଁ ଧରୁନି । ପୋଲିସ କୁ ଚକମା ଦେଖାଇ ଅନେକ ଖସି ଯାଉଥିବା ବେଳେ ଆଜି ପୋଲିସ ହାତରେ ଗୋଟିଏ ବୋଲେରୋ ସହିତ ଗାଇ କବଜ ହୋଇଛି । ତେବେ ଆଜି ଭୋର୍ ସମୟରେ ୧୧୨ ନମ୍ବରକୁ ଗୋ ଚାଲାଣ ବିଷୟରେ କଲ ଆସିଥିଲା । ଡେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ବିଳମ୍ବ ନକରି ଘଟଣାସ୍ଥଳରେ ପହଞ୍ଚିଥିଲେ । ମୟୁରଭଞ୍ଜ ଜିଲ୍ଲା ଟେଣ୍ଟପସିର ଏକ ବୋଲେରୋ ଭିତରେ ୬ ଟି ଗୋରୁକୁ ଦୟନୀୟ ଅବସ୍ଥାରେ ନେଇ ଗୋ ମାଫିଆ



ମାନେ ପିପିଲିଆରୁ ପାଟଣା ଅଭିମୁଖେ ଯାଉଥିବା ବେଳେ ସରାସପଶି ଜଙ୍ଗଲ ନିକଟରେ ପୋଲିସକୁ ଦେଖି ବୋଲେରୋ ଛାଡି ୨ ଜଣ ଖସି ପଳେଇଥିଲେ । ତେବେ ଜଣକୁ ପୋଲିସ ଗିରଫ କରିଛି । ଉକ୍ତ ବଲେରୋ ଗାଡ଼ି ଭିତରୁ ୬ ଟି ଗୋରୁକୁ ଉଦ୍ଧାର କରାଯାଇଛି । ସେଥିମଧ୍ୟରୁ ୨ ଟି ଗୋରୁ ବଲୋରୋ ଭିତରେ ଲଦାଉପରା ଅବସ୍ଥାରେ ଚାପିହୋଇ ଶ୍ୱାସରୁଦ୍ଧ ହୋଇ ମରିସାରିଥିଲେ, ୩ ଟି ଜୀବିତ ଉଦ୍ଧାର ହୋଇଛି ଏବଂ ଗୋଟିଏ ଗୋରୁ ଦୌଡ଼ି ଜଙ୍ଗଲ ଭିତରକୁ ଚାଲିଯାଇଛି। ମୃତ ଗୋରୁ ଗୁଡ଼ିକୁ ଡେଙ୍କିକୋଟ ପଶୁଡାକ୍ତର ଡକ୍ଟର ସୋରେନ ପୋଷ୍ଟମଟମ କରିବାପରେ ପୋତି ଦିଆଯାଇଛି। ବାକି ଜୀବିତ ୩ ଗୋରୁକୁ ଗୋଶାଳକ୍ଷକୁ ସ୍ଥାନାନ୍ତରିତ କରାଯାଇଛି କ୍ଷ ଅଟକ ଜଣେ ଗୋ ମାଫିଆକୁ ଘଟଗାଁ ଥାନାରେ ଅଧିକ ତଥ୍ୟ ସଂଗ୍ରହପାଇଁ ରଖାଯାଇଛି ।

ଭୀମକୁଣ୍ଡ ନିକଟରୁ ମାରଣାସ୍ତ୍ର ସହିତ ତିନି ଗିରଫ

କେନ୍ଦୁଝର,୦୬/୧୦(ଦିଲ୍ଲୀପ କୁମାର ସାହୁ): ବର୍ତ୍ତମାନ କେନ୍ଦୁଝର ଜିଲ୍ଲାର ପୋଲିସ ପୁରାପୁରି ଆକସନ ମୁଡ ରେ ରହିଛି । ଜିଲ୍ଲାର ପ୍ରତ୍ୟେକ ପ୍ରମୁଖ ରାସ୍ତାର ବିଭିନ୍ନ ସ୍ଥାନରେ ପୋଲିସର ଛାନଭିନ ଅପରେସନ ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ଘଟଗାଁ ଥାନା ପୋଲିସଙ୍କୁ ଆଜି ମିଳିଛି ଅନ୍ୟ ଏକ ସଫଳତା। ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂନୁ କୁମାର ଜେନା ଆଜି ସକାଳେ ଭୀମକୁଣ୍ଡ ଠାରେ ନାକା ଚେକିଂ କରୁଥିବା ବେଳେ ଏକ ବାଇକ ସହିତ ତିନିଜଣଙ୍କୁ ମାରଣାସ୍ତ୍ର ସହିତ



ଧରିଛନ୍ତି । ସେମାନେ ସମସ୍ତେ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା କୋଲିପସି ଗ୍ରାମର ବୋଲି ଜଣାପଡିଛି । ଧରା ପଡିଥିବା ତିନିଜଣ ହେଲେ ରାମ ହାଁସଦା (୨୩) ମନମୋହନ ହାଁସଦା (୨୪) ଓ ଭାଦା ମାରାଣ୍ଡି (୨୫) । ସେମାନଙ୍କ ପାଖରୁ ୨ଟି ଦେଶୀ ବନ୍ଧୁକ, ୨ଟି ନଳ,୫ଟି ଲୁହା ମୁନ ଥିବା ତୀର, ୧ ଟି ଧନୁ, ୧ ଟି ଲୁହାରଡ ସମେତ ଗୋଟିଏ ଡିଲକ୍ସ ମୋଟର ସାଇକେଲ । ସଭିଙ୍କୁ ମାରଣାସ୍ତ୍ର ସହିତ ଘଟଗାଁ ଥାନରେ ଅଟକ ରଖାଯାଇଛି । ତେବେ ସେମାନେ ଶୀକାର କରିବା ଉଦ୍ଦେଶ୍ୟରେ ଘଟଗାଁ ଅଞ୍ଚଳକୁ ଯାଉଥିଲେ ବୋଲି ପ୍ରକାଶ କରିଛନ୍ତି । ଘଟଗାଁ ଥାନା ଅଧିକାରୀ ଅଧିକ ତଥ୍ୟ ସଂଗ୍ରହପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ତେବେ ଆର୍ମ ଆକ୍ଟ ଧାରା ୨୫ ଅନୁଯାୟୀ ସଭିଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି । ଖୁବ୍ ଶୀଘ୍ର ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

ଡେଙ୍କିକୋଟ କଲେଜ ଅଶାନ୍ତ, ଛାତ୍ରଛାତ୍ରୀ କଲେ ରାଜପଥ ଅବରୋଧ

କେନ୍ଦୁଝର,୦୬/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଡେଙ୍କିକୋଟ ଠାରେ ଥିବା ଆଞ୍ଚଳିକ ଏସ.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଜି ଅଶାନ୍ତ ହୋଇଯାଇଛି । ଛାତ୍ରଛାତ୍ରୀ ମାନେ ପାଠ ପଢିବାକୁ ଆସି ଆଜି ୨୨୦ ନମ୍ବର ଜାତୀୟ ରାଜପଥ ଉପରେ ବସିଛନ୍ତି । ଏକ ଅସ୍ୱାଭାବିକ ଓ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଯାଇଛି । ଡେଙ୍କିକୋଟ କଲେଜର ଭବିଷ୍ୟତ ଅନ୍ଧକାର ଭିତରେ ଦେଇ ଗତିକରୁଛି । ସମୟ ଆସିବ ଏ କଲେଜରେ ସବୁଦିନ ପାଇଁ ତାଲା ଝୁଲିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଆଜି ପିଲାମାନେ ରାଜପଥ ଅବରୋଧ କରିବାର ଉଦ୍ଦେଶ୍ୟ ହେଉଛି କଲେଜ ଠିକ୍ ସମୟରେ ଖୋଲା ହେଉନି , ପାଠପଢା ହେଉନି । ଦିନରେ ମାତ୍ର ଗୋଟେ କି ଦୁଇଟି ପିରିଅଡ଼ି କ୍ଲାସ ହେଉଛି, ଲାଇବ୍ରେରୀ ର ସୁବିଧା ନାହିଁ । କଲେଜ ହଷ୍ଟେଲ ଭଡାରେ ଚାଲିଛି, ପାନୀୟ ଜଳର ସୁବିଧା ନାହିଁ ।ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେଜିରୁ ପିଜି ମାଗଣା ପାଠପଢ଼ା ଘୋଷଣା କରିଥିବାବେଳେ, ଏ କଲେଜରେ ବିଭିନ୍ନ ଫି ଦେବାକୁ ପଡୁଛି । କଲେଜ କର୍ମଚାରୀ ମାନଙ୍କ ଭିତରେ ମାରପିଟ କଳିଝଗଡା ଲାଗି ରହୁଥିବା ପରି ଅନେକ ଅଭିଯୋଗ ପ୍ରଘଟ ହୋଇଛି । ତେବେ ଦିର୍ଘ ଦିନରୁ ଏହିଁ କଲେଜରେ ବିଶୃଙ୍ଖଳା ଲାଗି ରହିଚି । ଏପରିକି କଲେଜର ଇଂରାଜୀ ଅଧ୍ୟାପକଙ୍କ ଦବଙ୍ଗଗିରିରେ ଅନ୍ୟ କର୍ମଚାରୀ ଭୟଭିତ ହେବା ସହିତ ଥାନା ଫାଣ୍ଡି ପର୍ଯ୍ୟନ୍ତ କଥା ଯାଇଛି । ଇଂରାଜୀ ଅଧ୍ୟାପକ ସହିତ ଅନ୍ୟ କର୍ମଚାରୀ ମାରପିଟ ହେବା କଥା ଡେଙ୍କିକୋଟ ବାସୀ ଠାରୁ ଥାନା ବାବୁ ସମସ୍ତେ ଜାଣିଛନ୍ତି । ଆଜି ପିଲାମାନେ ଜାତୀୟ ରାଜପଥ ଅବରୋଧ କରିବାର ମୁଖ୍ୟ ଖଳନାୟକ ଉକ୍ତ ଇଂରାଜୀ ଅଧ୍ୟାପକ ବୋଲି କଲେଜ କର୍ମଚାରୀମାନେ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି । ଉକ୍ତ ଅଧ୍ୟାପକ ପିଲାମାନଙ୍କୁ ଶିକ୍ଷାଦାନ ପରିବର୍ତ୍ତେ ରାସ୍ତାରୋକ କରିବା ଅନ୍ୟ ଅଧ୍ୟାପକ ମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ପ୍ରେତ୍ସାହନ ଦେଉଛନ୍ତି । ଯାହାକି ପିଲାମାନଙ୍କ ଉପରେ ଓ କଲେଜ ଉପରେ ନକରାତ୍ମକ ପ୍ରଭାବ ପକାଉଛି । ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ ଅନେକ ସମୟରେ ହୋଇଛି କ୍ଷ ମାତ୍ର ସେ ନିଦାବିଷ୍ଟୁ ଓ ଅନ୍ଧ ଧୃତରାଷ୍ଟ୍ରଙ୍କ ପରି କେବଳ ପଦବୀଧରି ବସିଛନ୍ତି । ଏ କଲେଜ ବର୍ତ୍ତମାନ ମୁରବି ବିହୀନ ହୋଇଯାଇଛି । କିନ୍ତୁ କଲେଜ ଅଧ୍ୟାପକ ମାନେ ମାସକୁ ଲକ୍ଷାଧିକ ଟଙ୍କା ଦରମାପାଇ କେନ୍ଦୁଝରରେ ଘରଭଡ଼ା ନେଇ ରାଜସୁଖ କରୁଛନ୍ତି ।

ହାତୀ ପଲକୁ ଶୀଘ୍ର ଘଉଡେଇବା ସହିତ ଫସଲ ନଷ୍ଟର କ୍ଷତିପୂରଣକୁ ନେଇ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ


ଚମ୍ପୁଆ :୬/୧୦(ରାମକୃଷ୍ଣ ଜିତ):-ଦୀର୍ଘଦିନ ଧରି ଚମ୍ପୁଆ ରେଞ୍ଜରେ ହାତୀ ଲୋକଙ୍କ ନିଦ ହଜାଇ ଆସୁଥିବାବେଳେ ଗତ କିଛି ସପ୍ତାହ ହେବ ହାତୀ ପଲ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ରହି ପତଳା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଗ୍ରାମ ବାସୀ ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷ କରି ଖର୍ଚ୍ଚାନ୍ତ ହୋଇଥିବା ବେଳେ ଦୈନିକ ହାତୀ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ହାତୀ ଘଉଡେଇବାରେ ବିଫଳ ହେବା ରୁ ଦିନ କୁ ଦିନ ଏହି ଗାଁ ରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଆଜି ଗ୍ରାମ ବାସୀ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଶୀଘ୍ର ହାତୀ ଘଉଡେଇବା ସହିତ କ୍ଷତିପୂରଣ ଦାବି କରିଛନ୍ତି । ବନ ବିଭାଗ ପ୍ରତିଦିନ ହାତୀକୁ ଘୋଉଡାଇବା ବଦଳରେ ନିରବଦ୍ରଷ୍ଟା ସାଜି



ରହୁଥିବା ଅଭିଯୋଗ ମଧ୍ୟ କରିଛନ୍ତି ଗ୍ରାମ ବାସୀ। ଯାହାକୁ ନେଇ ହାତୀପଲ ପ୍ରତି ଦିନ ରାତିରେ ବ୍ୟାପକ ଫସଲ ମାଡି ଚକଟି ନଷ୍ଟ କରୁଛନ୍ତି। ତେଣୁ ଶୀଘ୍ର ହାତୀ ପଲଙ୍କୁ ଘୋଉଡାଇ ଚାଷକୁ ସୁରକ୍ଷା ଦିଆଯିବା ସହିତ ଘରଦ୍ୱାର ଭଙ୍ଗା ରୋକାଯାଇ ପାରିବ ସେ ନେଇ ଅଭିଯୋଗ ହୋଇଥିବାବେଳେ ରେଞ୍ଜ ଅଧିକାରୀ ଆଜି ପୋଲିସ ସହିତ ଗ୍ରାମବାସୀ ଙ୍କ ସହାୟତା ରେ ହାତୀ ଘଉଡେଇବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଜଂଘିରାରେ ଏସବିଆଇ ଶାଖା ଉଦ୍‌ଘାଟିତ

ହରିଚନ୍ଦନପୁର:୬/୧୦(ଶୂନ୍ୟରଞ୍ଜନ ଘଣା)ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜଂଘିରା ୩୧ ନମ୍ବର ଜୋନ୍‌ରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ର ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ଏସବିଆଇ ଭୁବନେଶ୍ୱର ସର୍କଲର ଚିଫ୍ ଜେନେରାଲ ମ୍ୟାନେଜର ରାଜେଶ ରାକେଶ କୁମାର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାଖାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଜୋନ୍‌ର ଡେପୁଟି ଜେନେରାଲ ମ୍ୟାନେଜର ପ୍ରଭାତ କୁମାର, କେନ୍ଦୁଝର ଆରବିଓର ଜେନେରାଲ ମ୍ୟାନେଜର ସଞ୍ଜିତ କୁମାର ମିଶ୍ର, ଜଂଘିରା ଶାଖା ପରିଚାଳକ ମମିତା ନାଏକ, ଫିଲ୍ଡ ଅଫିସର କୀର୍ତ୍ତିରଞ୍ଜନ ନାଏକ, ସୌରଜିତ ମିଶ୍ର, ଚିତ୍ତରଞ୍ଜନ ନାଏକଙ୍କ ସମେତ ଏସବିଆଇର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ନୂତନ ଶାଖାରେ ଲକର ମଧ୍ୟ ସୁବିଧା ରହିଥିବା ବ୍ୟାଙ୍କ ପରିଚାଳକ ସୂଚନା ଦେଇଛନ୍ତି। ବର୍ତ୍ତମାନ ଜଂଘିରା ଶାଖା ସହିତ ୧୧ ଗୋଟି ସିଏସପି ସେଣ୍ଟର ଜଡିତ ରହିଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ବହୁ



୬ ପଞ୍ଚାୟତର ଲୋକଙ୍କୁ ମିଳିବ ବ୍ୟାଙ୍କିଙ୍ଗ୍ ସେବା

SHGକୁ ୨୬ କୋଟିରୁ ଊର୍ଦ୍ଧ୍ୱ ଋଣ

ଗ୍ରାହକ ଓ ଅଞ୍ଚଳବାସୀ ଯୋଗଦେଇଥିଲେ। ବ୍ୟାଙ୍କ ପରିଚାଳକଙ୍କ ସୂଚନା ଅନୁସାରେ, ଜଂଘିରା ଅଞ୍ଚଳରେ ୧୯୮୦ ମସିହାରୁ ଏସବିଆଇର ବ୍ୟାଙ୍କିଙ୍ଗ୍ ସେବା ଜାରି ରହିଛି। ବର୍ତ୍ତମାନ ଏହି ଅଞ୍ଚଳରେ ୪୫ ହଜାରରୁ ଊର୍ଦ୍ଧ୍ୱ ଆକାଉଣ୍ଟଧାରୀ ରହିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସଶକ୍ତିକରଣ ଦିଗରେ ମଧ୍ୟ ଶାଖା ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ପ୍ରାୟ ୪୨୦ଟି SHGକୁ ୨୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ପ୍ରଦାନ କରାଯାଇଥିବାବେଳେ ୫୬୦ ଜଣ ହିତାଧିକାରୀଙ୍କୁ କୃଷି ଋଣ ଯୋଗାଇ ଦିଆଯାଇଛି। ଜଂଘିରା ଏସବିଆଇ ଶାଖା ଉପରେ ୬ଟି ଗ୍ରାମ ପଞ୍ଚାୟତର ଲୋକେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ପାଇଁ ନିର୍ଭରଶୀଳ। ନୂତନ ଶାଖା ମାଧ୍ୟମରେ ଜମା, ଟଙ୍କା ଉଠାଣ, ଋଣ, କୃଷି ଋଣ ଓ SHG ଋଣ ସମେତ ବିଭିନ୍ନ ଆର୍ଥିକ ସେବା ଅଧିକ ସୁବିଧାରେ ମିଳିବ। ଏହାଦ୍ୱାରା ଅଞ୍ଚଳବାସୀଙ୍କ ବ୍ୟାଙ୍କିଙ୍ଗ୍ ସେବା ଆହୁରି ସହଜ ହେବ ବୋଲି ଆଶା ପ୍ରକାଶ ପାଇଛି।

କେନ୍ଦୁଝରରେ ବିଜେଡିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର ସଦର ୬/୧୦: (ମନୋଜ କୁମାର ପଟେଲ)କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ (ବିଜେଡି)ର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆଜି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସାଂଗଠନିକ ସ୍ଥିତି, ଆଗାମୀ ଦିନରେ ଦଳକୁ ଆହୁରି ସୁଦୃଢ଼ କରିବା ଏବଂ ତୃଣମୂଳସ୍ତରରେ ସଂଗଠନକୁ ସକ୍ରିୟ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେଡିର ରାଜ୍ୟ ଉପସଭାପତି ଦେବୀ ରଞ୍ଜନ ମିଶ୍ର ଯୋଗଦେଇଥିବା ବେଳେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଧନୁର୍ଜୟ ସିଦ୍ଧୁ, ପୂର୍ବତନ ନଗରପାଳ ମୀନା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କମଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ ସଭା ପରିଚାଳନା କରିଥିଲେ।


ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ସୋମନାଥ, ବାବୁ ବିଶ୍ୱାଳ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ନାଏକ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ଝୁମ୍ପୁରା ବ୍ଲକ ସଭାପତି ଡମ୍ବରୁ ଦାସ, ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ଏଥିସହିତ ଦଳର ପୁରୁଖା ନେତା ପ୍ରଭଞ୍ଜନ ପଟ୍ଟନାୟକ, ରକ୍ଷାକର ସାହୁ, ବିଜୟ ମହାନ୍ତି, ମାଧବ ପୃଷ୍ଟି, ଶଙ୍କର ବେହେରା, ବିପିନ ଆପଟ, ଗଦାଧର ପଟ୍ଟନାୟକ, ଦୁଲିଆ ରାଠୋର, ରାଜକିଶୋର ନନ୍ଦ, ଜ୍ଞାନରଞ୍ଜନ ସାହୁ, କୈଳାସ ସାହୁ, କିଶୋର ଜେନା, କେଦାର ପ୍ରଧାନ, ସନ୍ତୋଷ ବିଶ୍ୱାଳ, ଘନଶ୍ୟାମ ବାରିକ, ବିନୟ ସାହୁ, ଜିତେନ୍ଦ୍ର ପ୍ରଧାନ, କମଳା ଥମ୍ବ, ମହେନ୍ଦ୍ର ନାଏକ, ଯଦୁମଣି ଠାକୁର, ସତ୍ୟାନନ୍ଦ ଆରୁକ୍, ଅନାଦି ବାରିକ, ଜଗନ୍ନାଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ନେତା ଦେବାଶିଷ ପଟ୍ଟନାୟକ, ଦେବପ୍ରିୟ (ଟୁଟୁ) ପାତ୍ର, ଆଶିଷ ଆଚାର୍ଯ୍ୟ, ସତ୍ୟ ନାଏକ, ଜଗଦିଶ ଆପଟ, ଟିକିନା ବ୍ରହ୍ମ, ବୁଟୁଲୁ ପାତ୍ର, ଇମ୍ରାନ ଖାନ, କୁନା ଭକ୍ତଗିରି, ଟିକୁ ପ୍ରଧାନ, ମନ୍ମଥ ଘଣା, ସଫିକ ଅନସାରୀ, ବାସୁଦେବ ଜେନା, ବାବି ଦାସ, ଅନାଦି ପ୍ରଧାନ, ଟଙ୍କ ଖମନିଆ, ଶୈଳେନ୍ଦ୍ର ସାହୁ, ବିଜୟ ସେଣ୍ଡ, ମଦନମୋହନ ବାବା, ଝୁନୁ ଦାସ, ସୁଶାନ୍ତ ପ୍ରଧାନ, ଜଗନ ନାଏକ, ପପୁ ଯାଦବ ପ୍ରମୁଖ ଯୋଗଦେଇଥିଲେ। ମହିଳା ନେତ୍ରୀ କେକି କାକୋଲି କୁମୁରାଙ୍କ ସମେତ ଛାତ୍ର ନେତା ଅମରେନ୍ଦ୍ର ଧଳ, ଦୀପଙ୍କର ବିଶ୍ୱାସ, ଆଦର୍ଶ ବାରିକ, ସଞ୍ଜୀବ ଝରା, ଜ୍ଞାନ ମହାପାତ୍ର ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ, ନଗର ଓ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବହୁ ସଂଖ୍ୟକ ନେତା ଓ କର୍ମୀଙ୍କ ଉପସ୍ଥିତିରେ ବୈଠକଟି ଉତ୍ସାହପୂର୍ଣ୍ଣ ପରିବେଶରେ ଶେଷ ହୋଇଥିଲା।

ପିଡିଏସ୍ ସେଣ୍ଟରରେ ଅବ୍ୟବସ୍ଥା । ଖାଉଟି ହନ୍ତସନ୍ତ

ଚମ୍ପୁଆ, ୬/୧୦(ରାମକୃଷ୍ଣ ଜିତ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ପଞ୍ଚାୟତର ହୃଦୁରାମପୁର ପିଡିଏସ୍ ସେଣ୍ଟର ରେ ବ୍ୟାପକ ଅବ୍ୟବସ୍ଥା କୁ ନେଇ ଖାଉଟି ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଜି ଏହି ସେଣ୍ଟର୍‌ରେ ଚାଉଳ ବର୍ଣ୍ଟନ ନେଇ ସୂଚନା ପାଇବା ପରେ ଲୋକେ ଚାଉଳ ପାଇଁ ସକାଳୁ ସେଣ୍ଟର ବାହାରେ ଭିଡ ଜମାଇଥିଲେ। ତେବେ ଏହି ସେଣ୍ଟର୍‌ରେ ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟା ନାମରେ ଜୈନେକ ବ୍ୟକ୍ତି ବର୍ଣ୍ଟନ ଦାୟିତ୍ୱରେ ଥିବା ବେଳେ ତାଙ୍କ ମନ ମର୍ଜିରେ ଚାଉଳ ବର୍ଣ୍ଟନ କରୁଥିବା ଅଭିଯୋଗ ହେଉଛି। ଆଜି ସକାଳୁ ଚାଉଳ ବର୍ଣ୍ଟନ ପାଇଁ ଲୋକଙ୍କୁ ଡାକିଲେ ମାତ୍ର କିଛି ସମୟପରେ ଚାଉଳ ବାଣ୍ଟିବା ବନ୍ଦ କରିଦେଇ ଖାଇବାକୁ ଯିବା ଆଳରେ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଚାଉଳ ପାଇଁ ଆସିଥିବା ଲୋକେ ଭୋକ ଉପାସରେ ଦୀର୍ଘ ସମୟ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଏହାକୁ ନେଇ ସମ୍ପୃକ୍ତ ଚାଉଳ ବାଣ୍ଟନ ଦାୟିତ୍ୱରେ ଥିବା ଦୁଃଶାସନ ସିଂଙ୍କୁ ଯୋଗାଯୋଗ କରିବାରୁ ଆଜି ହାଟ ବାରି ଥିବାରୁ ଅଧାରୁ ଚାଉଳ ଦିଆ ବନ୍ଦ କରିଦେଇଛୁ ଆସନ୍ତା କାଲି ସମସ୍ତଙ୍କୁ ଚାଉଳ ଦିଆଯିବ ବୋଲି ସଫେଇ ଦେଇଛନ୍ତି।ତେବେ ସ୍ୱୟଂ ସହାୟିକା ଗୋଷ୍ଠୀ ବଦଳରେ ଅନ୍ୟ ଜଣେ ଗ୍ରାମର ବ୍ୟକ୍ତିଙ୍କୁ କେଉଁ ଆଧାରରେ ବର୍ଣ୍ଟନ ଦାୟିତ୍ୱ ଦିଆଯାଇଛି ଏହାପଛରେ ଯୋଗାଣ ବିଭାଗ ଓ ସମ୍ପୃକ୍ତ ବ୍ୟକ୍ତି ଙ୍କ ମଧ୍ୟରେ କି ଭିତିରି ବୁଝାମଣା ଅଛି ତାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ଯୋଗାଣ ବିଭାଗର ବହୁ ରହସ୍ୟ ବାହିନୀକୁ ଆସିପାରିବେ ବୋଲି ଦାବି ହେଉଛି।

ଚକ୍ରଧର ଏବଂ ପୁରେନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ : ମୁଣ୍ଡା ବ୍ରଦର୍ସ ଚାମ୍ପିଅନ


କେନ୍ଦୁଝର,୦୬/୧୦(ଦିଲ୍ଲୀପ କୁମାର ସାହୁ) - ରୋହିଣୀ କ୍ଲବ ରଜିଆ ପକ୍ଷରୁ ଆୟୋଜିତ ଚକ୍ରଧର ଏବଂ ପୁରେନ୍ଦ୍ର ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତାର ୧୬ତମ ସଂସ୍କରଣ ଉଦଯାପିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମୁଣ୍ଡା ଏକାଦଶ ଓ ଚଉଠିଆ ଦଳ ମଧ୍ୟରେ ମୁଣ୍ଡା ବ୍ରଦର୍ସ ଚାମ୍ପିଅନ ହୋଇଥିଲା । ଚଉଠିଆ ଦଳ ଉପବିଜେତା ହୋଇଥିଲା। ବିଜୟୀ ଦଳକୁ ପ୍ରଥମ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଉପବିଜେତା ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପୁରସ୍କୃତ କରାଯାଇଥିଲା। ତୃତୀୟ ସ୍ଥାନ ଶୁଆକାଟି ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା। ଏଥିସହ ୪୦ ବର୍ଷରୁ ଉଦ୍ଧ ବୟସ୍କ ଖେଳାଳିଙ୍କୁ ନେଇ ଏକ ସ୍ୱତନ୍ତ୍ର ଭେଟେରାନ ଫୁଟବଲ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଭେଟରାନ



ଦଳ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଝାଡଖଣ୍ଡ ନୂଆମୁଣ୍ଡି ଏକାଦଶ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ବିଶିଷ୍ଟ ଫୁଟବଲ ଖେଳାଳି ତଥା ପୂର୍ବତନ ଖେଳାଳି ସଂଜୟ ନାଞ୍ଚଳଙ୍କ ଯୋଗଦାନ ଓ ସହଯୋଗ ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ଅନିରୁଦ୍ଧ ବେହେରା, ସମ୍ମାନିତ ଅତିଥି ଭାବେ ଅଜୟ ମହାକୁଡ଼, ଗଣେଶ୍ୱର ମହାନ୍ତ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ ବେହେରା, ମହେନ୍ଦ୍ର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ସୁରେଶଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାୟକ, ବବି ଦାସ, ଗଣେଶ ଖିଲାର, ହବି ଦାସ ଓ ଦୀପାରାଣୀ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ । ରୋହିଣୀ କ୍ଲବ ରଜିଆର ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଉତ୍ସାହ ସୃଷ୍ଟି କରିବା ପ୍ରତିଯୋଗିତାର ଉଦ୍ଦେଶ୍ୟ ବୋଲି କ୍ଲବ ସଭାପତି ସୁବ୍ରତ ଗିରି ଓ ସଂପାଦକ ବିବେକାନନ୍ଦ ପାତ୍ର ସୂଚନା ଦେଇଥିଲେ।

ଇନଷ୍ଟାଗ୍ରାମ ଆଇଡି ହ୍ୟାକ୍ କରି ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

କେନ୍ଦୁଝର,୦୬/୧୦(ଦିଲ୍ଲୀପ କୁମାର ସାହୁ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ଇନଷ୍ଟାଗ୍ରାମ ଆଇଡି ହ୍ୟାକ୍ କରି ତାଙ୍କର ବ୍ୟକ୍ତିଗତ ତଥା ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି ।ଗିରଫ ଯୁବକ ଜଣକ ହେଲେ ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମର ନୀଳମଣି ଓଝାଙ୍କ ପୁଅ ସୁଶାନ୍ତ ଓଝା (୩୬) । ପ୍ରାପ୍ତ ସୂଚନାନୁଯାୟୀ, କାଠପାଳ ଗ୍ରାମର ଜଣେ ଯୁବତୀ ତାଙ୍କ ଇନଷ୍ଟାଗ୍ରାମ ଆଇଡି ହ୍ୟାକ୍ ହୋଇଥିବା ଏବଂ ତାଙ୍କର ବ୍ୟକ୍ତିଗତ ଓ ଆପତ୍ତିଜନକ ଫଟୋ ଭାଇରାଲ କରାଯାଇଥିବା ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୋଲିସ ପକ୍ଷରୁ ଟେକ୍ନିକାଲ୍ ଯାଞ୍ଚ କରାଯାଇଥିବା ବେଳେ ଅଭିଯୋଗ ସମ୍ପର୍କିତ ଡିଜିଟାଲ୍ ତଥ୍ୟ ଯାଞ୍ଚ କରାଯାଇଥିଲା । ପୋଲିସର ତଦନ୍ତରେ ଅଭିଯୋଗ ସହ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ସୁଶାନ୍ତ ଓଝାଙ୍କୁ ଗିରଫ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି । ଏନେଇ



ଘସିପୁରା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ବିଏନଏସ ଧାରା ୩୫୩(୨), ୭୯ ଓ ୨୯୬ ଏବଂ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୭ ଓ ୬୭ଏ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ସୁଶାନୁ ଓଝାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାଟି ସାଇବର ଅପରାଧ ଓ ବ୍ୟକ୍ତିଗତ ଫଟୋର ଅନଧିକୃତ ପ୍ରସାରଣ ସମ୍ପର୍କିତ ହୋଇଥିବାରୁ ଏହାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

ହିଞ୍ଜିଳିକାଟୁ କଲେଜ କ୍ୟାମ୍ପସ ସରଗରମ



ହିଞ୍ଜିଳିକାଟୁ ,୦୬/୧୦(ଅବନି କାନ୍ତ ପଟ୍ଟନାୟକ)ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି । ନିର୍ବାଚନ ପାଇଁ ଅକ୍ଟୋବର ୭ ତାରିଖରେ ନୋଟିଫିକେସନ୍ ପ୍ରକାଶ ପାଇବ । ଅକ୍ଟୋବର ୯ରେ ନୋମିନେସନ୍ ଦାଖଲ ପ୍ରକ୍ରିୟା ଅନୁଷ୍ଠିତ ହେବ । ଏହାପରେ ଅକ୍ଟୋବର ୧୫ରେ ଭୋଟଗ୍ରହଣ କରାଯାଇ ସେଇଦିନ ହିଁ ଫଳାଫଳ ପ୍ରକାଶ ପାଇବ । ପରଦିନ ଅର୍ଥାତ୍ ଅକ୍ଟୋବର ୧୬ରେ ଶପଥ ଗ୍ରହଣ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଛି ଉଚ୍ଚଶିକ୍ଷା ବିଭାଗ । ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଚର୍ଚ୍ଚା ଜୋର ଧରିଛି । ଦୀର୍ଘ ସମୟ ପରେ କଲେଜ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି । ସମ୍ଭାବ୍ୟ ପ୍ରାର୍ଥୀମାନେ ସମର୍ଥନ ଯୋଗାଡ଼ ପାଇଁ ସହପାଠୀଙ୍କ ସହ ଆଲୋଚନା ଆରମ୍ଭ କରିଥିବାବେଳେ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟ ନିଜ ନିଜ ରଣନୀତି ପ୍ରସ୍ତୁତ କରୁଛନ୍ତି । କ୍ୟାମ୍ପସ ପରିସରରେ ରାଜନୈତିକ ଓ ଛାତ୍ର ସଙ୍ଗଠନଗୁଡ଼ିକର ତତ୍ପରତା ବଢ଼ିଛି ।

ଝାଡ଼ବାଇ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ପୁରୁଷୋତ୍ତମପୁର, ୦୬/୧୦ (ପ୍ରସନ୍ନ କୁମାର ଦାଶ),ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଝାଡବାଇ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ଗାଗନା ପୁର ପ୍ରାଇମେରୀ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ପଞ୍ଚାନନ ସେଠୀ ଓ ସହକାରୀ ଶିକ୍ଷକ ଇ ରମେଶଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା ।ସ୍କୁଲ ସଭାପତି ଅଭିମନ୍ୟୁ ସେଠୀ ଏହାକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସାଇଁ,ମୁଖ୍ୟ ବକ୍ତା ଭାବେପୂର୍ବତନ ବିଇଓ ହରେକୃଷ୍ଣ ପଣ୍ଡା, ସମ୍ମାନୀତଅତିଥି ଭାବେ ବିଜୟ କୁମାର ବେହେରା,ଦେବରାଜ ବେହେରା, ଏବିଇଓ ଭକ୍ତ ବତ୍ସଳଜାନି, ଯୁଧିଷ୍ଠିର ସାହୁ, ଆଇ ରାମରାଓ,ଶ୍ରୀମତୀ ବିଷ୍ଣୁ ପ୍ରିୟା ମହାରଣା, ପ୍ରଦୀପ କୁମାର ବେହେରା, ଲକ୍ଷ୍ମୀ ନାରାୟଣ ପାତ୍ର,ମଞ୍ଚାସିନ ରହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏଥିରେ କ୍ଲଷ୍ଟର ର ସମସ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଯୋଗଦେଇଥିଲେ ।ବିଭିନ୍ନ ପ୍ରକାର ପ୍ରତିଯୋଗିତା ରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ମୁଖ୍ୟ ଆକର୍ଷଣ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ।ଏହାକୁ ମୁଖ୍ୟ ଭାବେ ଭଗବାନ ପାତ୍ର,ରାମୁଲ ପାତ୍ର, କେ ପୁରୁଷୋତ୍ତମ ଦୋରା, ପ୍ରସାଦ ଦୋରା, ଗଣପତି ନାହାକ, ଚରଣ ବେହେରା, ଦାଶରଥି ପାଇକ, ନୟନ ନାୟକ, ଅଭୟ ତ୍ରିପାଠୀ, ବଂଶୀଧର ବେହେରା ସହଯୋଗ କରିଥିଲେ । ଏବଂକେ ସାମନ୍ତରା ପୁର ପ୍ରାଇମେରୀ ସ୍କୁଲର ଅକ୍ଷୟ ସାର ସାଂସ୍କୃତିକ କାର୍ଯ୍ୟକୁ ପରିଗାଳନା କରିଥିଲେ ଓ ସେହି ସ୍କୁଲ ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଓଗ୍ରାମବାସୀ, ଯୁବକମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ଆମ ଜୀବନର ପଥପ୍ରଦର୍ଶକଙ୍କୁ ସମ୍ମାନ



ଦେବଗଡ଼, ୦୬/୧୦(ଅକ୍ଷର ଓଡ଼ିଶା): ଆନ୍ତର୍ଜାତୀୟ ଶିକ୍ଷକ ଦିବସ ଅବସରରେ ଦେବଗଡ଼ର 'ବାମଣ୍ଡା ସିନିୟର ସିଟିଜେନ୍‌ସ' (ବରିଷ୍ଠ ନାଗରିକ ସଂଘ) ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏଥିରେ ଦେବଗଡ଼ ଏସ୍ପି ଶ୍ରୀ କିଶୋର ଚନ୍ଦ୍ର ମୁଣ୍ଡ ଏବଂ ଦେବଗଡ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସହ ଅନ୍ୟ ଗୁରୁଜନ ଯୋଗଦେଇ ଶିକ୍ଷକ ଓ ସମାଜର ପଥପ୍ରଦର୍ଶକମାନଙ୍କ ପ୍ରତି ସମ୍ମାନ ଜଣାଇଥିଲେ ।କାର୍ଯ୍ୟକ୍ରମରେ କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଜୀବନର ବିଭିନ୍ନ ଅନୁଭୂତି ଓ ମୂଲ୍ୟବୋଧ ମାଧ୍ୟମରେ ସମାଜକୁ ଦିଗଦର୍ଶନ ଦେଇଥିବା ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା । ସେମାନଙ୍କ ଜ୍ଞାନ, ଆଜୀବନ ଅବଦାନ ଓ ଅମୂଲ୍ୟ ମାର୍ଗଦର୍ଶନ ପାଇଁ ସମ୍ମାନ ଜଣାଯାଇଥିଲା ।ସମାଜର ମୂଲ୍ୟବୋଧକୁ ଗଢ଼ିତୋଳିବା ସହ ନୂଆ ପିଢ଼ିକୁ ନିରନ୍ତର ପ୍ରେରଣା ଯୋଗାଇ ଆସୁଥିବା ଏହି ପଥପ୍ରଦର୍ଶକମାନଙ୍କ ପ୍ରତି ଉପସ୍ଥିତ ସମସ୍ତେ ହୃଦୟଭରା ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଥିଲେ ।

ସେମିଫାଇନାଲରେ ଭବାନୀପାଟଣା ବିଜୟୀ

ସୁବର୍ଣ୍ଣପୁର:୬।୧୦(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲା ଏସ ରାମପୁର ଏଥାଲାଟିକ ଆସୋସିଏସନ ଆନୁକୁଲ୍ୟ ରେ ସର୍ବଭାରତୀୟ ମା ଚନ୍ଦଳୀପାଟ ଦଶହରା କପ ଦ୍ୱିତୀୟ ଦିନରେ ପ୍ରଥମ ସେମିଫାଇନାଲ ଭବାନୀପାଟଣା ବରଗଡ଼ କୁ ହରାଇ ବିଜୟୀ ହୋଇଛି । ଉକ୍ତ ପୁରସ୍କାର ଉତ୍ସବ ରେ ମୁଖ୍ୟ ଅତିଥି ବରିଷ୍ଠ ସମାଜସେବୀ ଉମେଶ ପୂଜାରୀ,ସମ୍ମାନୀତ ଅତିଥି ପୁରାତନ ଖେଳ ଶିକ୍ଷକ ତଥା ଖେଳାଳି କୃପାସିନ୍ଧୁ ପୂଜାରୀ,ଉମଚରଣ ପଧାନ,ବିଜୟ ମିସ୍ତ୍ରୀ ଏବଂ ବହୁ ପୁରାତନ ଫୁଟବଲ ଖେଳାଳି ମଞ୍ଚାସିନ ଥିବାବେଳ ଫାଇନାଲ ଖେଳ ରେ ମୁଖ୍ୟ ଅତିଥି ଭାବରେ ସମାଜ ସେବୀ ରମେଶ ପୂଜାରୀ,ସମ୍ମାନୀତ ଅତିଥି ଖେଳ ପ୍ରେମି ଚିନ୍ମୟ ପାଢ଼ୀ,ସୋନପୁର ଜିଲ୍ଲା କନେଷ୍ଟବଳ ହାବିଲଦାର ସଂଘ ସଭାପତି କୁମୁଦ ରଞ୍ଜନ ମେହେର ମଂଚାସୀନ ଥାଇ ବିଜେତା ଦଳ ଭବାନୀପାଟଣା ଏବଂ ଉପବିଜେତା ବରଗଡ ଦଳ କୁ ଟ୍ରଫି ଏବଂ ନଗଦ ରାଶି ପ୍ରଦାନ କରିଥିଲେ । ଖେଳ ଏତେ ଚିତ୍ତାକର୍ଷକ ଥିଲା ଯେ ରାମପୁର ଷ୍ଟେଡ଼ିୟମ ରେ ହଜାର ହଜାର ଦର୍ଶକ ଉପସ୍ଥିତ ଥାଇ ଖେଳର ମଜା ନେଉଥିଲେ । ରମେଶ ପୂଜାରୀ ଦୁଇଦିନ ଖେଳ ର ଆୟୋଜକ ମାନଙ୍କୁ ଏତେବଡ଼ ଆୟୋଜନ କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି , ଏହି କାର୍ଯ୍ୟକ୍ରମରେ ଅନେକ ଖେଳପ୍ରେମୀ ଦୀର୍ଘ ସମୟ ଧରି ଦେଖୁଥିବାର ଦେଖାଯାଇଥିଲା ।

କୋଣାର୍କରେ ପର୍ଯ୍ୟଟକଙ୍କ ବ୍ୟାଗ୍ ଓ ମୋବାଇଲ ସହ ଟଙ୍କା ଚୋରି ଅଭିଯୋଗ



କୋଣାର୍କ, ୦୬/୧୦(ସନ୍ତୋଷ କୁମାର ଭୋଳ)କୋଣାର୍କ ବୁଲିବାକୁ ଆସିଥିବା କର୍ଣ୍ଣାଟକର ଜଣେ ପର୍ଯ୍ୟଟକଙ୍କ ଦୁଇଟି ବ୍ୟାଗ୍ ଚୋରି ହୋଇଥିବା ନେଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି । ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ମୋବାଇଲ୍ ଫୋନ୍, ମୂଳ ଦସ୍ତାବିଜ, ଡ୍ରାଇଭିଂ ଲାଇସେନ୍‌ସ, ଆଧାର କାର୍ଡ ଓ ନଗଦ ଟଙ୍କା ରହିଥିବା ଜଣାପଡ଼ିଛି ।କର୍ଣ୍ଣାଟକ ରାଜ୍ୟର ଚିକ୍କବଲ୍ଲାପୁର ଜିଲ୍ଲା, ଗୁଡିବନ୍ଧା ତାଲୁକ ଅଞ୍ଚଳର ଚନ୍ଦ୍ରଶେଖର ଚାରି (୩୨) ପ୍ରାୟ ୪୦ ଜଣ ସହଯାତ୍ରୀଙ୍କ ସହ ଏକ ବସ୍ ଯୋଗେ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ବୁଲିବା ପାଇଁ ଆସିଥିଲେ । ସେମାନେ ୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶିବାନୀ ଲଜ୍‌ରେ ରହିଥିଲେ । ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୦ଟାରୁ ଭୋର ୨ଟା ମଧ୍ୟରେ କୌଣସି ଅଜଣା ବ୍ୟକ୍ତି ତାଙ୍କର ଦୁଇଟି ବ୍ୟାଗ୍ ଚୋରି କରି ନେଇଥିଲା । ବ୍ୟାଗ୍‌ରେ ଏକ ଡଂଚଙ୍ଗ ରଂ୩୧ ଚକ୍ବକ୍ଟ ମୋବାଇଲ୍ ଫୋନ୍, ମୂଳ S.S.D.C. କାର୍ଡ/ଦସ୍ତାବିଜ, ଡ୍ରାଇଭିଂ ଲାଇସେନ୍‌ସ, ଆଧାର କାର୍ଡ ଓ ପ୍ରାୟ ୫ ହଜାର ଟଙ୍କା ନଗଦ ଥିବା ଅଭିଯୋଗରେ ଦର୍ଶାଯାଇଛି । ଘଟଣା ପରେ ଚନ୍ଦ୍ରଶେଖର କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରି ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ସହ ଅଜଣା ଚୋରକୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଉଦ୍‌ଯାପିତ

କନ୍ଧମାଳସଦର, ୬/୧୦ (ଅକ୍ଷର ଓଡିଶା) ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କନ୍ଧମାଳର ମିଳିତ ଆନୁକୁଲ୍ୟରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ମହକ -୨୦୨୬ ' ସ୍ଥାନୀୟ ସଂସ୍କୃତି କାର୍ଯ୍ୟାଳୟର ଅଡିଟୋରୀୟମ ଠାରେ ମହା ଆଡ଼ମ୍ବରରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ ଟି ଶିଶୁ ଯତ୍ନ ଅନୁଷ୍ଠାନରୁ ୨୫୦ ରୁ ଉର୍ଦ୍ଧ ଅନ୍ତେବାସୀ ଅଂଶ ଗ୍ରହଣ କରି ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ବକ୍ତୃତା,ଏକତା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ମହାଶୟ ଉଦ୍ଘାଟନ କରି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମ ର ଉଦେଶ୍ୟ ବିଷୟରେ ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ରଶ୍ମିତା କରଣ ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରନେଶ୍ ?ର ସାହୁ ସଦସ୍ୟ ଅଶୋକ କୁମାର କିଶୋର, ସଦସ୍ୟା ରଞ୍ଜିତା, ବନବାସୀ ସେବା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ଅଶୋକ କୁମାର ମହାନ୍ତି ଓ ମଧୁସ୍ମିତା ଉପସ୍ଥାପନ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର କର୍ମଚାରୀ ସମସ୍ତେ ସହଯୋଗ କରିଥିଲେ ।

ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ହିଞ୍ଜିଳିକାଟୁ, ୦୬/୧୦(ଅବନି କାନ୍ତ ପଟ୍ଟନାୟକ): ହିଞ୍ଜିଳି ବ୍ଲକ ପୋଡ଼ିଙ୍ଗି ଶ୍ୟାମଳାଇ ବିଦ୍ୟାପୀଠର ୮ ଜଣ ଛାତ୍ର କ୍ରୀଡାରେ ସଫଳତା ହାସଲ କରି ମଧ୍ୟ ଜିଲ୍ଲା ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ସୁଯୋଗ ମିଳୁ ନ ଥିବାରୁ ଅପରାହ୍ଣରେ ହିଞ୍ଜିଳି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।ଗତ ଅଗଷ୍ଟ ୩୦ ତାରିଖରେ ୧୭ ବର୍ଷରୁ କମ ଓ ୧୪ ବର୍ଷରୁ କମ ବୟସର ପିଲାଙ୍କୁ ନେଇ ଜୋନାଲସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀ ?। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଭିଯୋଗକାରୀ ମାନେ କୃତୀତ୍ୱ ହାସଲ କରିଥିଲେ ।ହିଞ୍ଜିଳି, ସିକିରି, କଞ୍ଚୁରୁ ଓ ଡ଼ି. ପାଟପୁର ୪ ଟି ବିଦ୍ୟାଳୟକୁ ନେଇ ବୃନ୍ଦାବନ ବିଦ୍ୟାପୀଠ ଜୋନ ଗଠନ ହୋଇଛି ।ପରବର୍ତ୍ତୀ ସମୟରେ ଆଲପୁର ଅଞ୍ଚଳ ଖେଳ ପଡିଆରେ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ସେମାନେ ମଧ୍ୟ କୃତିତ୍ୱ ଅର୍ଜନ କରିଥିଲେ ବି ପାତ୍ରପୁରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ସେମାନଙ୍କୁ ସୁଯୋଗ ମିଳି ନ ଥିଲା ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରି ଧାରଣାରେ ବସିଛନ୍ତି ।ବିଇଓ ଚାନ୍ଦିନୀ ପଣ୍ଡା ଓ ଏବିଇଓ ବାଳକୃଷ୍ଣ ପାତ୍ର ଧାରଣସ୍ଥଳରେ ପହଞ୍ଚି ପିଲାଙ୍କୁ ବୁଝାସୁଝା କରିଥିଲେ ।ଖବର ଲେଖା ହେବା ସୁଦ୍ଧା ସେମାନେ ଧାରଣାରେ ବସିଛନ୍ତି ।ଏ ନେଇ ବିଇଓଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ବି ଫୋନ ରିସିଭ କରି ନଥିଲେ ।

ପି.ଏମ୍.ଶ୍ରୀ. ରାମ ଚନ୍ଦ୍ର ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ



ଖଲିକୋଟ ୦୬/୧୦ (ନିଲୁ ପଣ୍ଡା) ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କହ୍ନେଇପୁର ସ୍ଥିତ ପି.ଏମ୍.ଶ୍ରୀ. ରାମ ଚନ୍ଦ୍ର ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମମତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ମୁଖ୍ୟ ଶିକ୍ଷକ ଲଡୁ କିଶୋର ଜାଲି ଅଧ୍ୟକ୍ଷତା କରି ବିଜ୍ଞାନ ମେଳା ଶିକ୍ଷାର୍ଥୀଙ୍କ ସୃଜନଶୀଳତାକୁ ବୃଦ୍ଧି କରିବାର ଉପାୟ ବୋଲି ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।ବିଚାରକ ଭାବେ କେଶପୁର ଡିଗ୍ରୀ କଲେଜ ଅଧ୍ୟାପକ ପ୍ରତୀକ କୁମାର ପ୍ରଧାନ ଓ ଅଧ୍ୟାପିକା ସୁଶ୍ରୀ ତପସ୍ୱିନୀ ଦଳାଇ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବିଜ୍ଞାନ ପ୍ରକଳ୍ପକୁ ଦେଖି ମୂଲ୍ୟାୟନ କରିଥିଲେ ।

ବିଷାକ୍ତ ସାପ କାମୁଡ଼ାରେ ମାଧବ ସିଂଙ୍କ ମୃତ୍ୟୁ

ଗୋଲାମୁଣ୍ଡା ୦୬/୧୦ (ଅକ୍ଷର ଓଡ଼ିଶା): ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ପଞ୍ଚାୟତ କୋଦୋଭଟା ଗ୍ରାମ ରେ ବିଷାକ୍ତ ସାପ କାମୁଡ଼ାରେ ୬୨ ବର୍ଷୀୟ ମାଧବ ସିଂଙ୍କ ପିତା ଦ୍ୱାରିକା ସିଂ ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । କୋଦୋଭଟା ଅଞ୍ଚଳରେ ଘଟିଥିବା ଏହି ଅଭାବନୀୟ ଘଟଣାକୁ ନେଇ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।ସୂଚନା ଅନୁଯାୟୀ, ମାଧବ ସିଂ କୋଦୋଭଟା ଅଞ୍ଚଳରେ ଥିବା ସକାଳ ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା । ସାପ କାମୁଡ଼ିବା ପରେ ତାଙ୍କ ଶରୀରରେ ଅସୁସ୍ଥତା ଦେଖାଦେଇଥିଲା । ଘଟଣା ଜଣାପଡ଼ିବା ପରେ ପରିବାରଲୋକେ ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଚପ୍ରରିଆ ଚିକିତ୍ସା କୁ ନେଲେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା କୁ ସ୍ଥାନାନ୍ତରିତ କଲେ ହସ୍ପିଟାଲରେ ଡାକ୍ତରମାନେ ତାଙ୍କର ଚିକିତ୍ସା କରିଥିଲେ । ତେବେ ଚିକିତ୍ସା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷାକରାଯାଇପାରିନଥିଲା । ଡାକ୍ତରମାନେ ମାଧବ ସିଂଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ମାଧବ ସିଂଙ୍କ ପରିବାର ଗଭୀର ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ତାଙ୍କ ମୃତ୍ୟୁ ଖବର ଅଞ୍ଚଳରେ ପହଞ୍ଚିବା ପରେ ଆତ୍ମୀୟସ୍ୱଜନ ଓ ପରିଚିତମାନେ ପରିବାରକୁ ସମବେଦନା ଜଣାଇଛନ୍ତି ।

ହାଇୱା ଧକ୍କା ଯୋଗୁଁ ୨ଜଣଙ୍କ ମୃତ୍ୟୁ, ୩ଆହତ

ପାରଳାଖେମୁଣ୍ଡି, ୬/୧୦ (ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ରାୟଗଡ ଥାନା ଅନ୍ତର୍ଗତ ବଡ଼ଗାଁ ଛକ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏହି ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅନ୍ୟ ତିନି ଜଣ ଆହତ ଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ବଡ଼ଗାଁ ରାସ୍ତା କଡରେ ଏକ ଦୋକାନ ସମ୍ମୁଖରେ ଗୋଟିଏ ଅଟୋ ସେଠାରେ ଅଟକି ରହି ସାନିଟାରୀ ସାମଗ୍ରୀ ଗୁଡିକୁ ବିକ୍ରି କରୁଥିବାବେଳେ ଅନ୍ୟ କିଛି ଲୋକ ଉକ୍ତ ରାସ୍ତା କଡ଼ରେ ହିଁ ରହିଥିଲେ । ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଢଉ ୨୦ ର ୧୧୦୫ ନମ୍ବର ଯୁକ୍ତ ଏକ ହାଇୱା ଅଟୋ ଟିକୁ ଧକ୍କା ଦେଇଥିଲା । ଯାହା ଫଳରେ ଅଟୋଟି ଛିଟିକି ହୋଇ ରାସ୍ତା କଡ଼ରୁ କିଛି ଦୂରରେ ଯାଇ ପଡିଥିଲା. ଏହି ଦୁର୍ଘଟଣାରେ ସିବାଲା ବେଣୁ ଗୋପାଲ ଏବଂ ବି, ସମ୍ମୁଖ ରାଓ ଙ୍କ ମୃତ୍ୟୁ ଘଟି ଥିବା ବେଳେ ଜଣେ ଗୁରୁତର ଅନ୍ୟ ଦୁଇ ଜଣ ଆହତ ହୋଇଥିବା ଜାଣିବାକୁ ମିଳିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଦୁଇ ମୃତକଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଅନ୍ୟ ଗୁରୁତର ଜଣଙ୍କ ବାହାରକୁ ଚିକିତ୍ସା ପାଇଁ ପଠା ଯାଇଥିବା ସୂଚନା ରହିଛି । ଏହି ଘଟଣା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆକ୍ରୋଶ ବି ଦେଖିବାକୁ ମିଳିଛି । ଏହି ବାଲି ବୋଝାଇ ହାଇୱାର ଡ୍ରାଇଭର ମନମୁଖି ଭାବେ ଅତ୍ୟନ୍ତ ଦ୍ରୁତଗତିରେ ଗାଡି ଚଲାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି ।

ଦୁଇ ଟ୍ରକ୍ ଲୁଟେରା ଗିରଫ, ବ୍ୟାଟେରୀ ଓ ମୋଟରସାଇକେଲ ଜବତ

ସିନାପାଲି ୦୬/୧୦(ଅକ୍ଷର ଓଡିଶା)-ରାତିର ନିରବତାକୁ ଭେଦି ଟ୍ରକ୍ ଅଟକାଇ କାଚ ଭାଙ୍ଗି, ଛୁରୀ ଦେଖାଇ ଡ୍ରାଇଭରଙ୍କୁ ଗାଡ଼ିରୁ ଟାଣି ଆଣି ଟ୍ରକ୍ ଲୁଟ୍ ଘଟଣାରେ ସିନାପାଲୀ ପୋଲିସକୁ ମିଳିଛି ବଡ଼ ସଫଳତା ।ସିନାପାଲୀ ଥାନା ଆଇଆଇସି ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଏହି ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଚୋରି ହୋଇଥିବା ଟ୍ରକ୍ ବ୍ୟାଟେରୀ ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକେଲ ଜବତ କରାଯାଇଛି ।ପୋଲିସ ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୩୧ ତାରିଖ ରାତିରେ ଟ୍ରକ୍ ଡ୍ରାଇଭର ସନ୍ତରାମ ସୋନୱାନୀ (୩୮) ଟ୍ରକ୍ ନଂ. CG-04-NP-5823 ଯୋଗେ ନବରଙ୍ଗପୁରରୁ ଖଡ଼ିଆଳ ରୋଡ୍ ଅଭିମୁଖେ ଯାଉଥିଲେ । ସିନାପାଲୀ ବାବା ମଠା ରୋଡ୍ ନିକଟରେ ତିନିଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲରେ ଆସି ଟ୍ରକ୍କୁ ଅଟକାଇଥିଲେ ।ଦୁର୍ବୃତ୍ତମାନେ ଟ୍ରକ୍‌ର କାଚ ଭାଙ୍ଗି ଛୁରୀ ଦେଖାଇ ଡ୍ରାଇଭରଙ୍କୁ ତଳକୁ ଟାଣିଆଣିଥିଲେ । ତାଙ୍କଠାରୁ ନଗଦ ୨ ହଜାର ଟଙ୍କା ଲୁଟିନେବା ସହ ଆକ୍ରମଣ କରିଥିଲେ । ଦୁର୍ବୃତ୍ତମାନେ ଟ୍ରକ୍‌ର ବ୍ୟାଟେରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ ।ଅଭିଯୋଗ ପରେ ସିନାପାଲୀ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ବେଳେ ଭରୁଆମୁଣ୍ଡା ଗ୍ରାମର ଗୁପ୍ତେଶ୍ୱର ଛତ୍ରିଆ ଓରଫ ଗୁପ୍ତେ (୨୩) ଏବଂ ଗୋଡାଳ ଗ୍ରାମର ଜ୍ଞନରେଶ କୁମାର ମାଝି (୨୫)ଙ୍କୁ ପୋଲିସ ଗିରଫ କରିଛି ।ସେମାନଙ୍କଠାରୁ ଚୋରି ହୋଇଥିବା ଟ୍ରକ୍ ବ୍ୟାଟେରୀ ଏବଂ ଘଟଣାରେ ବ୍ୟବହୃତ OR-26-2530 ନମ୍ବର ବିଶିଷ୍ଟ ମୋଟରସାଇକେଲ ଜବତ ହୋଇଛି ।

କୁରଡ଼କୋଟରେ ସୌନ୍ଦର୍ଯ୍ୟକରଣ ଚକଚକିଆ, ରକ୍ଷଣାବେକ୍ଷଣ ନିରାଶାଜନକ



ଦେବଗଡ଼, ୦୬।୧୦(ଅକ୍ଷର ଓଡ଼ିଶା): ଓଡ଼ିଶା ପର୍ଯ୍ୟଟନ ଅନ୍ତର୍ଗତ ଦେବଗଡ ଜିଲ୍ଲା କୁରଡ଼କୋଟରେ ନିର୍ମିତ ନୂତନ ମଣ୍ଡପଟି ଦେଖିବାକୁ ବେଶ୍ ଆକର୍ଷଣୀୟ । ଏହାର ନିର୍ମାଣ ଓ ସୁନ୍ଦର କାମ ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ପ୍ରଶଂସା କରାଯାଇପାରେ । ହେଲେ ପ୍ରକଳ୍ପର ଚମକ ପଛରେ ରକ୍ଷଣାବେକ୍ଷଣର ଚିତ୍ର ନିରାଶାଜନକ ହୋଇପଡ଼ିଛି ।ଗ୍ରାଉଣ୍ଡ ଜିରୋରେ ଦେଖାଯାଉଛି, ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ସ୍ଥାପିତ ପାଣି ଡିସପେନସର୍ କିଓସ୍କ ଅଚଳ ହୋଇ ପଡ଼ିରହିଛି । ସେହିପରି ଆବର୍ଜନା ପରିଚାଳନା ପାଇଁ ରଖାଯାଇଥିବା ଡଷ୍ଟବିନ୍‌ଗୁଡ଼ିକ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଛି । ଏଭଳି ଅବସ୍ଥା ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି । କେବଳ ନୂତନ ପ୍ରକଳ୍ପ ନିର୍ମାଣ କିମ୍ବା ଉଦ୍‌ଘାଟନରେ କାମ ଶେଷ ହୁଏ ନାହିଁ । ପ୍ରକଳ୍ପଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ, ତଦାରଖ ଏବଂ ସମୟୋପଯୋଗୀ ମରାମତି ମଧ୍ୟ ସମାନ ଗୁରୁତ୍ୱ ବହନ କରେ ।ଏଥିସହ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ସରକାରୀ ସମ୍ପତ୍ତିର ସୁରକ୍ଷା ଓ ପରିବେଶ ସ୍ୱଚ୍ଛତା ପ୍ରତି ଦାୟିତ୍ୱବୋଧ ବଢ଼ିବା ଆବଶ୍ୟକ । କୁରଡ଼କୋଟ ଭଳି ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ଦୀର୍ଘସ୍ଥାୟୀ କରିବାକୁ ନିର୍ମାଣ ସହ ରକ୍ଷଣାବେକ୍ଷଣ ଓ ତଦାରଖକୁ ମଧ୍ୟ ପ୍ରାଥମିକତା ଦେବା ଜରୁରୀ ।

ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ୭୦ମୋବାଇଲକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର

ପାରଳାଖେମୁଣ୍ଡି, ୬/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ହଜି ଯାଇଥିବା ଏବଂ ଚୋରି ହୋଇଥିବା ୭୦ ଗୋଟି ମୋବାଇଲକୁ ବିଭିନ୍ନ ଥାନା ଓ ସାଇବର ସେଲ୍‌ର ସମନ୍ୱିତ ପ୍ରୟାସରେ ଉଦ୍ଧାର କରାଯାଇଛି । ପୋଲିସ ପକ୍ଷରୁ କେନ୍ଦ୍ରୀୟ ଡାଟାବେସ ପୋର୍ଟାଲ, ବିଭିନ୍ନ ବୈଷୟିକ ଉପକରଣ ସହ କ୍ଷେତ୍ରସ୍ତରୀୟ ତଦନ୍ତ ଓ ଅନୁସରଣ ମାଧ୍ୟମରେ ମୋବାଇଲ ଗୁଡ଼ିକୁ ଚିହ୍ନଟ କରାଯାଇ ଉଦ୍ଧାର କରାଯାଇଥିଲା । ଏହା ଗଜପତି ପୋଲିସର ପ୍ରଯୁକ୍ତିଭିତ୍ତିକ ତଦନ୍ତ ଏବଂ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ପ୍ରତି ଗୁରୁତ୍ୱକୁ ପ୍ରତିଫଳିତ କରିଛି । ମୋବାଇଲ ଫୋନ ଗୁଡ଼ିକର ପ୍ରକୃତ ମାଲିକାନା ସମ୍ପର୍କିତ ଯାଞ୍ଚ ପରେ ଉଦ୍ଧାର ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକୁ ଆଜି ଗଜପତି ଜିଲ୍ଲା ପୁଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଜପତି ଏସ୍ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ଉପସ୍ଥିତିରେ ପ୍ରକୃତ ମାଲିକମାନଙ୍କୁ ଫେରାଇ ଦିଆଯାଇଛି । ଏହି ଉଦ୍ଧାର ଅଭିଯାନରେ ସଂଶ୍ଳିଷ୍ଟ ସାଇବର ସେଲ୍ ଓ ବିଭିନ୍ନ ଥାନାରେ ନିୟୋଜିତ ପୁଲିସ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସକୁ ଗଜପତି ଏସ୍ପି ପ୍ରଶଂସା କରିଥିଲେ । ପ୍ରଯୁକ୍ତିଭିତ୍ତିକ ଓ ଜନକୈନ୍ଦ୍ରିକ ପୋଲିସିଂକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ମଧ୍ୟ ହଜିଯାଇଥିବା ଓ ଚୋରି ମୋବାଇଲ ଫୋନ୍ ଉଦ୍ଧାର ପାଇଁ ଗଜପତି ପୁଲିସର ଅଭିଯାନ ଜାରି ରହିବ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଇଛି ।

ଦାଦନଗଡ଼ ଖପ୍ରାଖୋଲ ବ୍ଲକରେ ଦେଶାନ୍ତର ଶ୍ରମିକମାନଙ୍କୁ ନେଇ ସଚେତନସଭା

ବଲାଙ୍ଗିର ୦୬/୧୦ (ଦେବେନ୍ଦ୍ର ପୋଡ଼)ପଶ୍ଚିମ ଓଡ଼ିଶାର ବଲାଙ୍ଗୀର ଜିଲ୍ଲା ଦାଦନ ଗଡ଼ ଭାବେ ଖପ୍ରାଖୋଲ ବ୍ଲକ ପରିଚିତ । ମଙ୍ଗଳବାର ଦିନ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ ଭାନପୁର ପଞ୍ଚାୟତରେ ଦେଶାନ୍ତର ଶ୍ରମିକମାନଙ୍କୁ ନେଇ ସଚେତନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସହକାରୀ ଯନ୍ତ୍ରୀ ରାଜ କିଶୋର ନାଏକ, ଡି ସି ଏମ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସିଡିପିଓ ଅମ୍ରିତା ପଣ୍ଡା, ସରପଞ୍ଚରୀନା ଜାଲ, ସମେତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା କର୍ମ ନିଯୋଜନ ଅଧିକାରୀ, ଜିଲ୍ଲା ଶିଳ୍ପ ତାଲିମ କେନ୍ଦ୍ର ର ମାଷ୍ଟର ଟ୍ରେନର ମଞ୍ଚାସିନ ହୋଇଥିଲେ । ଅଞ୍ଚଳରେ ଲୋକମାନେ ଚାଷ କାମ ସରିଗଲା ପରେ କାମ ଅଭାବରେ ରାଜ୍ୟ ତଥା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । କୃଷିଭିତ୍ତିକ ମହାନ ଗଣପର୍ବ ନୂଆଖାଇ ପରେ ଦାଦନ ଆରମ୍ଭ ହୋଇଥାଏ । ତେଣୁ ଆଜି ସଭାରେ ଆତ୍ମ ନିର୍ଭରଶିଳ ଯୋଜନା, ଓଡିଶା ଜୀବିକା ମିଶନ ସଂସ୍ଥା ରୁ ଲକ୍ଷ ଲକ୍ଷ ଟଙ୍କାର ଶୁଦ୍ଧ ବିହୀନ ଋଣ ସହଯୋଗ,ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗାଇ ଛେଳି କୁକୁଡ଼ା ଘୁଷୁରୀ ଚାଷ ପାଇଁ ଆର୍ଥିକ ପ୍ରୋତ୍ସାହନ, ଉଦ୍ୟାନ ବିଭାଗ ତରଫରୁ କଦଳୀ ଆମ୍ବ, ଲେମ୍ବୁ, ପିଜୁଳି, ଅମୃତ ଭଣ୍ଡା ସହ ପନିପରିବା ମାଛ ଚାଷ ପାଇଁ ରିହାତି ମୂଲ୍ୟରେ ବିହନ ଯୋଗାଣ, ମନରେଗା ଯୋଜନା ବା ଭିବିଜୀ ରାମଜୀ ଯୋଜନାରୁ ବର୍ଷକୁ ୧୨୫ ଦିନର କାମ ସୁନିଶ୍ଚିତ ମିଳିବ । ଦାଦନ ଖଟିଗଲେ ବିଭିନ୍ନ ସମସ୍ୟା ଯଥା ନିଜର ପିଲା ଛୁଆ ଶିକ୍ଷା ସ୍ୱାସ୍ଥ୍ୟ ହରାଇବେ ଆଉ ଯେଉଁ ମାନେ ଦାଦନ ଯିବେ ସ୍ଥାନୀୟ ପଞ୍ଚାୟତ କିମ୍ବା ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜିକରଣ କରି ଯିବେ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ । ସରକାର ତରଫରୁ ପର୍ଯ୍ୟାପ୍ତ ପରିମାଣର କୋଟି କୋଟି ଟଙ୍କାର ଯୋଜନା ସତ୍ତ୍ୱେ ଦାଦନ ବଢୁଥିବା ଏକ ଚର୍ଚ୍ଚା ହୋଇଥିଲା । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ପରିଚାଳନା କରିଥିବା ବେଳେ ଏପିଓ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।

ମା' ତାରାତାରିଣୀ ପୀଠରେ ଥିବା ଦାନ ହୁଣ୍ଡୀ ଖୋଲାଗଲା



ପୁରୁଷୋତ୍ତମପୁର, ୦୬/୧୦ (ପ୍ରସନ୍ନ କୁମାର ଦାଶ), ମାଆ ତାରାତାରିଣୀ ଙ୍କ ପାହାଡ଼ ଉପରେ ଥିବା ଦାନ ହୁଣ୍ଡି ପେଡି ଦଶହରା ପୂର୍ବରୁପୁରୁଷୋତ୍ତମପୁର ତହସିଲଦାର ତଥା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଷ୍ଟାଫଙ୍କ ଉପସ୍ଥିତି ରେ ଏହା ଖୋଲା ଯାଇଛି । ହୁଣ୍ଡି ଖୋଲା ଗଲା ପରେ ବାହାରିଲା ବହୁ ସୁନା, ରୁପା ଅଳଙ୍କାର,ବିଦେଶୀ ମୁଦ୍ରା ସହ ଶ୍ରଦ୍ଧାଳୁ ଙ୍କ ଭାବ ବିହ୍ୱଳ ଚଠି । ଭାରତର ଚାରି ଆଦିଶକ୍ତି ପୀଠ ମଧ୍ୟରେ ଅନ୍ୟତମ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀ ପୀଠରେ ଖୋଲିଲା ଦାନ ହୁଣ୍ଡୀ । ମା ଙ୍କ ପୀଠର ଗର୍ଭ ଗୃହ,ମୁଖ୍ୟ ଦ୍ୱାରରେ ରହିଥିବା ପାଞ୍ଚ ଦାନ ହୁଣ୍ଡୀକୁ ଆଜି ଖୋଲିଛି ପ୍ରଶାସନ । ଦୀର୍ଘ ଛଅ ମାସ ପରେ ମା ଙ୍କ ଦାନ ହୁଣ୍ଡୀ ଖୋଲିଥିବା ବେଳେ ହୁଣ୍ଡିରୁ ଶ୍ରଦ୍ଧାଳୁ ଦାନ କରିଥିବା ଲକ୍ଷାଧିକ ଟଙ୍କା ସହ ବହୁ ସୁନା, ରୁପା ଅଳଙ୍କାର,ବିଦେଶୀ ମୁଦ୍ରା ବାହାରିଛି । ବିଶେଷକରି ମା ଙ୍କୁ ନିଜ ଦୁଃଖ ଜଣାଇଥିବା ବହୁ ଶ୍ରଦ୍ଧାଳୁଙ୍କ ଚିଠି ହୁଣ୍ଡିରୁ ଉଧାର ହୋଇଛି । ନିଜ ପରିବାରର ମଙ୍ଗଳ ଏବଂ ଭଲ ଚାକିରୀ କରାଇଦେବାକୁ ଶ୍ରଦ୍ଧାଳୁମାନେ ମା ଙ୍କୁ ଚିଠି ଜରିଆରେ ଜଣାଇଥିବା ବେଳେ ଶ୍ରଦ୍ଧାଳୁ ଙ୍କ ଭାବବିହ୍ୱଳ ନିବେଦନ ମା ପୂରଣ କରନ୍ତୁ ବୋଲି କହିଛନ୍ତି ପୂଜକ । ତେବେ ଗଣତି କାର୍ଯ୍ୟରେ ପୁରୁଷୋତ୍ତମପୁର ତହସିଲର ସମସ୍ତ କର୍ମଚାରୀ ଙ୍କ ସମେତ ପୋଲିସ, ବ୍ୟାଙ୍କ କର୍ମଚାରୀ ଲାଗିଥିବା ବେଳେ ଗଣତି ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରିରହିବା ନେଇ ଅନୁମାନ କରାଯାଉଛି । ତେବେ ପୁରୁଷୋତ୍ତମପୁର ପୋଲିସ ଅଧିକାରୀ କୃଳମଣି ସେଠୀ,ଓ ଥାନା ଷ୍ଟାଫସେବାୟତ, ମାନେ, ମୁଖ୍ୟ ପୂଜକ ବାପୁଜୀ ରଣା, ଦେବେନ୍ଦ୍ର ନାଥ ରଣା ସେବାୟତ ସଭାପତି ତପନ କୁମାର ରଣା ଙ୍କ ସହିତ ସମସ୍ତ ମନ୍ଦିର ଷ୍ଟାଫ ଙ୍କ ଉପସ୍ଥିତି ରେ ମୋଟ ୨୫,୯୧,୭୪୩, ନଗଦ ଓ ସୁନା ରୁପା, ବିଦେଶୀ ମୁଦ୍ରା ମିଳିଛି ।

ବୁଧବାର ୦୭।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ମଦ ବନ୍ଦ ବିକ୍ରିକୁ ବିରୋଧ କରି ଦାବିପତ୍ର

କୋରାପୁଟ, ୦୬/୧୦ (ସମୀର) : କୋରାପୁଟ ଜିଲା କୋଟପାଡ଼ ଏବଂବୋରିଗୁମ୍ମା ବ୍ଲକରେ ଦିନକୁ ଦିନ ଗ୍ରାମାଞ୍ଚଳରେ ବିହାରୀ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ଯୋଗୁଁ ଗ୍ରାମାଞ୍ଚଳ ର ଶିକ୍ଷିତ ଯୁବକ ଯୁବତୀ ନିଶାଡି ମାନଙ୍କ ଦୁର୍ବ୍ୟବହାର ଶିକାର ହେବା ସହ ପ୍ରତ୍ୟେକ ପରିବାର ରେ ନିତିଦିନ କୌଣସି ନା କୌଣସି ଅପ୍ରୀତିକର ଘଟଣା ଦେଖା ଦେଉଥିବା ଯୋଗୁଁ ସୋମବାର ଦିନ ବୋରିଗୁମ୍ମା ବ୍ଲୋକ କୋଟପାଡ ଥାନା ଅନ୍ତର୍ଗତ ଶସାହାଣ୍ଡି ପଞ୍ଚାୟତ ର ୮ଗୋଟି ଗ୍ରାମର ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା, ଓ ସ୍ୱଙ୍ଗସହାୟକ ଗୋଷ୍ଠୀ ର ମୋହିଲା ମାନେ ମଦ ବିକ୍ରିକୁ ବିରୋଧ କରିବା ସହ ଉକ୍ତ ପଞ୍ଚାୟତରେ ସମ୍ପୂର୍ଣ୍ଣ ମଦଦୋକାନ ବନ୍ଦ



କୁ ନେଇ କୋଟପାଡ ଥାନା ଘେରାଉ କୋରିବା ସହ ଦାବିପତ୍ର ଦେଇଥିବା ଦେଖା ଦେଇଛି, ଏଥି ପୂର୍ବରୁମଧ ଏକାଧିକ ମହିଳା ସ୍ୱଙ୍ଗ ସହାୟକ ଗୋଷ୍ଟି ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି କିନ୍ତୁ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନାମକୁ ମାତ୍ର ବେଆଇନ ବିକ୍ରି ମଦ ଦୋକାନ ଗୁଡିକ ଉପରେ ଚଡାଉ କୋରି ଥିଲେ କିନ୍ତୁ କିଛି ଦିନହେବ ପୂର୍ବରୁ ଯେଭଳି ମଦଦୋକାନ ମାନଙ୍କରେ ମଦ ବିକ୍ରି ହେଉଥିଲା ବର୍ତ୍ତମାନ ମଧ ସେଭଳି ବିକ୍ରି ଚାଲୁଥିବା ଲୋକେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ସମୟରେ ସରକାର ସହରାଞ୍ଚଳର ବିଦେଶୀ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଥିବାବେଳେ ବିଦେଶୀ ମଦ ଏବେ ଗ୍ରାମାଞ୍ଚଳରେ ବିକ୍ରି ହେଉଛି । ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନୀ କିଛି ବିହାରୀ ମାନଙ୍କ ଦ୍ୱାରା ଗ୍ରାମାଞ୍ଚଳ ମାନଙ୍କରେ ନିତିଦିନ ଚାଲାଣ କରାଯାଉଥିବା ବେଳେ ସଶା ହାଣ୍ଡି ଜାତୀୟ ରାଜ ପଥ କଡ଼ରେ ମଧ ବିଦେଶୀ ନକଲି ମଦ ବିକ୍ରି ଯୋଗୁଁ ମଦୁଆଙ୍କ ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଛି । ତେଣୁ ତୁରନ୍ତ ଗ୍ରାମାଞ୍ଚଳରେ ମୋଦ ବିକ୍ରି ବନ୍ଦ ସହ ବିହାରୀ ମାନଙ୍କ ଦ୍ୱାରା ମଦ ଯୋଗାଣ ବନ୍ଦ କରିବାକୁ ଦାବି କରିଛନ୍ତି ।

କ୍ଲଷ୍ଟର ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ



ଆଠମଲ୍ଲିକ, ୦୬/୧୦(ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଘୋଡ଼ାବାନ୍ଧୁଣୀ ସ୍କୁଲ ପରିସରରେ ଘୋଡ଼ାବାନ୍ଧୁଣୀ କ୍ଲଷ୍ଟର ପକ୍ଷରୁ କ୍ଲଷ୍ଟର ସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ଉସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଦର୍ଶନ ବେହେରା, ଧନେଶ୍ୱର ଭୋଇ, ପୁଷ୍ପାଞ୍ଜଳି ନାୟକ ଓ ମଙ୍ଗୁଲୁ ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ସୃଜନଶୀଳତାର ପ୍ରଶଂସା କରିବା ସହ ଶିକ୍ଷା ସହିତ ସହଶିକ୍ଷାମୂଳକ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ସଭାପତି ଭାବେ ଘୋଡ଼ାବାନ୍ଧୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଜୟ କୁମାର ନାୟକ ସୁଚାରୁରୂପେ ମଞ୍ଚ ପରିଚାଳନା କରିଥିଲେ।ଘୋଡ଼ାବାନ୍ଧୁଣୀ କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସୁରଭୀ କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଭାଗ ନେଇ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ରଞ୍ଜିତ ଦେହୁରୀ, ଧବଳେଶ୍ୱର ପ୍ରଧାନ, ଲମ୍ବୋଦର ଭୋଇ, ବୀରବର ପ୍ରଧାନ, ରୋହିତ କୁମାର ନାୟକ, ସୁକାନ୍ତ ମିର୍ଦ୍ଧା, ସୁଚିତ୍ରା ରାଣୀ ମଣ୍ଡଳ, ଲକ୍ଷ୍ମୀ ନାୟକ ଓ ରୋଜାଲିନ ଗଡ଼ନାୟକଙ୍କ ସମେତ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ।ଘୋଡ଼ାବାନ୍ଧୁଣୀ କ୍ଲଷ୍ଟରର ସିଆରସିସି ପୂପେନ ଦେହୁରୀଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଉତ୍ସବମୁଖର ପରିବେଶରେ ଶେଷ ହୋଇଥିଲା। ଶେଷରେ ସୁଧୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବେଲଗୁଣ୍ଠା, ୦୬/୧୦(ଅକ୍ଷର ଓଡିଶା) ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଆମ୍ବପୁଆ ପଞ୍ଚାୟତ ଅନ୍ତର୍ଗତ ଚଢ଼ିଆପଲ୍ଲୀ ଗ୍ରାମ ପଣସସାହିରେ ବିଦ୍ୟୁତ୍ ଆଘାତରେ କୃଷ୍ଣ ଡାକୁଆ (୪୨)ଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ସେ ଘରର ବିଦ୍ୟୁତ୍ ସଜାଡୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ।ପରିବାର ଲୋକ ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା।ଖବର ପାଇ ବେଲଗୁଣ୍ଠା ପୁଲିସ ଭଞ୍ଜନଗର ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୃଷ୍ଣ ଜଣେ ଦିନମଜୁରିଆ ହୋଇଥିବା ବେଳେ ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କ ମୃତ୍ୟୁରେ ସ୍ତ୍ରୀ ଓ ଦୁଇ ଛୋଟ ଛୁଆଙ୍କୁ ନେଇ ପରିବାର ଅସହାୟ ହୋଇପଡ଼ିଛି। ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମାଟିରୁ ସ୍ୱାବଲମ୍ବନର ନୂଆ ପରିଚୟ ମାଷ୍ଟର ଟ୍ରେନର ସରିତା ରଣା



ସୁବର୍ଣ୍ଣପୁର:୦୬/୧୦ (ସଂଗ୍ରାମ ମହାପାତ୍ର)ମାଟିରୁ ସ୍ୱାବଲମ୍ବନର ନୂଆ ଆଶା ନେଇଁ କୁମ୍ଭାର ପରିବାରର ପାରମ୍ପରିକ କୌଳିକ ବୃତ୍ତିକୁ ନୂଆ ଦିଗ ଦେଇଛନ୍ତି ସୁବର୍ଣ୍ଣପୁରର ସରିତା ରଣା। ୨୦୨୨ରେ ତାଲିମ ନେଇ ସେ ମାଟିରେ ପାତ୍ର, ମୂର୍ତ୍ତି, ଖେଳନା, ପଶୁପକ୍ଷୀ ଓ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରୁଛନ୍ତି। ସରକାରୀ ପ୍ରଦର୍ଶନୀ ଓ ମେଳାରେ ନିଜ କଳାକୃତି ବିକ୍ରି କରିବା ସହ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରାୟ ୧୦୦ ଜଣଙ୍କୁ ତାଲିମ ଦେଇଛନ୍ତି। ଏବେ ବୌଦ ଜିଲ୍ଲାରେ ମାଷ୍ଟର କ୍ରାଫ୍ଟ ପର୍ସନ ଭାବରେ ୬ ମାସିଆ ତାଲିମ ଦେଇ ମାସିକ ୨୦ ହଜାର ଟଙ୍କା ପାରିଶ୍ରମିକ ପାଉଛନ୍ତି। ତାଙ୍କ ସଫଳତା ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ। ତାଙ୍କ କହିବା ଅନୁଯାୟୀ ମଣିଷ ନିଜର ଦୃଢ ଇଚ୍ଛାଶକ୍ତି ଥିଲେ ସବୁ କାମ ରେ ସଫଳତା ପାଇବ ଏହି କୌଳିକ ବୃତ୍ତି କୁ ଆଜିର ଯୁବ ସମାଜ ଗ୍ରହଣ କରିବାକୁ ରାଜି ନ ଥିବା ବେଳେ ସରିତା ରଣା ପରି ଜଣେ ଗୃହଣି ଏହାକୁ କାର୍ଯ୍ୟରେ କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି।

ହାଇୱା ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ଆଠଗଡ଼, ୬/୧୦ (ଅକ୍ଷର ଓଡ଼ିଶା) ହାଇୱା ପଛରୁ ଚାପି ଦେବାରୁ ଛାତ୍ରୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ, ଚାଳକ ଫେରାର। ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେବା ସହିତ କିଛି ସମୟ ପାଇଁ ମୁଖ୍ୟ ରାସ୍ତା ସ୍ଥାନୀୟ ଜନସାଧାରଣ ଅବରୋଧ କରିଥିଲେ। ଖବର ମୁତାବକ କଲେଜରେ କ୍ଲାସ ସାରି ଘରକୁ ଫେରିବା ସମୟରେ ଆଠଗଡ଼ ଚାନ୍ଦବାଲି ଛକ ଠାରେ ଏକ ହାଇୱା ଗାଡ଼ି ନମ୍ବର ଓଡ଼ି - ୩୩ - ଏନ୍ ୩୭୫୩ ପଛରୁ ଚାପି ଦେବାରୁ ଘଟଣାସ୍ଥଳରେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ଦେଓପଡା ଗ୍ରାମର ପ୍ରଶାନ୍ତ ପରିଡ଼ାଙ୍କ କନ୍ୟା ଅନ୍ନପୂର୍ଣ୍ଣା ପରିଡା (୧୬)। ସେ ଆଠଗଡ଼ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ। ଖବର ପାଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହିତ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ରମେଶ ରାଉତ, ସମାଜସେବୀ ଲକ୍ଷ୍ମୀ ନାରାୟଣ ଭଞ୍ଜ, ଯୁବ କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକଙ୍କ ସହିତ ଅନ୍ୟ ସ୍ଥାନୀୟ ଜନସାଧାରଣ ମାନେ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କୁ ନ୍ୟାୟ ଏବଂ ସ୍ଥାୟୀ ସମାଧାନ ଦାବିରେ ରାସ୍ତାରୋକ କରିଥିଲେ। ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

ସରପଞ୍ଚଙ୍କ ଜାଲ୍ ସ୍ୱାକ୍ଷରରେ ଅନେକ ଉନ୍ନତିମୂଳକ କାର୍ଯ୍ୟ

ଅସ୍ତରଙ୍ଗ, ୬/୧୦(ଅକ୍ଷର ଓଡ଼ିଶା)ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତରୁ ଆସିଛି ଏକ ଚାଞ୍ଚଲ୍ୟ କଳାଭଳି ଘଟଣା, ଏହି ପଞ୍ଚାୟତ କାର୍ଯ୍ୟାଳୟର ଲେଟର ପ୍ୟାଡ଼କୁ କମ୍ପୁଟର ମାଧ୍ୟମରେ ନକଲି କପି

ଥାନାରେ ଅଭିଯୋଗ କଲେ ସରପଞ୍ଚ



କରାଯିବା ସହ ଏପରିକି ତାଳଦା ପଞ୍ଚାୟତ ସରପଞ୍ଚ ଇଂ ଦୀପକ ପରିଡାଙ୍କ ସ୍ୱାକ୍ଷର ନକଲ କରାଯାଇ ଏହି ଲେଟର ମାଧ୍ୟମରେ ଅନେକ ସରକାରୀ କାମ ରେ ସଂଯୋଗ କରି ସାଧାରଣ ଲୋକଙ୍କ ଠୁ ଅର୍ଥ ଆଦାୟ କରାଯାଉଥିଲା । ଏହି ଘଟଣା ଅସ୍ତରଙ୍ଗ ଅଞ୍ଚଳରେ ବ୍ୟାପିବାରୁ ତାଳଦା ପଞ୍ଚାୟତ ସରପଞ୍ଚ ଓ ଅନ୍ୟ କର୍ମଚାରୀ ମାନଙ୍କୁ ନେଇ ଏହି ଲେଟର ପ୍ୟାଡ଼ ଯାଞ୍ଚ କରାଯାଇଥିଲା। ଯେତେବେଳେ ପଞ୍ଚାୟତ ଜାଣିବାକୁ ପାଇଲା ଏହି ପ୍ୟାଡ଼ ନକଲି ଓ ସରପଞ୍ଚଙ୍କ ସ୍ୱାକ୍ଷର ମଧ ନକଲି ପଞ୍ଚାୟତ ତରଫରୁ ସରପଞ୍ଚ ଇଂ ଦୀପକ ପରିଡା ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି. ଅଭିଯୋଗ ମୁତାବକ ତାଳଦା ପଞ୍ଚାୟତ ଡ଼ିହକରଡ଼ା ଗ୍ରାମ ର ମାଗୁ ଚରଣ ପରିଡା ଏହିଭଳି ପଞ୍ଚାୟତ ର ନକଲି ଲେଟର ପ୍ୟାଡ଼ ଓ ସରପଞ୍ଚଙ୍କ ଜାଲି ସାକ୍ଷର କରି ଅନେକ ଲୋକଙ୍କୁ ଇନ୍ଦିରାଆବାସ, ଭତ୍ତା, ରାସନ ଆଦି ଅନେକ କାର୍ଯ୍ୟରେ ବ୍ୟବହୃତ ହେଇଯାଇଛି କହି ଅର୍ଥ ଆଦାୟ କରି ଆସୁଛନ୍ତି। ଏହିଭଳି ଏକ ଘଟଣା ତାଳଦା ସରପଞ୍ଚଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱ ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ପଞ୍ଚାୟତ ପାଇଁ ଏକ ଲଜ୍ୟାଜନକ ଘଟଣା ବୋଲି ସରପଞ୍ଚ ଙ୍କ ସମେତ ପଞ୍ଚାୟତ ର ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏଣୁ ଏହି ଭଳି ଘଟଣା ଉପରେ ଅସ୍ତରଙ୍ଗ ପୋଲିସ ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ସାମ୍ନା କୁ ଆଣିବା ସହ ଦୋଷୀ ଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଞ୍ଚାୟତ ବାସୀ ଓ ସରପଞ୍ଚଙ୍କ ତରଫରୁ ଦାବୀ କରାଯାଇଛି।

ଅସହାୟ ଆଦିବାସୀଙ୍କ ଦୁଃଖ ଶୁଣିଲେ ପ୍ରଶାସନ

ଅନ୍ତ୍ୟୋଦୟ ନଗର ପାଇଁ ୧୩ ପରିବାରଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଗୋଲାମୁଣ୍ଡା, ୦୬/୧୦ (ଅକ୍ଷର ଓଡ଼ିଶା) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତୁର୍ଲାପଡା ରେ କେବଳ ଆଦିବାସୀ ୧୪ ଟି ପରିବାର ର ୪୫ ଜଣ ବସବାସ କରୁଥିବା ବେଳେ ଜଣେ ପରିବାର ଛଡା ସବୁ ପରିବାର ର ମୁରବି ମାନଙ୍କର ମୃତ୍ୟୁ ହୋଇଛି । ଏହି ପଡାରେ କେବଳ କାହିଁକି ପୁରୁଷ ମାନଙ୍କର ମୃତ୍ୟୁ ହେଉଛି ବୋଲି ଖବର ପାଇବା ପରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଏକ ଟିମ ସହିତ ସର୍ଜମିନକୁ ଯାଇ ସବୁ ପଚାରି ବୁଝିଥିଲେ । ଟିମ ରେ ତହସିଲଦାର ଚନ୍ଦନ କୁମାର ନାଏକ, ଏଇ ଚିତ୍ତ ରଞ୍ଜନ ଜେନା, ରାଜସ୍ୱ ନିରୀକ୍ଷକ, ଜଳ ଓ ପରିମଳ ବିଭାଗ ତଥା ସବୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏ ଖବର ନେଇ ବିଭିନ୍ନ ଗଣ ମାଧ୍ୟମ ରେ ପ୍ରକାଶ ପାଇଥିଲା ଓ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ



ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଜିଲ୍ଲା ପ୍ରଶାସନ ଏହି ଘଟଣା କୁ ଗୁରୁତ୍ୱ ସହ ନେଇ ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଯୋଜନା ରେ ସାମିଲ କରି ଦୁଇ ଏକଡ଼ ସରକାରୀ ଜାଗା ନେଇ ଅନ୍ତ୍ୟୋଦୟ ନଗର ନାମ କରଣ କରି ଆଜି ୧୩ ଟି ପରିବାରଙ୍କୁ ଆବାସ ର କାର୍ଯ୍ୟାଦେଶ ବଣ୍ଟନ କରାଗଲା । ନଗରରେ ଏକ ନୂତନ ପୋଖରୀ, ଧରନିଶାଳ, ପିଇବା ପାଣିର ବ୍ୟବସ୍ଥା, ବିଦ୍ୟୁତ ସଂଯୋଗୀ କରଣ, ପାଇଖାନା ଓ ରୋଷେଇ ଘର ବ୍ୟବସ୍ଥା, ଗାଈ ଓ ଛେଳି ଗୁହାଳ ର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି । ବଣ୍ଟନ କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ପ୍ରଧାନ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାଏକ, ଏପିଡି ଆରଏଚ ଅମୂଲ୍ୟ ବେହେରା, ଏପିଡି ସ୍କିମ ବିଭାଗର ବିମ୍ବାଧର ସାହୁ, ଭିବିଜିରାମ ଜୀ ଏମସି ପାର୍ବତୀ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଡ଼. ମାନସ ରଞ୍ଜନ ତ୍ରିପାଠୀ, ଆରଏଚ ବିପିସି ମଧୁ ସାହୁ, ଏଇ ଚିତ୍ତ ରଞ୍ଜନ ଜେନା, ନିକୁଞ୍ଜ ନାଏକ, ଅଲେଖ ସା,ରାଜ ମୋହନ ଶବର, ଦିନେଶ ପାନକା, ଜୟରାମ ସାହୁ, ଲଳିତ ମଙ୍ଗରାଜ, ସଂଜୀବ ନିଆଲ, ଜୟନ୍ତ ସିଂ, ଜୟ କୃଷ୍ଣ ସାହୁ, ତାପସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଯୋଡା ବୃଦ୍ଧାଶ୍ରମରେ ସମାଜସେବୀ ବାବୁଲି ବିଶ୍ୱାଳଙ୍କ ତରଫରୁ ରାତ୍ରି ଭୋଜନ ବଣ୍ଟନ

ଯୋଡା, ୦୬/୧୦(ଅକ୍ଷର ଓଡିଶା) କେନ୍ଦୁଝର ଜିଲ୍ଲା ଯୋଡା ସ୍ଥିତ ବୃଦ୍ଧାଶ୍ରମ ପରିସର ରେ ଯୋଡାର ଜଣାଶୁଣା ଯୁବ ସମାଜସେବୀ ବାବୁଲି ବିଶ୍ୱାଳ ଏବଂ ତାଙ୍କ ସହଯୋଗୀ ବନ୍ଧୁମାନଙ୍କ ତରଫରୁ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ରାତ୍ରି ଭୋଜନ ବଣ୍ଟନ କରାଯାଇଛି ।ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ୭ ଘଟିକା ସମୟ ଅବସରରେ ମୁଖ୍ୟ ଆୟଜକ ବାବୁଲି ବିଶ୍ୱାଳ କହିଥିଲେ ସବୁବେଳେ ଦୀନ ଦୁଃଖୀ ଓ ଅସହାୟଙ୍କ ସେବା ହିଁ ପ୍ରକୃତ ସେବା। ତେଣୁ ବୃଦ୍ଧାଶ୍ରମରେ ସେବା କରି ଆମେ ନିଜକୁ ଧନ୍ୟ ମନେ କରୁଛୁ ।ପରେ ବାବୁଲି ବିଶ୍ୱାଳ ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ଆଶ୍ରମରେ ରହୁଥିବା ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କୁ ସୁସ୍ୱାଦୁ ରାତ୍ରି ଭୋଜନ, ଯେଉଁଥିରେ ଭାତ, ସାଧା ଓ ଆମିଷ ତରକାରୀ, ମିଠା ସହ ଅନ୍ୟାନ୍ୟ ବ୍ୟଞ୍ଜନ ପ୍ରଦାନ କରାଯାଇଥିଲା। ଭୋଜନ ପାଇ ଅନ୍ତେବାସୀମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରି ଆୟୋଜକଙ୍କୁ ମୁକ୍ତ କଣ୍ଠରେ ଆଶୀର୍ବାଦ ଦେଇଥିଲେ। ଆଶ୍ରମ ପରିସରରେ ଏକ ଭାବପୂର୍ଣ୍ଣ ଓ ଆନନ୍ଦ ଉଲ୍ଲାସର ବାତାବରଣ ଦେଖିବାକୁ ମିଳିଥିଲା ।ଏହି ମହତ



କାର୍ଯ୍ୟକ୍ରମରେ ଅରବିନ୍ଦ ରାଉତ, ରାଜେଶ ମହଲା,ଅଶୋକ ନାୟକ, ଶମ୍ଭୁନାଥ ଜେନା, ସୁଧଂଶୁ ରାଉତ , ଆଶୁତୋଷ ପ୍ରଧାନ ଓ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଭଳି ସେବା କାର୍ଯ୍ୟ ସମାଜ ପାଇଁ ପ୍ରେରଣାଦାୟୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

କୁଆମଙ୍ଗା ଛକରେ ଥିବା ଷ୍ଟ୍ରିଟ ଲାଇଟ ଜଳିବ କେବେ

ରଘୁନାଥପୁର ୦୬/୧୦(ଅକ୍ଷର ଓଡିଶା) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତରେ ସପେଇ ନାଲ ଯାଇଥିବା କୁଆମାଙ୍ଗ ଛକଠାରେ ଆଜକୁ ବିଗତ (ତିନି) ବର୍ଷ ପୂର୍ବେ ପୂବତନ ସମିତି ସଭ୍ୟ ମହେମୁଦ ବେଗ (ମୁନାଭାଇ) ସହ୍ୟତାରେ ଏକ ଉଚ୍ଚତମ ମାନର ୬ ଟିକିଆ ଷ୍ଟିଟ ଲାଇଟ ପୂର୍ବତମ ତିତୋଲ (ବିଧାୟକ) ବିଜୟ ଶଙ୍କରଦାସଙ୍କ ଦ୍ୱାରା ଉଦଘାଟନ ହୋଇଥିଲା, ଯାଅ ଫଳରେକି ବିରାଡ଼ିକଟକ ଗୋଠିଣା,କଣ୍ଡାପଡ଼ା, କପଡ଼ିଅ କୁଆମଙ୍ଗା ଅଞ୍ଚଳର ଲୋକ



ଉପକୃତ ହେଉଥିଲେ । ଏହି ଉଚ୍ଚତମ ଷ୍ଟିଟ ଲାଇଟ ଟି ଲାଗିବାର ୬ ମାସ ପରେ ଖରାପ ହୋଇଯିବାରୁ ଜଗନ୍ନାଥ ପୁର ପଞ୍ଚାୟତର ପୂର୍ବତନ ବ୍ଲକ ଉପଦକ୍ଷ୍ୟଙ୍କ ସାମୀ -ସୁଦରର୍ଶନ ନାୟକ(ନନା)ଅନନ୍ତ ଭୋଇ , ମକରା ଭୋଇ ,ରାଜାନାୟକ , ବେଣୁଧର ନାଏକ , ସକ୍ଷହାଜାନ ଖାନ, ଅଫସର ଅଲି ଖାନ ବ୍ୟକ୍ତି ମାନେ ଜଗନ୍ନାଥ ପୁର ସରପଞ୍ଚ , ସମିତି ସଭ୍ୟ କ ପାଖରେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣଷି ଫଳପଦ ହଉନାହିଁ । ଯାହାଫଳକି ଲୋକମାନେ ଅନ୍ଧାରରେ ଜାତଆତ କରିବାରୁ ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତୁରନ୍ତ ଅନ୍ଧାରରୁ ମୁକ୍ତି ପାଇବାପାଇଁ ଏହି ଷ୍ଟିଟ ଲାଇଟ ଟି ପତି ପଶାସନିକ ଦୃଷ୍ଟି ଦେବାକୁ ଅଞ୍ଚଳ ବାସି ଦାବି କରୁଅଛନ୍ତି।

ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

ଆସିକା, ୦୬/୧୦:(ଅକ୍ଷର ଓଡିଶା) ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ଆୟୋଜିତ ଏହି ଅଭିଯାନରେ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସର, ସାହି, ବସ୍ତି, ଘର ଓ ନିଜ ପରିବେଶକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ପରେ ଅଧାପକ, ଅଧାପିକା, ଛାତ୍ରୀ ଓ କର୍ମଚାରୀମାନେ



ସମୂହ ଭାବେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ।ଦୈନିକ କିଛି ସମୟ ବାହାର କରି ପରିବେଶ ସଫେଇ ଓ ସ୍ୱଚ୍ଛତା କାର୍ଯ୍ୟରେ ସମସ୍ତେ ସାମିଲ ହେଲେ ନିଜେ ସୁସ୍ଥ ରହିବା ସହ ପରିବାର ଓ ସମାଜ ମଧ ସୁସ୍ଥ ରହିପାରିବ ବୋଲି ଉପସ୍ଥିତ ଅଧାପକ ଓ ଅଧାପିକାମାନେ ମତବ୍ୟକ୍ତ କରିଥିଲେ। ଯୁବ ରେଡ଼କ୍ରସ ସଂଯୋଜିକା ଡଃ ଲିଳା ଲିଲିୟନଙ୍କ ସମେତ ଡଃ ଜୟପ୍ରଦା ମହାପାତ୍ର, ମମତା ନିଶାଙ୍କ, ଶିବାନୀ ପାଲ ଓ ଅନ୍ୟ ଅଧାପକ, ଅଧାପିକା, ଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ମାଫିଆ ଗିରଫ

ଲମତାପୁଟ, ୦୬/୧୦ (ଶ୍ରୀରାମ ଖରା) ମାଛକୁଣ୍ଡ ପୋଲିସକୁ ପୁଣି ମିଳିଛି ବଡ଼ ସଫଳତା ।ପୁଷ୍ପା ଫିଲ୍ମ ଷ୍ଟାଇଲରେ ପିକପ ଭ୍ୟାନ୍ ମଧରେ ସିକ୍ରେଟ ବକ୍ସ ଭିତରେ ରୁ ୨ କ୍ୟୁଣ୍ଟାଲ୍ ୧୪ କେଜି ଗଞ୍ଜେଇ ସହ ଜଣେ ଅଭିଯୁକ୍ତ ଗିରଫ କଲା ପୋଲିସ। ମାଲକାନଗିରି ଅଞ୍ଚଳ ରୁ ଗଂଜେଇ ଚୋରା ଚାଲାଣର ଖବର ପାଇ ମାଛକୁଣ୍ଡ ପୋଲିସ ଏକ ଟିମ୍ ଗଠନ କରି ହନୁମାଳ ଗ୍ରାମ ନିକଟରେ



ନାକାବନ୍ଦୀ କରିଥିଲା । ଏକ ପିକପ୍ ଭ୍ୟାନ ଦ୍ରୁତ ଗତିରେ ଆସୁଥିବା ଦେଖି ଗାଡ଼ି କୁ ଅଟକାଇ ଥିଲା ପୋଲିସ । ଭ୍ୟାନ କୁ ଯାଞ୍ଚ କରିବାରୁ କିଛି ପାଇନଥିଲା । କିନ୍ତୁ ଗାଡିଚାଳକ କୁ ପଚାର ଉଚରା କରିବା ବେଳେ ସନ୍ଦେହ ସୃଷ୍ଟି ହେବାରୁ ଗାଡିକୁ ତନ ତନ କରି ଯାଞ୍ଚ କରିବା ବେଳେ ଭ୍ୟାନ ଡାଲା ଭିତରେ ସ୍ୱତନ୍ତ୍ର ବାକ୍ସ ଭିତରେ ଗଂଜେଇ ଥିବା ଜଣା ପଡିଥିଲା । ଡାଲା ଭିତରେ ୨୩ ଟି ଜରି ପେକେଟ ରେ ଗଂଜେଇ ରହିଥିଲା ।ସଙ୍ଗେ ସଙ୍ଗେ ଗାଡ଼ିରେ ଥିବା ଗଂଜେଇ ମାଫିଆକୁ ପୋଲିସ ଗିରଫ କରି ଗଂଜେଇକୁ ଓଜନ କରାଯାଇଥିଲା । ପିକପ ଭ୍ୟାନ ରୁ ୨ କୁଇଣ୍ଟାଲ ୧୪ କେଜି ଗଂଜେଇ ରହି ଥିବା ବେଳେ ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ହେବା ନେଇ ପୋଲିସ ସୂଚନା ଦେଇଛି। ଏହି ଗଂଜେଇ ମାଲକାନଗିରି ଅଞ୍ଚଳରୁ ପୋଡଶି ରାଜ୍ୟ ଛତିଶଗଡ଼ କୁ ଚୋରା ଚାଲାଣ କରୁଥିବା ପୋଲିସ ସୂଚନା ପାଇଛି । ଗାଡି ଚାଳକ ବଡ଼ଡୁରାଲ ଗ୍ରାମ ର ବ୍ୟକ୍ତି ରିଙ୍କୁ ପାଙ୍ଗି ଙ୍କୁ ଗିରଫ କରିବା ସହିତ ଏଥିରେ ଅନ୍ୟ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ତାକୁ ନେଇ ତଦନ୍ତ ଜାରି ରଖିଛି ମାଛକୁଣ୍ଡ ପୋଲିସ ।

ଦେବଗଡ଼ର ନୂତନ ଉପଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କଲେ ରଶ୍ମି ରଞ୍ଜନ ମହାନ୍ତ

ଦେବଗଡ଼,୦୬/୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲାର ପୂର୍ବତନ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ପଦଳି ହୋଇଥିବା ବେଳେ ଦେବଗଡ଼ରେ ନୂତନ ଉପଜିଲ୍ଲାପାଳ ଭାବେ ରଶ୍ମି ରଞ୍ଜନ ମହାନ୍ତ (ଓଏଏସ୍) ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଆନୁଷ୍ଠାନିକ ଭାବେ ନୂତନ ଦାୟିତ୍ୱ ନେଇଛନ୍ତି ।ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ମହାନ୍ତ ଉପଖଣ୍ଡର ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସମସ୍ୟାର ସମାଧାନ ଓ ସରକାରୀ ସେବାକୁ ଲୋକଙ୍କ ନିକଟରେ ସୁଗମ ଭାବେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବେ ବୋଲି ଆଶା ପ୍ରକାଶ ପାଇଛି ।ନୂତନ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣକୁ ନେଇ ପ୍ରଶାସନିକ ମହଲରେ ଶୁଭେଚ୍ଛା ଜଣାଯାଇଛି।



ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନରେ ‘ନମୋ ସେବା ଗାଥା’ ନାଟକ ମଞ୍ଚସ୍ଥ

ବାଲିଗୁଡା : ୬/୧୦ (ଅକ୍ଷର ଓଡିଶା)ଗାନ୍ଧୀ ସ୍ମୃତି ଭବନ ପରିସରରେ ‘ନମୋ ସେବା ଗାଥା’ ଶୀର୍ଷକ ଏକ ସଚେତନତାଧର୍ମୀ ନାଟକ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଳିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଯୁଧିଷ୍ଠିର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ବିଶିଷ୍ଟ ସମାଜସେବୀ ପଣ୍ଡିତ ବିଶିମାଝୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ ।ଭୁବନେଶ୍ୱରର



ସୁନାମଧନ୍ୟ ‘ହରି ଭାଇ କମେଡି ଗ୍ରୁପ୍’ର କଳାକାରମାନଙ୍କ ଦ୍ୱାରା ନାଟକଟି ଅତ୍ୟନ୍ତ ନିଖୁଣ ଓ ମନୋରଞ୍ଜନପୂର୍ଣ୍ଣ ଶୈଳୀରେ ପରିବେଷଣ କରାଯାଇଥିଲା। ହସ-ଖୁସି ଓ ସାମାଜିକ ବାର୍ତ୍ତା ମାଧ୍ୟମରେ କଳାକାରମାନେ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲେ ।ଫୁଲବାଣୀ ସହରର ବହୁ ବୁଦ୍ଧିଜୀବୀ, ସାଧାରଣ ଜନସାଧାରଣଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ନାଟକକୁ ଭରପୂର ଉପଭୋଗ କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମଟି ବେଶ୍ ଉତ୍ସାହ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହୋଇଛି।

ଅକ୍ଷର
AKHYARA ODISHA ଓଡ଼ିଶା

ଭାରତ-ୱେଷ୍ଟଇଣ୍ଡିଜ୍ ପ୍ରଥମ ଟି-୨୦

୮ ୱିକେଟରେ ଭାରତ ବିଜୟ

ଲକ୍ଷ୍ନୌ, ୦୬/୧୦ : ଉତ୍ତରପ୍ରଦେଶର ଲକ୍ଷ୍ନୌ ସ୍ଥିତ ଇକାନା ଷ୍ଟାଡିୟମରେ ଜାରି ଥିବା ପ୍ରଥମ ଟି-୨୦ରେ ଭାରତକୁ ୱେଷ୍ଟଇଣ୍ଡିଜ୍ ୧୭୨ ରନ୍‌ର ଟାର୍ଗେଟ ଦେଇଛି। ଟସ୍ ହାରି ଅତିଥି ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୧ ରନ୍ ସଂଗ୍ରହ କରିଛି। ୱେଷ୍ଟଇଣ୍ଡିଜର ୨ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିଲା ବେଳେ ଭାରତ ପାଇଁ ନମନ ଧୀର ସର୍ବଶ୍ରେଷ୍ଠ ବୋଲିଂ କରିଛନ୍ତି। ଟସ୍ ହାରି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ଭଲ ଆରମ୍ଭ କରିଥିଲା । କାମିଲ୍ ପୁରନ୍ ୧୧ଟି ବଲ୍‌ରୁ ୧୨ ରନ୍ କରିଥିବା ବେଳେ ଅଧିନାୟକ ଶାଇ ହୋପ୍‌ଙ୍କ ସହ ପ୍ରଥମ ୱିକେଟ୍ ପାଇଁ ୩୮ ରନ୍‌ର ଭାଗୀଦାରି କରିଥିଲେ। ଏହା ପରେ ସିମ୍ରନ୍ ହେଟମାୟର ୫ ରନ୍ କରି ରନ୍ ଆଉଟ୍ ହୋଇଥିଲେ। ରୋଭମ୍ୟାନ୍ ପାୱେଲ୍ ଖାତା ଖୋଲିନପାରି ଆଉଟ୍ ହୋଇଥିଲେ। ପାୱାର-ପ୍ଲେ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ୩ଟି ୱିକେଟ୍ ହରାଇ ୪୪ ରନ୍ କରିଥିଲା। ପରେ ଅଧିନାୟକ ସାଇ ହୋପ୍ ୩୭ଟି ବଲ୍‌ରୁ ୬ଟି ଚୌକା ଓ ୨ଟି ଛକା ସହ ୫୨ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଥିଲେ। ସେ ରଦରଫୋର୍ଡଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୬୩ ରନ୍ ଯୋଡ଼ିଥିଲେ । ରୋଷ୍ଟନ୍ ଚେସ୍ ୫ ରନ୍ କରିଥିବା ବେଳେ ୧୧୪ ରନ୍‌ରେ ୱେଷ୍ଟଇଣ୍ଡିଜ୍ ଅଧା ଦଳକୁ ହରାଇଥିଲା। ରୋମାରିଓ ଶେଫର୍ଡ ୭, ମାଥ୍ୟୁ ଫୋର୍ଡ ୨ ଏବଂ ଶମର ସ୍ପ୍ରିଙ୍ଗର୍ ୯ ରନ୍ କରି ଶୀଘ୍ର ପ୍ୟାଭିଲିୟନ୍ ଫେରିଥିଲେ। ୧୯ତମ ଓଭରରେ ମୟଙ୍କ ଯାଦବଙ୍କ ବୋଲିଂରେ ରଦରଫୋର୍ଡ ଆଉଟ୍ ହୋଇଥିଲେ। ଅକିଲ୍ ହୁସେନ୍ ୧୫ ରନ୍ କରି ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶେଷରେ ଆଉଟ୍ ହୋଇଥିଲେ । ଟିମ୍ ଇଣ୍ଡିଆ ସାମ୍ନାରେ ନିର୍ଦ୍ଧାରିତ ୨୦ ଓଭରରେ ୧୭୨ ରନ୍‌ର ଟାର୍ଗେଟ୍ ରହିଥିଲା । ଭାରତୀୟ ଦଳ ଦ୍ୱିତୀୟରେ ବ୍ୟାଟିଂ କରି ଦଳ ପକ୍ଷରୁ ଅଭିଷେକ ଶର୍ମା ଓ ସଂଜୁ ସାମ୍‌ସଙ୍ଗ ଇନିସ ଆରମ୍ଭ କରିଥିଲେ, ଅଭିଷେକ ୧୦ବଲରେ ୩ଚୌକ ଓ ୧ଛକା ସହ ୨୧ରନ କରିଥିଲେ, ଓ ସଂଜୁ ୯ବଲରେ ୧୧ରନ କରିଥିଲେ, ୧୪.୪ ଓଭରରେ ୨ଟି ୱିକେଟ ହରାଇ ୧୭୨ରନର ବିଜୟ ଲକ୍ଷ ହାସଲ କରିନେଇଛି। ଶ୍ରେୟସଙ୍କ ଅପରାଜିତ ଶତକ ବଳରେପ୍ରଥମ ଟି-୨୦ ମ୍ୟାଚକୁ ଜିତି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ ରେ ସିରିଜ ଆଗୁଆ ହୋଇଛି । ଶ୍ରେୟସ ୪୩ବଲରେ ୧୦ଚୌକା ଓ ୬ଛକା ବଳରେ ୧୦୨ରନର ଅପରାଜିତ ପାଳି ଖେଳିଥିଲେ । ତାଙ୍କର ଟି-୨୦ ମ୍ୟାଚରେ ପ୍ରଥମ ଶତକ ବଳରେ ଟିମ୍‌କୁ ବିଜୟ ଦେଇଥିଲେ। ତାଙ୍କୁ ଈଶାନ କିଷାନ ସହଯୋଗ କରି ୨୭ବଲରେ ୫ଚୌକ ସହ ୩୭ରନ କରି ଅପରାଜିତ ରହିଥିଲେ।

◆ ଶ୍ରେୟସଙ୍କ ଦମ୍‌ଦାର ଶତକ



ବ୍ରିସବେନ୍-୨୦୩୨ର କାକାଟୁ ଲୋଗୋ ଉନ୍ମୋଚିତ

ବ୍ରିସବେନ୍, ୦୬/୧୦ : ଆଗାମୀ ବ୍ରିସ୍‌ବେନ୍-୨୦୩୨ ଅଲିମ୍ପିକ୍ସ କମିଟି ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସର ଲୋଗୋ ଆନୁଷ୍ଠାନିକ ଭାବେ ଉନ୍ମୋଚନ ହେବା ପୂର୍ବରୁ ଲିକ୍ ହୋଇଯାଇଛି। ଏହି ଲୋଗୋର ଭିଡିଓ ପ୍ରସାର ହେଉ ହେଉ କ୍ରୀଡ଼ାପ୍ରେମୀ ଉତ୍ସାହିତ ହୋଇଥିଲେ ଏବଂ ପସନ୍ଦ କରିଥିଲେ। ଫଳରେ ଅଲିମ୍ପିକ୍ସ ଆୟୋଜକ କମିଟି ଲିକ୍ ହୋଇଥିବା କାକାଟୁ ଲୋଗୋକୁ ୨୦୩୨ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଲାଗି ଆନୁଷ୍ଠାନିକ ଭାବେ ସୋମବାର ଉନ୍ମୋଚନ କରିଛି। ନିର୍ଦ୍ଧାରିତ ସମୟର ୩ ଦିନ ପୂର୍ବରୁ ଆୟୋଜକ କମିଟିର ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଭୁଲ୍‌ବଶତଃ ଲୋଗୋର ଭିଡିଓ ପ୍ରକାଶ ପାଇଥିଲା। ଏହା ପରେ ଆୟୋଜକ ତୁରନ୍ତ ସାମ୍ବାଦିକ ସମ୍ମିଳନୀ ଡାକି ଘଟଣାର ସ୍ପଷ୍ଟୀକରଣ ଦେଇଥିଲେ। ଲୋଗୋ ପ୍ରସ୍ତୁତିରେ କୁଇନ୍ସଲାଣ୍ଡର ପ୍ରାକୃତିକ ପରିବେଶକୁ ପ୍ରତିଫଳିତ କରାଯାଇଛି। ଏଥିରେ ରାଜ୍ୟର ପ୍ରବାଳ ପ୍ରାଚୀର, ସମୁଦ୍ରତଟ, ପାହାଡ଼ିଆ ଅଞ୍ଚଳ ସମେତ ପ୍ରାକୃତିକ ବିବିଧତାର ଝଲକ ରହିଛି। ଏହା ମାଧ୍ୟମରେ ୨୦୩୨ ପର୍ଯ୍ୟନ୍ତ ବ୍ରିସବେନ୍‌ର ଲୋକ, ସ୍ଥାନ ଓ ଉତ୍ସାହକୁ ଏକାଠି କରିବାର ପ୍ରୟାସ କରାଯାଇଛି।

ମହିଳା ସୁରକ୍ଷା ଅଭିଯାନରେ ଲଭ୍‌ଲୀନା



ନୂଆଦିଲ୍ଲୀ, ୦୬/୧୦: ଦିଲ୍ଲୀ ପୁଲିସର ମହିଳା ସୁରକ୍ଷା ଅଭିଯାନରେ ଏସୀୟ କ୍ରୀଡ଼ା ସର୍ଣ୍ଣ ବିଜୟିନୀ ଭାରତୀୟ ମୁଷ୍ଟିଯୋଦ୍ଧା ଲଭ୍‌ଲୀନା ବଡ଼ଗୋହାଇଁ ସାମିଲ ହୋଇଛନ୍ତି। ସୋମବାର ରାଜୌରୀ ଗାର୍ଡେନ ମାର୍କେଟ ଅଞ୍ଚଳରେ ସେ ମହିଳା ପୁଲିସ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରିଛନ୍ତି। ଏହି ଅବସରରେ ଲଭ୍‌ଲୀନା କହିଛନ୍ତି, ''ମହିଳାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୁଲିସର ଏହି ପଦକ୍ଷେପ ପ୍ରଶଂସନୀୟ। ଏଭଳି ଅଭିଯାନ ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବ। ସେମାନେ ଭୟ ନକରି ସାଧୀନ ଭାବେ ଚଳାଚଳ କରିପାରିବେ। ମହିଳା ସୁରକ୍ଷାକୁ ସବୁ ଦିଗରୁ ଗୁରୁତ୍ୱ ଦିଆଗଲେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ''। ମହିଳା ସଶକ୍ତୀକରଣରେ ମହିଳା କ୍ରୀଡ଼ାବିତ୍‌ଙ୍କ ମଧ୍ୟ ଭୂମିକା ରହିଛି ବୋଲି ଲଭ୍‌ଲୀନା କହିଥିଲେ। ଦେଶ ପାଇଁ କାମ କରିବା ସହ ମହିଳାଙ୍କ ସଶକ୍ତୀକରଣ ଦିଗରେ ଯୋଗଦାନ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତ ଦେଇଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୨ରେ ଏସୀୟ କ୍ରୀଡ଼ା ମହିଳା ୭୫ କିଲୋଗ୍ରାମ୍ ଫାଇନାଲରେ ଚୀନ୍‌ର ବାଓ ଜିୟିଙ୍କୁ ୫-୦ରେ ହରାଇ ଲଭ୍‌ଲୀନା ସର୍ଣ୍ଣ ଜିତିଥିଲେ। ଏହି ବର୍ଗରେ ଏସୀୟ କ୍ରୀଡ଼ାରେ ଏହା ଭାରତର ପ୍ରଥମ ସର୍ଣ୍ଣ ପଦକ।

ଭୁଶୁଡି ପଡିଲା ବିଦ୍ୟାଳୟ ବାହ୍ୟ ପ୍ରାଚୀର



ଖଣ୍ଡପଡ଼ା, ୬/୧୦ (ଅକ୍ଷର ଓଡ଼ିଶା) ଲଗାଣ ବର୍ଷାର ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ଉଚ୍ଚ ବିଦ୍ୟାଳୟର ବାହ୍ୟ ପ୍ରାଚୀର ଭୁଶୁଡି ତଳେ ଖସି ପଡିଥିବା ଜଣାପଡିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁଁ ବିଦ୍ୟାଳୟ ପ୍ରାଚୀର ଭୁଶୁଡି ପଡିଥିବା ନେଇ ଅଭିଯୋଗ ଉଠାଇ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତୁରନ୍ତ ଉକ୍ତ ବିଦ୍ୟାଳୟର ପ୍ରାଚୀର ନିର୍ମାଣ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନାଯୋଗ୍ୟ ତତ୍କାଳୀନ ସରକାରଙ୍କ ଅମଳରେ ୫-ଟି ରୂପାନ୍ତରୀକରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ମାତ୍ର ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ତଦାରଖ ଦାୟୀତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ସାଙ୍ଗକୁ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନୀ ଯୋଗୁଁ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସେହି ସମୟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କେହି ହେଲେ ସେତେ ବେଳେ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ସେତେଟା ନଜର ଦେଇ ନଥିବା ନେଇ ସିଙ୍ଘାପଡା ଗ୍ରାମବାସୀଙ୍କ ଠାରୁ ଜଣାପଡିଛି।

ଦିଲ୍ଲୀ କ୍ୟାପିଟାଲ୍‌ସର ମୁଖ୍ୟ ପ୍ରଶିକ୍ଷକ ହେଲେ ଗାଙ୍ଗୁଲି

ନୂଆଦିଲ୍ଲୀ, ୦୬/୧୦: ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ ପ୍ରଶିକ୍ଷକ ହେଲେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି। ଆଗାମୀ ଆଇପିଏଲ୍ ଋତୁରୁ ସେ ଦଳର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ ବୋଲି ମଙ୍ଗଳବାର ଫ୍ରାଞ୍ଚାଇଜି ପକ୍ଷରୁ ଘୋଷଣା କରାଯାଇଛି। ୨୦୧୯ରେ ପରାମର୍ଶଦାତା ଭାବେ ସେ ଦିଲ୍ଲୀ କ୍ୟାପିଟାଲ୍ସ ସହ ଯୋଡ଼ି ହୋଇଥିଲେ। ଏଥିସହ ଫ୍ରାଞ୍ଚାଇଜିର ପୁରୁଷ ଓ ମହିଳା ଦଳର କ୍ରିକେଟ୍ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଗାଙ୍ଗୁଲି ଏବେ ମୁଖ୍ୟ ପ୍ରଶିକ୍ଷକ ଭାବେ ଦଳର ଦାୟିତ୍ୱ ସମ୍ଭାଳିବେ। ଗାଙ୍ଗୁଲିଙ୍କ ନିଯୁକ୍ତି ନେଇ ଦିଲ୍ଲୀ କ୍ୟାପିଟାଲ୍ସର ଅଧକ୍ଷ ତଥା ସହମାଲିକ ପାର୍ଥ ଜିନ୍ଦଲ କହିଛନ୍ତି, ''ଦାଦା ଦିଲ୍ଲୀ କ୍ୟାପିଟାଲ୍ସ ପରିବାରର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। ଭାରତର ଜଣେ ଶ୍ରେଷ୍ଠ ଅଧିନାୟକ ଏବେ ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନେଉଥିବାରୁ ମୁଁ ବହୁତ ଖୁସି। ତାଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ଦଳକୁ ଆଇପିଏଲ୍ ଟ୍ରଫି ଜିତିବାରେ ସହାୟକ ହେବ ବୋଲି ଆମର ବିଶ୍ୱାସ।'' ନୂଆ ଦାୟିତ୍ୱ ପରେ ଗାଙ୍ଗୁଲି କହିଛନ୍ତି, ''ଆଇପିଏଲ୍‌ରେ ମୁଖ୍ୟ ପ୍ରଶିକ୍ଷକ ଭାବେ କାମ କରିବାକୁ ଉତ୍ସାହିତ। ଦିଲ୍ଲୀ କ୍ୟାପିଟାଲ୍ସ ମୋ ନିଜ ଦଳ। ମାଲିକ, ପରିଚାଳନା, ସହାୟକ କର୍ମଚାରୀ ଓ ଖେଳାଳିଙ୍କ ସହ ମୁଁ ବହୁଦିନ ଧରି କାମ କରିଆସିଛି। ଆମ ପାଖରେ ଭଲ ଖେଳାଳି ଅଛନ୍ତି। ଆଗାମୀ ଋତୁରେ ଏକ ଶକ୍ତିଶାଳୀ ଓ ନିର୍ଭୀକ ଦଳ ଗଢ଼ିବା ଦିଗରେ ଆମେ କାମ କରିବୁ।''



ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ଶିବିର



ସୁବର୍ଣ୍ଣପୁର, ୬/୧୦ (ପବିତ୍ର ସିଂ ବରିହା): ସୁବର୍ଣ୍ଣପୁର ଜିଲ୍ଲା ବିନିକାସ୍ଥିତ ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ରେଖା ପ୍ରଧାନଙ୍କ ସଭାପତିତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଏଲ୍‌ଡିଓ ରିତେଶ କୁମାର ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇ, ସୁବର୍ଣ୍ଣପୁରର ଏଲ୍‌ଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, ଏସ୍‌ବିଆଇ ବିନିକା ଶାଖାର ମୁଖ୍ୟ ପରିଚାଳକ ଅଙ୍କୁର ସେଠୀ ଏବଂ ଏସ୍‌ବିଆଇ ସୁବର୍ଣ୍ଣପୁରର ଆର୍ଥିକ ସାକ୍ଷରତା ପରାମର୍ଶଦାତା ଘନଶ୍ୟାମ ମେହେର ଯୋଗଦେଇଥିଲେ।ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସାକ୍ଷରତା, ବ୍ୟାଙ୍କିଂ ସେବାର ସୁରକ୍ଷିତ ବ୍ୟବହାର ଏବଂ ଅନଲାଇନ୍ ତଥା ଡିଜିଟାଲ ଠକେଇରୁ ନିଜକୁ ସୁରକ୍ଷିତ ରଖିବା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଇଥିଲେ।ଏହି ଅବସରରେ ଗ୍ରନ୍ଥାଗାରିକ ଗରିବ ସେଲମା ଓ ଖେଳ ଅଧ୍ୟାପକ ନାରାୟଣ ଚୌଧୁରୀଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଡ. ନୀଳମାଧବ ଛତ୍ର, ଝଲକ କୁମାର ମିଶ୍ର, ରୋହିତ ଧରୁଆ, ଆଶୀର୍ବାଦ ପ୍ରଧାନ, ମନିଷ ଆଚାର୍ଯ୍ୟ, ଦେବେଶ ଗଡ଼ନାଏକ, ବିଶ୍ୱମୟ ଗୁରୁ, ଦିପ୍ତିମୟୀ ଭୋଇ, ଦେବାଶିଷ ଷାଣ୍ଡ ଏବଂ ଅନ୍ୟ କର୍ମଚାରୀଙ୍କ ସହ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।ଅଧ୍ୟାପକ ଧନେଶ୍ୱର ସାହୁ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ନାରାୟଣ ଚୌଧୁରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

୫ ଜଣ ଖେଳାଳିଙ୍କୁ ବାହାର କରିପାରେ ମୁମ୍ବାଇ ଇଣ୍ଡିଆନ୍ସ

ମୁମ୍ବାଇ, ୦୬/୧୦: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସଦଳରେ ବଡ଼ ପରିବର୍ତ୍ତନ ଦେଖାଯାଇପାରେ। ଟୁର୍ଣ୍ଣାମେଣ୍ଟର ଗତ କିଛି ସଂସ୍କରଣରେ ଦଳର ପ୍ରଦର୍ଶନ ଆଶା ଅନୁଯାୟୀ ହୋଇପାରିନାହିଁ। ଗତ ସଂସ୍କରଣରେ ଦଳ ପଏଣ୍ଟ ଟେବୁଲରେ ନବମ ସ୍ଥାନରେ ରହିଥିଲା। ଅନେକ ଖେଳାଳି ଲଗାତାର ସୁଯୋଗ ପାଇବା ସତ୍ତ୍ୱେ ପ୍ରଭାବ ପକାଇପାରି ନଥିଲେ। ଏପରି ପରିସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରେ ଏବଂ ଦଳର ଭବିଷ୍ୟତ ଯୋଜନାରେ ଫିଟ୍ ହେଉନଥିବା ଖେଳାଳିଙ୍କୁ ମୁକ୍ତ କରିପାରେ ବୋଲି ଆଶା କରାଯାଉଛି। ସମ୍ଭବତଃ ଯେଉଁ ୫ ଜଣ ଖେଳାଳି ଦଳରୁ ବାହାରି ପାରନ୍ତି ସେମାନେ ହେଲେ । ତେବେ ଟିମ୍‌ରୁ ଯଦି ୫ଜଣ ଖେଳାଳି ବାହାର ହୁଅନ୍ତି, ତାଙ୍କ ସ୍ଥାନରେ କାହାକୁ ସ୍ଥାନ ମିଳିପାରେ ସେନେଇ ସୂଚନା ମିଳିନାହିଁ।



ଟ୍ରେଣ୍ଟ ବୋଲ୍ଟ

ନ୍ୟୁଜିଲାଣ୍ଡର ଖେଳାଳି ତଥା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ (୩୭) ଆଉ ପୂର୍ବ ପରି ଭଲ ବୋଲିଂ କରୁନାହାଁନ୍ତି ବୋଲି ଚର୍ଚ୍ଚା ହେଉଛି। ସେ ଗତ ସିଜନରେ ବହୁତ ମହଙ୍ଗା ପ୍ରମାଣିତ ହୋଇଥିଲେ। ମୁମ୍ବାଇ ପାଇଁ ପାଞ୍ଚଟି ମ୍ୟାଚ୍‌ରେ ସେ କେବଳ ଦୁଇଟି ୱିକେଟ୍ ନେଇଥିଲେ ଏବଂ ପ୍ରାୟ ୧୨ ଇକୋନୋମି ହାରରେ ରନ୍ ଦେଇଥିଲେ। ତେଣୁ ତାଙ୍କୁ ଦଳ ମୁକ୍ତ କରିପାରେ। ଫ୍ରାଞ୍ଚାଇଜ୍ ତାଙ୍କୁ ୧୨.୫ କୋଟି ଟଙ୍କାରେ କିଣିଛି।

ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସରୁ ମୁକ୍ତ କରିପାରେ। ସେ ଅଧିନାୟକ ଭାବରେ ଏବଂ ବ୍ୟାଟ୍ ଏବଂ ବଲ୍ ଉଭୟ ଭାବରେ ଫ୍ରାଞ୍ଚାଇଜ୍ ପାଇଁ ପ୍ରଭାବ ପକାଇ ପାରିନାହାଁନ୍ତି। ଏନେଇ ବହୁତ ଦିନ ଧରି ଗୁଜବ ଚାଲିଛି। ଚେନ୍ନାଇ ସୁପର କିଙ୍ଗସ, କୋଲକାତା ନାଇଟ୍ ରାଇଡର୍ସ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ହାର୍ଦ୍ଦିକଙ୍କୁ ନେବା ପାଇଁ ଆଗ୍ରହୀ ଅଛନ୍ତି।

ଶାର୍ଦ୍ଦୁଳ ଠାକୁର

ଆଇପିଏଲ ୨୦୨୬ରେ ଶାର୍ଦ୍ଦୁଳ ଠାକୁର ମୁମ୍ବାଇ ପାଇଁ ନଅଟି ମ୍ୟାଚ୍ ଖେଳିଥିଲେ। ସେ ୧୨ ୱିକେଟ୍ ନେଇଥିଲେ। କିନ୍ତୁ ୧୨.୨୭ ଇକୋନୋମି ହାରରେ ରନ୍ ଦେଇଥିଲେ। ଏହା ତାଙ୍କ ମୁକ୍ତିର ସମ୍ଭାବନାକୁ ଅଧିକ କରୁଛି।

ମୟଙ୍କ ମାର୍କଣ୍ଡେ

ପଞ୍ଜାବ ଲେଗ୍-ସ୍ପିନର ମୟଙ୍କ ମାର୍କଣ୍ଡେ ଗତ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ତିନୋଟି ମ୍ୟାଚ୍ ଖେଳିଥିଲେ। ସେ ୧୫ରୁ ଅଧିକ ଇକୋନୋମି ହାରରେ ରନ୍ ଦେଇଥିଲେ ଏବଂ ଗୋଟିଏ ବି ୱିକେଟ୍ ନେଇ ନଥିଲେ। ତାଙ୍କର ମୁକ୍ତି ନିଶ୍ଚିତ ବୋଲି ବିବେଚନା କରାଯାଉଛି।

ଦୀପକ ଚହର


ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଦୀପକ ଚହରଙ୍କ ପ୍ରଦର୍ଶନ ହାରାହାରି ରହିଛି। ଗତ ଦୁଇଟି ସିଜନରେ ସେ ଫ୍ରାଞ୍ଚାଇଜ୍ ପାଇଁ ୨୨ ମ୍ୟାଚ୍‌ରେ ୧୯ ୱିକେଟ୍ ନେଇଛନ୍ତି। ୧୦ ଇକୋନୋମି ହାରରେ ରନ୍ ଦେଇଛନ୍ତି। ଦୀପକ ୩୪ ବର୍ଷ ବୟସର ଏବଂ ତାଙ୍କର ଫିଟନେସ୍ ସମସ୍ୟା ଅଛି।

୮ ତାରିଖରେ ଓଡ଼ିଶା ବନ୍ଦ ଡାକରା

ରେଢ଼ାଖୋଲ କଂଗ୍ରେସର ପ୍ରେସମିଟ୍

ରେଢ଼ାଖୋଲ,୬/୧୦ (ରାଜେଶ ପ୍ରଧାନ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଦିନ ଏକ ପ୍ରେସମିଟ୍ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆସନ୍ତା ୮ ତାରିଖରେ ୩ ଗୋଟି ମୁଖ୍ୟ ଦାବିକୁ ନେଇ ଇଣ୍ଡି ମେଣ୍ଟ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରେଢ଼ାଖୋଲ ସହରରେ ଓଡିଶା ବନ୍ଦ ର ସଫଳତା ପାଇଁ ରେଢ଼ାଖୋଲ ନଗର କଂଗ୍ରେସ କମିଟି ସଭାପତି ହରେଶ କର୍ଣ୍ଣ ସଭାପତିତ୍ୱରେ ରେଢ଼ାଖୋଲରେ ଥିବା ଭୀମଭୋଇ କଲ୍ୟାଣ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାସ୍ତାଘାଟ, ଯାନବାହନ ବନ୍ଦ ରହିବା ସହିତ ରେଢ଼ାଖୋଲର ସମସ୍ତ ଜନସାଧାରଣ ଓ ରେଢ଼ାଖୋଲ ଦୋକାନ ସଂଘ ସମସ୍ତ ସରକାରୀ କାର୍ଯ୍ୟାଳୟ,ବ୍ୟାଙ୍କ, ସ୍କୁଲ, କଲେଜ ବନ୍ଦ ଡାକରାକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି।

'ସୁରକ୍ଷିତ ଘରକୁ ଫେରନ୍ତୁ' ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭଦ୍ରକ, ୦୬/୧୦.(ଅକ୍ଷର ଓଡିଶା): ଭଦ୍ରକ ଜିଲ୍ଲାର ପିଏମ୍ ଶ୍ରୀ ବି.ଏମ୍. ବାଗୁରାଇ ହାଇସ୍କୁଲରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ 'ସୁରକ୍ଷିତ ଘରକୁ ଫେରନ୍ତୁ' ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇଥିଲେ।ଏହି ଅବସରରେ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ନ ଚଲାଇବା, ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ି ନ ଚଲାଇବା ଏବଂ ଟ୍ରାଫିକ ନିୟମ ପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ସମସ୍ତ ଫର୍ମାଟ୍‌ରୁ ଅଧିନାୟକ ପଦରୁ ଓହରିଯାଇଛନ୍ତି ହର୍‌ମନପ୍ରୀତ

ନୂଆଦିଲ୍ଲୀ, ୦୬/୧୦ : ଭାରତର ଏକମାତ୍ର ମହିଳା କ୍ରିକେଟ୍ ବିଶ୍ୱକପ୍ ବିଜେତା ଅଧିନାୟିକା ହର୍‌ମନପ୍ରୀତ କୌର ମଙ୍ଗଳବାର ସମସ୍ତ ଫର୍ମାଟ୍‌ର ନେତୃତ୍ୱ ଦାୟିତ୍ୱରୁ ଓହରି ଯାଇଛନ୍ତି। ହେଲେ ଖେଳିବା ଜାରି ରଖିବେ ବୋଲି ସେ ସୂଚନା ଦେଇଛନ୍ତି। ଗୁଆହାଟୀରେ ବିସିସିଆଇର ସମୀକ୍ଷା ବୈଠକ ପରେ ହର୍‌ମନପ୍ରୀତଙ୍କ ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି। ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ହର୍‌ମନପ୍ରୀତଙ୍କ ସହ ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ମୁଖ୍ୟ ପ୍ରଶିକ୍ଷକ ଅମୋଲ ମଜୁମଦାର ଉପସ୍ଥିତ ଥିଲେ। ଗତ କିଛି ମାସରେ ଦଳର ପ୍ରଦର୍ଶନ ଓ ଭବିଷ୍ୟତ ଯୋଜନା ନେଇ ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ବୈଠକ ପରେ ହର୍‌ମନପ୍ରୀତ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଏକ ଭାବବିହ୍ୱଳ ପୋଷ୍ଟ କରି ଭାରତୀୟ ମହିଳା କ୍ରିକେଟ୍‌ର ଅଧିନାୟକ ପଦ ଛାଡ଼ିବା ନେଇ ସୂଚନା ଦେଇଥିଲେ। ସେ ଲେଖିଛନ୍ତି, ''ଆଜି ମୁଁ ଭାରତୀୟ ମହିଳା କ୍ରିକେଟ୍ ଦଳର ସମସ୍ତ ଫର୍ମାଟ୍‌ର ଅଧିନାୟକ ପଦରୁ ଓହରିଯାଉଛି। ଏହି ନିଷ୍ପତ୍ତି ଏତେ ସହଜ ନଥିଲା। ଏହା ସହ ବହୁ ବର୍ଷର ସ୍ମୃତି, ଭାବନା, ତ୍ୟାଗ ଓ ଏମିତି ଅନେକ ମୁହୂର୍ତ୍ତ ରହିଛି। ଏସବୁ ଜୀବନସାରା ମୋ ସହ ରହିବ। ମୋତେ ଲାଗୁଛି, ମୋର ଦାୟିତ୍ୱ ଠିକ୍‌ରେ ତୁଲାଇଛି। ଦଳ ପାଇଁ ସବୁକିଛି ଦେଇଛି। ଗର୍ବର ସହ ଏହି ଦାୟିତ୍ୱ ତୁଲାଇଛି ଏବଂ ଭାରତୀୟ ମହିଳା କ୍ରିକେଟ୍‌ର ନେତୃତ୍ୱ ନେବାର ସୁଯୋଗ ପାଇଥିବାରୁ ସବୁବେଳେ କୃତଜ୍ଞ ରହିବି। ମୋର ରକ୍ତ, ଝାଳ, ସମୟ ସବୁକିଛି ଦଳ ପାଇଁ ଦେଇଛି। ବେଳେବେଳେ ବ୍ୟକ୍ତିଗତ ପ୍ରଦର୍ଶନ, ନିଜର ବିକାଶ ଓ ନିଜ ପାଇଁ ଚାହୁଥିବା ଜିନିଷକୁ ପଛରେ ବି ଛାଡ଼ି ଦେଇଛି। କାରଣ ବିଶ୍ୱାସ ଥିଲା ଦଳ ପ୍ରଥମ। ଏବେ ନୂଆ ପୃଷ୍ଠା ଖୋଲିବାର ସମୟ। ଅଧିନାୟକ ପଦ ଆଜି ଶେଷ ହେଲା, କିନ୍ତୁ ଭାରତୀୟ କ୍ରିକେଟ୍ ପ୍ରତି ମୋର ଭଲପାଇବା କେବେ ଶେଷ ହେବନି।

କ୍ରିକେଟ୍‌କୁ ଭଲ ପାଇବା ଜାରି ରହିବ ଏବଂ ଖେଳିବାକୁ ବି ପ୍ରସ୍ତୁତ। ଅଧିନାୟକ ଭାବେ ମୋତେ ଅନେକ କଠିନ ନିଷ୍ପତ୍ତି ନେବାକୁ ପଡ଼ିଛି। ହେଲେ ନିଷ୍ପତ୍ତି ସବୁବେଳେ ସହଜ ନଥିଲା। ବେଳେବେଳେ ଏଥିପାଇଁ ବ୍ୟକ୍ତିଗତ କ୍ଷତି ମଧ୍ୟ ସହିଛି। କିନ୍ତୁ ପ୍ରତ୍ୟେକ ନିଷ୍ପତ୍ତିର ଗୋଟିଏ ଉଦ୍ଦେଶ୍ୟ ଥିଲା, ଦଳକୁ ଆହୁରି ଭଲ କରିବା ଏବଂ ଅନ୍ୟ ଖେଳାଳିଙ୍କୁ ଆଗକୁ ଛାଡ଼ିବା। ମୁଁ ସବୁକିଛି ଦେଖିଛି। କଠିନ ସମୟ, ନିରାଶା, ସମାଲୋଚନା, ସନ୍ଦେହ ଓ ଏମିତି ଦିନ, ଯେତେବେଳେ କିଛି ବି ଆମ ସପକ୍ଷରେ ଯାଉ ନଥିଲା। ତା' ସହ ଜିତିବା, ଉତ୍ସବ ମନାଇବା, ଦେଶ ପାଇଁ ଖେଳିବାର ଗର୍ବ ଏବଂ ଏମିତି ମୁହୂର୍ତ୍ତ ମଧ ଅନୁଭବ କରିଛି। ଯାହା ପାଇଁ ପ୍ରତ୍ୟେକ ତ୍ୟାଗ ମୋତେ ସାର୍ଥକ ଲାଗିଥିଲା। ମୋର ବିଶ୍ୱାସ, ଦଳ ଏବେ ଭଲ ସ୍ଥାନରେ ଅଛି।'' ୨୦୧୬ରେ ପ୍ରଥମ ଥର ଟ୍ୱେଣ୍ଟି-୨୦ ଦଳର ଅଧିନାୟିକା ହୋଇଥିବା ହର୍‌ମନପ୍ରୀତ ପ୍ରାୟ ଏକ ଦଶନ୍ଧି ଧରି ଏହି ଦାୟିତ୍ୱ ତୁଲାଇଛନ୍ତି। ୨୦୨୨ରେ ସେ ଦିନିକିଆ ଦଳର ନେତୃତ୍ୱ ନେଇଥିବା ବେଳେ ୨୦୨୩ରୁ ସମସ୍ତ ଫର୍ମାଟ୍‌ର ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। କିଛିଦିନ ତଳେ ସେ ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେବାକୁ ଚାହୁଥିବା କହିଥିଲେ। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ଗତବର୍ଷ ପ୍ରଥମ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଜିତିଥିଲା। ଏହାଛଡ଼ା ନିକଟରେ ଏସୀୟ କ୍ରୀଡ଼ାରେ ଭାରତକୁ ଲଗାତାର ଦ୍ୱିତୀୟ ସର୍ଣ୍ଣ ପଦକ ଭେଟି ଦେଇଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ତାଙ୍କ ନେତୃତ୍ୱରେ ଭାରତ ରୌପ୍ୟ ପଦକ ଜିତିଥିଲା। ମୋଟ ଉପରେ ସେ ୫ ଟେଷ୍ଟ, ୫୧ ଦିନିକିଆ ଓ ୧୫୫ ଟ୍ୱେଣ୍ଟି-୨୦ରେ ଭାରତର ନେତୃତ୍ୱ ନେଇଛନ୍ତି। ତେବେ ଚଳିତ ବର୍ଷ ଭାରତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ପହଞ୍ଚି ନ ପାରିବା ଏବଂ ଏହି ଛୋଟ ଫର୍ମାଟ୍‌ରେ ହର୍‌ମନପ୍ରୀତଙ୍କ ପ୍ରଦର୍ଶନ ଭଲ ନଥିବାରୁ ସମାଲୋଚନାର ଶିକାର ହେଉଥିଲେ।



ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera